RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

# ନିତିଦିନ NITIDIN

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY 10 AUGUST 2025
ରବିବାର ୧୦ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 87 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୮୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

### ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମୋତ୍ସବ ନୀତି

## ମହାପ୍ରଭୁଙ୍କ ବାହୁରେ ରାଖୀ ବାନ୍ଧିଲେ ମା' ସୁଭଦ୍ରା



**ପୁରୀ,୯।୮/ଏନ୍ଏନ୍ଏସ୍:**

ପବିତ୍ର ଗହ୍ମା ପୂର୍ଣ୍ଣମୀରେ ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମୋତ୍ସବ ନୀତି ପାଳିତ ହୋଇଛି। ମହାବାହୁଙ୍କ ବାହୁରେ ରାଖୀ ବାନ୍ଧିଛନ୍ତି ଭଉଣୀ ମା' ସୁଭଦ୍ରା। ସ୍ନେହ ଓ ବିଶ୍ୱାସର ଏହି ପର୍ବରେ ମା'ସୁଭଦ୍ରା ପାଟରା ବିଶୋୟୀ ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଶାଳ ଓ ସ୍ୱତନ୍ତ୍ର ରାକ୍ଷୀକୁ ବଡ଼ଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁରେ ବାନ୍ଧିଛନ୍ତି। ଶ୍ରୀ ମନ୍ଦିରରେ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ସିଂହାରୀ ସେବକଙ୍କ ଦ୍ୱାରା ରକ୍ଷା ବନ୍ଧନ ନୀତି ସମ୍ପାଦିତ ହୋଇଥିବା ବେଳେ ମାର୍କଣ୍ଡ ପୁଷ୍କରିଣୀରେ ବଳଭଦ୍ର ଜନ୍ମନୀତି କରାଯାଇଥିଲା। ଶ୍ରୀମନ୍ଦିରରେ ଏହି ଶ୍ରଦ୍ଧାଳୁମାନେ ମହାବାହୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି କୃତ୍ୟକୃତ୍ୟ ହୋଇଥିଲେ। ଶନିବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ସର୍ବାଙ୍ଗ ଓ ନୂଆ ଲୁଗା ଲାଗି କରାଯିବା ସହ ମହାପ୍ରଭୁଙ୍କ ଶ୍ରୀ ହସ୍ତରେ ସିଂହାରୀ ସେବକମାନେ ପାଟରା ବିଶୋୟୀଙ୍କ ଦ୍ୱାରା ପ୍ରଦତ୍ତ ଚାରିଗୋଟି ରାକ୍ଷୀ ଓ ଚାରୋଟି ଗୁଆ ମାଳ ବାନ୍ଧିଥିଲେ। ସ୍ୱତନ୍ତ୍ର ଭାବେ ନିର୍ମିତ ଏହି ରାକ୍ଷୀ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା ବେଳେ ସଂସାରର ମଙ୍ଗଳ ଓ ସୁରକ୍ଷା କାମନା କରି ମା' ସୁଭଦ୍ରା ଭାଇମାନଙ୍କୁ ବାନ୍ଧିଥିଲେ ରାଖୀ। ଆଜି ମଧ ଶ୍ରୀମନ୍ଦିରରେ ବଳଭଦ୍ର ମହାପ୍ରଭୁଙ୍କ ଜନ୍ମ ନୀତି ସନ୍ଧ୍ୟା ଧୂପ ସମୟରେ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ ଆଜି ଦ୍ୱିପହର ଧୂପ ପରେ ମଙ୍ଗଳାର୍ପଣ କରାଯାଇ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିରରୁ ଚକ୍ରରାଜ ସୁଦର୍ଶନ ମହାପ୍ରଭୁ ଚଉଦୋଳରେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବା ସହ ସେଠାରେ ବଳଭଦ୍ରଙ୍କ ଜନ୍ମ ନୀତି ଅନୁଷ୍ଠିତ ହୋଇଥିଲା। ସେଠାରେ ମାଟିର ବଳଭଦ୍ର ପ୍ରତିମା ନିର୍ମାଣ କରାଯିବା ସହ ପୂଜାପଣ୍ଡା ସେବକ ଜୀବନ୍ୟାସ ଦେବା ପରେ ଜାତକର୍ମ ଅନୁଷ୍ଠିତ ହୋଇଥିଲା। ପରେ ପଞ୍ଚୋପଚାର, ଶୀତଳ ମଣୋହୀ ଓ ବନ୍ଦାପନା କରାଯାଇ ବଳଭଦ୍ରଙ୍କ ମାଟି ପ୍ରତିମାକୁ ମାର୍କଣ୍ଡ ପୁଷ୍କରଣୀରେ ବିସର୍ଜନ କରାଯାଇଥିଲା। ଏହା ପରେ ବିମାନବଡୁ ସେବକମାନେ ସୁଦର୍ଶନଙ୍କୁ ବିମାନରେ ବସାଇ ଚାରି ଆଶ୍ରମ ଭ୍ରମଣ କରାଇବା ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଜି ପୂର୍ଣ୍ଣମୀ ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସୁରକ୍ଷା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### କୋରାପୁଟରେ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ୧ କୋଟି ମହିଳା ପାଇଲେ ସୁଭଦ୍ରା ତୃତୀୟ କିସ୍ତି

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:**




'ସୁଭଦ୍ରା ଯୋଜନା' ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ସଫଳ ହୋଇଛି। ଏହା ସେମାନଙ୍କର ପରିବାରକୁ ଆର୍ଥିକ ଶକ୍ତି ଦେବା ସହିତ ସେମାନଙ୍କୁ ଉଦ୍ୟମୀ ମହିଳା ଭାବେ ଗଢ଼ି ତୋଳିବାରେ ବଳ ଯୋଗାଇଛି। ଶନିବାର କୋରାପୁଟ ଜିଲ୍ଲାର ଜୟପୁର ଠାରେ ଓଡ଼ିଶାର ସର୍ବବୃହତ୍ ମହିଳା ସଶକ୍ତିକରଣ ଯୋଜନା 'ସୁଭଦ୍ରା'ର ତୃତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆର୍ଥିକ ଅଭାବରୁ ଯେଉଁ ମା'ମାନେ ନିଜ ସ୍ୱପ୍ନକୁ ଛାଡ଼ିବାକୁ ବାଧ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସାଜିଛି 'ସୁଭଦ୍ରା'। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଓ ଆତ୍ମନିର୍ଭର ଭାରତ ଗଢିବାରେ ସାମିଲ ହେବା। ଏହି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ମା'ମାନେ ନିଜ ନିଜ ଛୋଟ ବଡ଼ ବ୍ୟବସାୟ ଆରମ୍ଭ କରିପାରିଛନ୍ତି, ଆଉ କିଛି ଅଧିକ ପୁଞ୍ଜି ବିନିଯୋଗ କରି ନିଜ ନିଜର କ୍ଷୁଦ୍ର ବ୍ୟବସାୟକୁ ବୃଦ୍ଧି କରିଛନ୍ତି। ଆମ ସରକାର ନିଜର ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମପଞ୍ଚାୟତରେ ବସବାସ କରୁଥିବା ମହିଳାମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡ଼ି ପାରିଛନ୍ତି। କୋଟିଆ ଗ୍ରାମପଞ୍ଚାୟତରେ ମୋଟ ୨୦୭୮ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି । ଆଜି ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଆମ ସରକାରଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ସେମାନେ କେବଳ ଏକ ଭୋଟ୍ ବ୍ୟାଙ୍କ ନୁହନ୍ତି। ପ୍ରାୟ ଦୁଇ ଦଶନ୍ଧି ଧରି ମହିଳା ସଶକ୍ତିକରଣ ନାଁରେ ରାଜ୍ୟର କୋଟି କୋଟି ମହିଳାଙ୍କୁ କେବଳ ରାଜନୈତିକ ପଶାପାଲିରେ ଗୋଟି ଭାବେ ବ୍ୟବହାର କରାଯାଉଥିଲା। ଏହା ସମଗ୍ର ▶▶ ୫

**ମହିଳାଙ୍କ ଜୀବନରେ ପ୍ରଗତି, ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି**

**ମହିଳାଙ୍କ ଅଶାର କିରଣ ସାଜିଛି 'ସୁଭଦ୍ରା'**

**ସୁଭଦ୍ରା ଯୋଜନା ସହିତ ଯୋଡ଼ିହେଲା କୋଟିଆ ପଞ୍ଚାୟତ**

### ୭୬୨ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

## ଖୁବ୍‌ଶୀଘ୍ର ଜୟପୁରରୁ ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:**

ଖୁବ୍‌ଶୀଘ୍ର ଜୟପୁରରୁ ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ। ସେହିପରି ଜୟପୁର ଠାରେ ଏକ ନୂତନ କଲେଜ ସ୍ଥାପନ ସହ ପେପର୍ ମିଲ୍ ପୁନର୍ବାର ଚାଲୁ ହେବ। ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶନିବାର କୋରାପୁଟ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏମିତି ମୋଟ୍ ଜିଲ୍ଲାରେ ୭୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲ୍ଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।


### ଜଳାଭିଷେକ ପାଇଁ ପାଣି ଉଠାଉଥିଲେ

## ଭାସିଯାଇ ୨ ନାବାଳିକା ନିଖୋଜ

**ବାଲେଶ୍ୱର,୯।୮/ଏନ୍ଏନ୍ଏସ୍:**

ଜଳାଭିଷେକ ପାଇଁ ସୁବର୍ଣ୍ଣରେଖାରୁ ପାଣି ଉଠାଉଥିବା ବେଳେ ଘଟିଛି ଅଘଟଣ। ନଦୀରେ ଭାସି ଯାଇ ୨ ନାବାଳିକା ନିଖୋଜ ଅଛନ୍ତି । ଜଳେଶ୍ୱର ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଶିଖରପୁରରେ ଏଭଳି ଘଟଣା ଘଟିଛି।

ସୂଚନା ମୁତାବକ ଜଳାଭିଷେକ କରିବା ପାଇଁ ଶିଖରପୁର ପଞ୍ଚାୟତ ଅନ୍ତର୍ଗତ ଚକହରିପୁର ଗାଁର କିଛି କାଉଡ଼ିଆ ଆସିଥିଲେ। ଶିଖରପୁର ଘାଟରେ ସୁବର୍ଣ୍ଣରେଖାରୁ ପାଣି ଉଠାଇବା ବେଳେ ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ଚକହରି ଗ୍ରାମର କାହ୍ନୁ ଦାସଙ୍କ ଦୁଇ ନାବାଳିକା ଝିଅ ନନ୍ଦିତା ଓ ନନ୍ଦିନୀଙ୍କ ସହ ଅନ୍ୟ ୨ଜଣ ଭାସି ▶▶ ୫



### ନିର୍ବାଚନ ଆୟୋଗଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ

## ୩୩୪ ଆର୍‌ୟୁପିପିଙ୍କ ପଞ୍ଜିକରଣ ରଦ୍ଦ




**ମାନଦଣ୍ଡ ପାଳନ କରିବାରେ ବିଫଳ, ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ଠିକଣା ନାହିଁ**

**୬ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲଢ଼ିନାହାନ୍ତି କୌଣସି ନିର୍ବାଚନ**

**ନୂଆଦିଲ୍ଲୀ,୯।୮/ଏଜେନ୍ସି:**

ରାଜନୈତିକ ଦଳ ଭାବେ ମାନଦଣ୍ଡ ପାଳନ କରିବାରେ ବିଫଳ ହୋଇଥିବା କାରଣ ଯୋଗୁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଶନିବାର ପ୍ରାୟ ୩୩୪ଟି ପଞ୍ଜିକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ (ଆର୍‌ୟୁପିପି)ର ପଞ୍ଜିକରଣକୁ ରଦ୍ଦ କରିଛନ୍ତି। ଦେଶର ନିର୍ବାଚନୀ ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ଏହା ନିର୍ବାଚନ କମିଶନରଙ୍କ ଏକ ବଡ଼ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ସମ୍ପର୍କରେ ଭାରତୀୟ ନିର୍ବାଚନ କମିଶନ କହିଛନ୍ତି ଯେ ପଞ୍ଜିକରଣ ବାତିଲ ହୋଇଥିବା ଏହି ଦଳଗୁଡ଼ିକ ୨୦୧୯ ପରଠାରୁ ଗୋଟିଏ ବି ନିର୍ବାଚନ ଲଢ଼ିନଥିଲେ। ଏପରିକି ସେମାନଙ୍କ କାର୍ଯ୍ୟାଳୟର ମଧ କୌଣସି ସଠିକ୍ ଠିକଣା ମଧ ମିଳିପାରିନଥିଲା। ଏପରିସ୍ଥିତିରେ ଏହି ଦଳଗୁଡ଼ିକ ଏକ ପଞ୍ଜିକୃତ ଅଣପଞ୍ଜିକୃତ ରାଜନୈତିକ ଦଳ ଭାବରେ ରହିବା ପାଇଁ ବାଧ୍ୟତାମୂଳକ ସର୍ତ୍ତାବଳୀ ପୂରଣ କରିନଥିଲେ। ଫଳରେ ଏପ୍ରକାର ରାଜନୈତିକ ଦଳଗୁଡ଼ିକୁ ତାଲିକା ଭୁକ୍ତ କରାଯିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରେ ଏଭଳି ଦଳଙ୍କ ସଂଖ୍ୟା ୩୩୪ ବୋଲି ଜଣାପଡ଼ିବା ପରେ ଏସମସ୍ତ ଦଳର ପଞ୍ଜିକରଣ ଏକକାଳୀନ ବାତିଲ୍ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ପ୍ରକାଶ, ନିର୍ବାଚନ ଆୟୋଗ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ନିଯୁକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏପ୍ରକାର ନିଷ୍କ୍ରିୟ ଆର୍‌ୟୁପିପି ସମ୍ପର୍କରେ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମେ ୩୪୫ଟି ଆର୍‌ୟୁପିପିଗୁଡ଼ିକୁ ଚିହ୍ନଟ କରାଯାଇଥିଲା ଯେଉଁଥିରୁ ଆଜି ୩୩୪ଟି ଆର୍‌ୟୁପିପିଙ୍କ ପଞ୍ଜିକରଣ ବାତିଲ କରାଯାଇଛି।

ଯଦି କୌଣସି ଦଳ ଛଅ ବର୍ଷ ଧରି ନିରନ୍ତର ନିର୍ବାଚନ ଲଢ଼ିନଥାଏ, ତେବେ ଏହାକୁ ପଞ୍ଜିକୃତ ଦଳ ତାଲିକାରୁ ବାହାର କରିଦିଆଯିବା ନେଇ ▶▶ ୫

## ଭୂମିହୀନଙ୍କୁ ଜାଗା ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ: ରାଜସ୍ୱ ମନ୍ତ୍ରୀ



**କଟକ,୯।୮/ଏନ୍ଏନ୍ଏସ୍:**

ଜମି ପଟ୍ଟା କେବଳ ଖଣ୍ଡିଏ କାଗଜ ନୁହେଁ, ଏହା ହେଉଛି ଏପରି ଏକ ଦଲିଲ୍ ଯାହା ଭବିଷ୍ୟତକୁ ସୁରକ୍ଷିତ କରେ, ମାଲିକାନା ସ୍ପଷ୍ଟକରେ ଏବଂ ପ୍ରଗତି ପାଇଁ ପଥ ପ୍ରଶସ୍ତ କରେ। ଯାହା ପାଖରେ ନିଜର ଜାଗା ଖଣ୍ଡିଏ ଅଛି, ତାହାର ଆତ୍ମବିଶ୍ୱାସ ମଧ ବୃଦ୍ଧି ପାଇଥାଏ। ଆଗାମୀ ୪ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଭୂମିହୀନଙ୍କୁ ଅନ୍ତତଃ ୪ ଡିସିମିଲ୍ ଜାଗା ଯୋଗାଇ ଦେବାକୁ ସରକାର ଯତ୍ନବାନ ହେବେ। ଏଥି ସହ ରାଜ୍ୟର ସମସ୍ତ ଭୂମିହୀନ ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ମଧ ନିଜସ୍ୱ ଜମିପଟା ଯୋଗାଇ ଦିଆଯିବ। କେବଳ ଏତିକି ନୁହେଁ, ନଦୀ ବଢ଼ିରେ ଜମି ହରାଇଥିବା ବ୍ୟକ୍ତିମାନଙ୍କୁ ମଧ ସେମାନଙ୍କ ଜମି ଯୋଗାଇ ଦିଆଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଭୂମିହୀନ ହିତାଧିକାରୀ ଏବଂ ଭୂମିହୀନ ବିଦ୍ୟାଳୟଗୁଡ଼ିକୁ ପଟ୍ଟା ବଣ୍ଟନ କରିବା ଅବସରରେ ଏହା କହିଛନ୍ତି। କଟକ ଜିଲ୍ଲାର ସିକିମ, ବେବନ୍ଦୋବସ୍ତ, ବସୁନ୍ଧରା ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଆଜି ଏହି ଜମି ପଟ୍ଟା ବଣ୍ଟନ କରାଯାଇଛି। ସିକିମ ଜମି ପାଇଁ ମୋଟ ୮୭୮୯ଟି ▶▶ ୫

### ଅପରେସନ୍ ସିନ୍ଦୂର' ସମ୍ପର୍କରେ କହିଲେ ଏୟାର୍ ଚିଫ୍ ମାର୍ଶଲ୍

# ୫ ପାକ୍ ଯୁଦ୍ଧ ବିମାନକୁ ଖସାଇଛି ଏସ୍-୪୦୦

**ନୂଆଦିଲ୍ଲୀ, ୯।୮/ଏଜେନ୍ସି:**

ଭାରତୀୟ ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ୍ ସିଂହ ଶନିବାର ଏକ ବଡ଼ ଦାବି କରିଛନ୍ତି। ଶ୍ରୀ ସିଂହ କହିଛନ୍ତି, ଅପରେସନ ସିନ୍ଦୂର ସମୟରେ ଭାରତର ଏସ୍-୪୦୦ ଆଣ୍ଟି ମିସାଇଲ୍ ସିଷ୍ଟମ ଦ୍ୱାରା ପାକିସ୍ତାନର ୫ଟି ଯୁଦ୍ଧ ବିମାନକୁ ଖସାଇଦିଆଯାଇଥିଲା। ଏତଦ୍‌ବ୍ୟତୀତ ପାକିସ୍ତାନର ଏକ ଏୟାରବର୍ଣ୍ଣ ଆର୍ଲି ୱାର୍ଣ୍ଣିଂ ଆଣ୍ଡ୍ କଣ୍ଟ୍ରୋଲ୍/ଇଲେକ୍‌ଟ୍ରୋନିକ୍ ଇଣ୍ଟେଲିଜେନ୍ସ (ଏଇଡବ୍ଲ୍ୟୁଆଣ୍ଡସି/ଇଏଲ୍‌ଆଇଏନ୍‌ଟି) ବିମାନକୁ ମଧ ୩୦୦କିମି ଦୂରରୁ ହିଁ ଆକାଶରେ ନଷ୍ଟ କରିଦିଆଯାଇଥିଲା। ଶ୍ରୀ ସିଂହ ସାଟେଲାଇଟ୍ ଚିତ୍ର ଏବଂ ଭିଡିଓ ବ୍ୟବହାର କରି ଅପରେସନ ସିନ୍ଦୁର ସମୟରେ ଭାରତୀୟ ବାୟୁସେନା ଦ୍ୱାରା କରାଯାଇଥିବା ଆକ୍ରମଣ ଉପରେ ଏହି ଉପସ୍ଥାପନା କରିଛନ୍ତି। ଏଥିରୁ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଏକାଧିକ ଆଡ୍ଡା, ନେଟୱାର୍କ ସବୁ ଧୂଳିସାତ୍ ହୋଇଯାଇଥିବା ସ୍ପଷ୍ଟ ପ୍ରତୀତ ହୋଇଛି। ଅନ୍ୟପକ୍ଷେ ମାର୍ଶଲଙ୍କ ଏପ୍ରକାର ବିବୃତି ଅପରେସନ୍ ସିନ୍ଦୂର' ସମୟରେ ଭାରତୀୟ ପକ୍ଷର ସଫଳତାର ପ୍ରଥମ ସରକାରୀ ସ୍ୱୀକୃତି ଭାବେ ବିବେଚନା କରାଯାଉଛି।

ବେଙ୍ଗାଲୁରୁରେ ଏକ ସାର୍ବଜନୀନ ବକ୍ତୃତା ପ୍ରଦାନ କରିବା ସମୟରେ ମାର୍ଶଲ୍ କହିଛନ୍ତି, ଗତ ମେ' ମାସରେ ଦୁଇ ଦେଶ ମଧ୍ୟରେ ଦୀର୍ଘ ୪ଦିନ ଧରି ଚାଲିଥିବା ଆକ୍ରମଣ ପ୍ରତିଆକ୍ରମଣ ସମୟରେ ଭାରତ ନିଜର ବାୟୁସୀମାକୁ ଅଧିକ ସୁରକ୍ଷିତ ତଥା ମଜଭୁତ କରିବା ଲାଗି ଏସ୍-୪୦୦ର ବ୍ୟବହାର କରିଥିଲା। ଏହା ରୁଷ୍ ଠାରୁ କିଣାଯାଇଥିବା ଏକ ଉନ୍ନତ ଭୂପୃଷ୍ଠରୁ ବାୟୁକୁ ନିକ୍ଷେପ କରାଯାଉଥିବା ମିସାଇଲ ସିଷ୍ଟମ। ଏହା ୪୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ମାର୍ଶଲ୍ କହିଛନ୍ତି ଅପରେସନ ସିନ୍ଦୂର'ରେ ଏସ୍-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅତି ଉନ୍ନତ ପ୍ରଦର୍ଶନ କରିଥିଲା। ୫ଟି ପାକିସ୍ତାନୀ ଯୁଦ୍ଧ ବିମାନକୁ ଆକାଶରେ ଧ୍ୱଂସ କରିଦେବା ଏହି ପ୍ରତିରକ୍ଷା ସିଷ୍ଟମ୍‌ର ସାମର୍ଥ୍ୟ ଅନୁକୂଳ ଥିଲା। କିନ୍ତୁ ଯାହା ସବୁଠୁ ଆଶ୍ଚର୍ଯ୍ୟଜନକ ଥିଲା ତାହା ହେଉଛି ପାକିସ୍ତାନର ଏକ ଏଇଡବ୍ଲ୍ୟୁଆଣ୍ଡସି/ଇଏଲ୍‌ଆଇଏନ୍‌ଟି ବିମାନକୁ ଏସ୍-୪୦୦ ଦ୍ୱାରା ୩୦୦ କିଲୋମିଟର ଦୂରରୁ ସଠିକ୍ ଭାବେ ଟାର୍ଗେଟ କରି ଖସାଇବାରେ ଭାରତୀୟ ସେନା ସଫଳ ହୋଇଥିଲା। ଏହା ଏହି ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ରେଞ୍ଜ୍ ଏବଂ ନିର୍ଭୁଲତାକୁ ଦର୍ଶାଉଛି। ଏଇଡବ୍ଲ୍ୟୁଆଣ୍ଡସି/ଇଏଲ୍‌ଆଇଏନ୍‌ଟି ବିମାନ ମୁଖ୍ୟତଃ ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା ଏବଂ ଆକାଶମାର୍ଗରୁ ଗୁଇନ୍ଦା ତଥ୍ୟ ସଂଗ୍ରହ କରିବାରେ ବ୍ୟବହାର କରାଯାଇଥାଏ। କିନ୍ତୁ ଏହାକୁ ନଷ୍ଟ କରିଦିଆଯିବା ଦ୍ୱାରା ପାକିସ୍ତାନକୁ ବଡ଼ ଝଟ୍‌କା ଲାଗିଥିଲା।



ଶ୍ରୀ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର' ସମୟରେ ଭାରତୀୟ ବାୟୁସେନା ପାକିସ୍ତାନର ଜେକବାବାଦସ୍ଥିତ ବିମାନ ହ୍ୟାଙ୍ଗରରେ ଥିବା ଏକ ଏଫ୍-୧୬ ଯୁଦ୍ଧ ବିମାନ ଏବଂ ଭୋଲାରି ବିମାନଘାଟିରେ ଛିଡା ହୋଇଥିବା ଏକ ଏଇଡବ୍ଲ୍ୟୁଆଣ୍ଡସି/ଇଏଲ୍‌ଆଇଏନ୍‌ଟି ବିମାନକୁ ମଧ ନଷ୍ଟ କରିବାରେ ସଫଳ ହୋଇଛି। ନିର୍ଭୁଲ ଗୁଇନ୍ଦା ତଥ୍ୟ ଆଧାରରେ ଭାରତୀୟ ସେନା ସେଠାରେ ଆକ୍ରମଣ କରିଥିଲା। ସେହିପରି ଭାରତୀୟ ସେନା ଦ୍ୱାରା ଆକ୍ରମଣରେ ଅତି କମ୍‌ରେ ଦୁଇଟି ପାକିସ୍ତାନୀ କମାଣ୍ଡ୍ ଏବଂ ନିୟନ୍ତ୍ରଣ କେନ୍ଦ୍ର, ଅତି କମ୍‌ରେ ୬ଟି ବଡ଼ ଏବଂ ଛୋଟ ରାଡାର, ଦୁଇଟି ପୃଷ୍ଠରୁ ଆକାଶ ମାର୍ଗଦର୍ଶିତ ଅସ୍ତ୍ର (ଏସ୍‌ଏଜିଡବ୍ଲ୍ୟୁ) ସିଷ୍ଟମ୍ ଏବଂ ସରଗୋଧା, ରହିମ୍ ୟାର ଖାନ୍, ସୁକୁର ଆଦି ଅଞ୍ଚଳରେ ଥିବା ପାକିସ୍ତାନର ସେନା ଘାଟିଗୁଡ଼ିକରେ ଥିବା ରନୱେ ଏବଂ ହ୍ୟାଙ୍ଗରଗୁଡ଼ିକୁ ନଷ୍ଟ କିମ୍ବା କ୍ଷତିଗ୍ରସ୍ତ କରାଯାଇଛି। ମାର୍ଶଲ କହିଛନ୍ତି ଯେ, '୮୦ ରୁ ୯୦ ଘଣ୍ଟାର ଯୁଦ୍ଧରେ ଭୟଭୀତ ହୋଇଯାଇଥିଲା ପାକିସ୍ତାନ। ଫଳରେ ପାକିସ୍ତାନ ପଟୁ ଡିଜିଏମଓ ସ୍ତରରେ ଯୁଦ୍ଧବିରତି ପାଇଁ ବାରମ୍ବାର ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷେ ସଂଘର୍ଷ ସମୟରେ ଫ୍ରାନ୍ସ ନିର୍ମିତ ଭାରତୀୟ ରାଫେଲ୍ ଯୁଦ୍ଧ ବିମାନ ସମେତ ୬ଟି ଭାରତୀୟ ବିମାନକୁ ଖସାଇଥିବା ପାକିସ୍ତାନ ଦାବି କରିଆସୁଛି। କିନ୍ତୁ ଭାରତ ଏହାକୁ ଅସ୍ୱୀକାର କରିଛି।

### ଦିଲ୍ଲୀରେ ବର୍ଷା ବିପ୍ରାତ

## କାନ୍ଥ ଭୁଶୁଡ଼ି ୮ ମୃତ



**ନୂଆଦିଲ୍ଲୀ,୯।୮/ଏଜେନ୍ସି:**

ଶନିବାର ଦେଶବ୍ୟାପୀ ରକ୍ଷା ବନ୍ଧନ ଧୁମ୍‌ଧାମରେ ପାଳିତ ହୋଇଯାଇଥିବା ବେଳେ ଦକ୍ଷିଣ ପୂର୍ବ ଦିଲ୍ଲୀର ଜୈତପୁର ପୁଲିସ ଷ୍ଟେସନ୍ ଅଞ୍ଚଳରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଲଗାଣ ବର୍ଷାଜନିତ ବିପ୍ରାତ ଦେଖିବାକୁ ମିଳିଛି ଏଠାରେ। ଗତକାଲି ରାତିରୁ ଏହି ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଏଠାରେ ନିର୍ମିତ ଏକ ୧୦୦ ଫୁଟ୍ ଲମ୍ବ ପ୍ରାଚୀର ଭୁଶୁଡ଼ି ପଡ଼ିଛି। ତେବେ ଦୁର୍ଭାଗ୍ୟବଶତଃ ଏହି ପ୍ରାଚୀର ତଳେ ୨ଶିଶୁଙ୍କ ସମେତ ୭ ଜଣ ଚାପିହୋଇ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ପୁରୁଷ (୩୫ରୁ ୪୦ ବର୍ଷ ମଧ୍ୟରେ), ୨ ମହିଳା (୨୫/୨୬ ବର୍ଷ) ▶▶ ୫

## ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ରାଜଧାନୀ ଭୁବନେଶ୍ୱରରେ ଥିବା ଏକ ଘରୋଇ ହସ୍ପିଟାଲ୍‌ରେ ଜଣେ ନର୍ସଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ୨୨ ବର୍ଷୀୟା ଏହି ନର୍ସଙ୍କ ଘର ଗଞ୍ଜାମ ଜିଲ୍ଲାର ପାଟପୁର ଅଞ୍ଚଳରେ। ଗତକାଲି ତାଙ୍କର ନାଇଟ୍ ଡ୍ୟୁଟି ଥିଲା। ଡ୍ୟୁଟି ସାରି ଆଜି ସକାଳେ ସେ ତାଙ୍କ ଗାଁକୁ ଯାଇଥା'ନ୍ତେ ଭାଇକୁ ରାକ୍ଷୀ ବାନ୍ଧିବାକୁ। କିନ୍ତୁ ରାତି ପ୍ରାୟ ସାଢ଼େ ୩ଟାରୁ ୪ଟା ଭିତରେ ପରିବାର ଲୋକେ ଖବର ପାଇଲେ ଯେ ହସ୍ପିଟାଲର ୱାଶ୍ ରୁମ୍‌ରେ ପଡ଼ି ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ତେବେ ଘର ଲୋକେ ପହଞ୍ଚିଲା ବେଳକୁ ଡାକ୍ତରଖାନାରେ ରଖାଯାଇଥିଲା ତାଙ୍କ ମୃତଦେହ। ତେବେ ଘଟଣାର ନିରପେକ୍ଷ ତଦନ୍ତ କରି ମୃତ ନର୍ସଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତାଙ୍କ ପରିବାର ଲୋକେ ପୁଲିସ୍‌କୁ କହିଛନ୍ତି।

ନିତିଦିନ NITIDIN

## ଲୋକାର୍ପିତ ହେଲା 'ବ୍ରେନସ୍ ଆଇକନିକ୍ ଟ୍ରଷ୍ଟ'




**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ରାଜ୍ୟରେ ମହିଳା, ଛାତ୍ର ଓ ଶାରିରୀକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟକରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବ୍ରେନସ୍ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ। ଏନେଇ ଆଜି ଗୀତଗୋବିନ୍ଦ ସଦନ ଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡାଃ ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ଆଦିବାସୀ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ମହତ୍ୱାକାଂକ୍ଷା ଏକ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ପ୍ରୟାସ। ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ସମାଜସେବାକୁ ସ୍ଲୋଗାନରେ ନରଖି ପ୍ରତ୍ୟେକ ବ୍ୟକ୍ତି ଏହାକୁ ଜୀବନର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ୍ ଭାବେ ଟ୍ରଷ୍ଟ ତାର କାମ ଆରମ୍ଭ କରିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ଡ ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଡକ୍ଟର ବିଜୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତିର ବୀରଙ୍କୁ ଶ୍ରଦ୍ଧାଞ୍ଜଳି

## ସୁରକ୍ଷିତ ରଖିବାକୁ ହେବ କଷ୍ଟଲବ୍ଧ ସ୍ୱାଧୀନତାର ମୂଲ୍ୟ : ବାଚସ୍ପତି

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ। ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି। ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥିଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୪୨ ଅଗଷ୍ଟ ୮ ଓ ୯ର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି।



ବାଚସ୍ପତି ଆହୁରି କହିଥିଲେ ଯେ ଇଂରେଜ ସରକାର ବିରୋଧରେ ଅଗଷ୍ଟ କ୍ରାନ୍ତିର ମହାସଂଗ୍ରାମ ଏକ ନିର୍ଣ୍ଣାୟକ ଲଢ଼େଇ ଥିଲା। ଚାଷୀ, ମୁଲିଆ, ଶ୍ରମିକ, ଅବହେଳିତ ଜାତି ଓ ଜନଜାତି, ଛାତ୍ରଗୋଷ୍ଠୀଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ସମସ୍ତେ ଏଥିରେ ସାମିଲ ହୋଇଥିଲେ। 'କର ବା ମର' ଧ୍ୱନି ସହ ଭାରତ ଛାଡ଼ ଆନ୍ଦୋଳନ ଇଂରେଜ ସରକାରକୁ ଦେଶ ଛାଡ଼ିବାକୁ ବାଧ କରିଥିଲା। ଏହି ଅବସରରେ ବାଚସ୍ପତି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭାଗିରଥି ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ପ୍ରାଣକୃଷ୍ଣ ପଢ଼ିଆରୀ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଚାର୍ଯ୍ୟ ହରିହର, ସଦାଶିବ ତ୍ରିପାଠୀ, ମା' ରମାଦେବୀ, ସରଳା ଦେବୀ ପ୍ରମୁଖଙ୍କୁ ସ୍ମରଣ କରିଥିଲେ।

କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ବିଶିଷ୍ଟ ଅତଥି ଭାବେ ଯୋଗଦେଇ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶ ପାଇଁ ତ୍ୟାଗ ଓ ବଳିଦାନ ଆମ ସମସ୍ତଙ୍କର ପ୍ରେରଣା ବୋଲି କହିଥିଲେ। ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦ୍ଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ, ଶୋଭନୀୟ ଆନ୍ଦୋଳନର ଅଧକ୍ଷା ଡ. ଅରୁନ୍ଧତୀ ଦେବୀ, ସମାଜସେବୀ ମଧୁ ଭାଇ, କର୍ଣ୍ଣେଲ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇଥିଲେ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା। ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାଢ଼ୀ ବାନ୍ଧିଥିଲେ। ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା।

### ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ଅଭିନବ ପ୍ରୟାସ

## ଅମାନିଆଙ୍କୁ ପିନ୍ଧାଇଲେ 'ସୁରକ୍ଷା ଡୋର'

### ସଡ଼କ ସୁରକ୍ଷା ନିୟମ ମାନିବାକୁ କଲେ ଅନୁରୋଧ

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ରାଖୀ ପୂର୍ଣ୍ଣିମା ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗର ନିଆରା ପ୍ରୟାସ । ସଡ଼କ ସୁରକ୍ଷା ସଚେତନତା ପାଇଁ ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଛି ଅଭିନବ କାର୍ଯ୍ୟକ୍ରମ। ପୁଲିସ ପ୍ରଶାସନ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀଙ୍କ ସହଯୋଗରେ ରାଜ୍ୟବ୍ୟାପୀ ଅଭିନବ ଉପାୟରେ ସଡ଼କ ସୁରକ୍ଷା ସଚେତନତା କରିଛି ବାଣିଜ୍ୟ ଓ ପରିବହନ ବିଭାଗ। ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ 'ସୁରକ୍ଷା ଡୋର' ବାନ୍ଧି ସୁରକ୍ଷିତ ଭାବେ ଗାଡ଼ି ଚଳାଇବାକୁ ଜନସାଧାରଣଙ୍କୁ ବୁଝାଇଛନ୍ତି । ବିଶେଷକରି, ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ଚାଳକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଡ଼କ ଦୁର୍ଘଟଣାରେ ହ୍ରାସ ପାଇଁ ସଚେତନତା କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ ରାଖୀ ପୂର୍ଣ୍ଣିମାରେ ସକାଳୁ ସକାଳୁ ବିଭିନ୍ନ ଟ୍ରାଫିକ ପୋଷ୍ଟରେ ପହଞ୍ଚିଥିଲେ। ବିନା ହେଲମେଟ, ବିନା ସିଟବେଲ୍ଟରେ ଯାଉଥିବା ଲୋକଙ୍କୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ସୁରକ୍ଷା ଡୋର ବାନ୍ଧିବା ସହ ମିଠା ଖୁଆଇ ନିଜ ସୁରକ୍ଷା ପାଇଁ ସୁଧୁରି ଯିବାକୁ ଅନୁରୋଧ କରିଥିଲେ। ନିୟମ ମାନିଲେ ଆମେ ସୁରକ୍ଷିତ ପହଞ୍ଚିବା ବୋଲି ବୁଝାଇଥିଲେ। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ ଆୟୁକ୍ତ ଅମିତାଭ ଠାକୁର, ଟ୍ରାଫିକ ଡିସିପି ତପନ ମହାନ୍ତି, ଅତିରିକ୍ତ ଡିସିପି ଅଙ୍କିତ ବର୍ମା, ପରିବହନ ବିଭାଗର ବରିଷ୍ଠ ଅଧିକାରୀ, ପ୍ରଜାପିତା ବ୍ରହ୍ମାକୁମାରୀ ସଙ୍ଗଠନର ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ।



ପରିବହନ ଆୟୁକ୍ତ କହିଥିଲେ,ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବ୍ୟାପକ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ରାଖୀ ପୂର୍ଣ୍ଣିମା ଭଳି ପବିତ୍ର ଦିନ, ଯେଉଁଦିନ ଭାଇର ସୁରକ୍ଷା ପାଇଁ ଭଉଣୀ ପ୍ରାର୍ଥନା କରେ ସେହିଦିନ ଆମେ ଏଭଳି କାର୍ଯ୍ୟକ୍ରମ ପାଇଁ ଚିନ୍ତା କଲୁ। ଆମେ ବୁଝାଇବାକୁ ଚାହୁଁଛୁ, ଯଦି ଆମେ ନିୟମ ନ ମାନିବୁ ତେବେ ଆମେ ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ଅଛି । ଆଉ ଯଦି ନିୟମ ମାନିବୁ ଆମେ ସୁରକ୍ଷିତ ଘରେ ପହଞ୍ଚି ପାରିବୁ ବୋଲି ସେ କହିଛନ୍ତି ।ସେହିଭଳି କଟକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଗ୍ମ ପରିବହନ ଆୟୁକ୍ତ, କମିସନରେଟ ପୋଲିସ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ରାଜ୍ୟର ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓ ମାନେ ମଧ୍ୟ ନିଜ ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ୨୦୨୫ ଆର୍ଥିକ ବର୍ଷରେ ୪୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି ରିଲାଏନ୍ସ ରିଟେଲ୍

**ମୁମ୍ବାଇ,୯।୮/ଏଜେନ୍ସି:** ଭାରତର ସର୍ବବୃହତ ରିଟେଲ କମ୍ପାନୀ ରିଲାଏନ୍ସ ରିଟେଲ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୪୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୨୦୨୫ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟ ଅନୁଯାୟୀ, ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା, ରିଲାଏନ୍ସ ରିଟେଲରେ ୨,୪୭,୮୮୨ ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। ଏହି ସଂଖ୍ୟା ଏକ ବର୍ଷ ପୂର୍ବରୁ ୨,୦୭,୫୫୨ ଥିଲା। ରିଟେଲ କ୍ଷେତ୍ରରେ ରିଲାଏନ୍ସ ରିଟେଲ୍ ସବୁଠାରୁ ବଡ଼ ନିଯୁକ୍ତି ପ୍ରଦାନକାରୀ କମ୍ପାନୀ ମଧ୍ୟରୁ ଅନ୍ୟତମ। ନିଯୁକ୍ତିରେ ଏହି ବୃଦ୍ଧି ରିଟେଲ କ୍ଷେତ୍ରରେ କମ୍ପାନୀର ନିରନ୍ତର ସମ୍ପ୍ରସାରଣ ସହିତ ଆଗକୁ ବଢ଼ିଛି। ଏହି ଆର୍ଥିକ ବର୍ଷରେ, ରିଲାଏନ୍ସ ରିଟେଲ୍ ୨୬୦୨ଟି ନୂତନ ଷ୍ଟୋର ଖୋଲିଛି। ଏହା ସହିତ ସାରା ଦେଶରେ ରିଲାଏନ୍ସ ରିଟେଲ୍ ଷ୍ଟୋରର ମୋଟ ସଂଖ୍ୟା ୧୯,୩୪୦କୁ ବୃଦ୍ଧି ପାଇଛି। ଏହି ଷ୍ଟୋରଗୁଡ଼ିକ ୭ କୋଟି ୭୪ ଲକ୍ଷ ବର୍ଗଫୁଟରୁ ଅଧିକ ଅଞ୍ଚଳରେ ପରିବ୍ୟାପ୍ତ।ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କମ୍ପାନୀର ଆର୍ଥିକ ଫଳାଫଳ ଘୋଷଣା ନେଇ କହିଛନ୍ତି, '୨୦୨୫ ଆର୍ଥିକ ବର୍ଷରେ, ଆମେ ଷ୍ଟୋର ନେଟୱାର୍କରେ ରଣନୈତିକ ଉନ୍ନତି ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲୁ, ଯାହାର ଲକ୍ଷ୍ୟ ଥିଲା ପରିଚାଳନାଗତ କାର୍ଯ୍ୟକୁଶଳତା ବୃଦ୍ଧି କରିବା ଏବଂ ଦୀର୍ଘକାଳୀନ ସ୍ଥିରତାକୁ ମଜଭୁତ କରିବା।'




ସମ୍ପ୍ରସାରଣ ସହିତ, ରିଲାଏନ୍ସ ରିଟେଲ୍ ଏହାର କ୍ଷମତା ବଢ଼ାଇବା ଉପରେ ମଧ୍ୟ ଜୋର ଦେଉଛି। କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଏହା ଗ୍ରାହକ ସନ୍ତୁଷ୍ଟିରେ ବୃଦ୍ଧି କରିବା ପାଇଁ ଏହାର କର୍ମଚାରୀ ଏବଂ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ନିବେଶ କରୁଛି। ଉନ୍ନତ ତାଲିମ ମଡ୍ୟୁଲ୍ ଠାରୁ ଆରମ୍ଭ କରି କର୍ମଚାରୀମାନଙ୍କୁ ଡିଜିଟାଲ୍ ଉପକରଣ ସହିତ ସଶକ୍ତ କରିବା ପର୍ଯ୍ୟନ୍ତ, ରିଲାଏନ୍ସ ରିଟେଲ୍ ଏକ ଉନ୍ନତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିଥିବା ଗ୍ରାହକ-କୈନ୍ଦ୍ରିକ କର୍ମଶକ୍ତି ସୃଷ୍ଟି କରୁଛି। ଗ୍ରୋସେରୀ ରିଟେଲ, ଫ୍ୟାଶନ୍, ଇଲେକ୍ଟ୍ରୋନିକ୍ସ, ସୌନ୍ଦର୍ଯ୍ୟ ଏବଂ ଫାର୍ମାସୀ ଯାଏଁ ସମସ୍ତ କର୍ମଚାରୀଙ୍କୁ ବ୍ୟକ୍ତିଗତ ଏବଂ କୁଶଳ ସେବା ପ୍ରଦାନ କରିବା ପାଇଁ ତାଲିମ ଦିଆଯାଉଛି। କର୍ମଶକ୍ତି ସଶକ୍ତିକରଣ ଉପରେ ଏଭଳି ସମୟରେ ଗୁରୁତ୍ୱ ଦିଆଯାଉଛି ଯେତେବେଳେ ଭାରତର ରିଟେଲ କ୍ଷେତ୍ର ନୂତନ ଉଚ୍ଚ ସେବା ମାନଦଣ୍ଡ ସ୍ଥାପନ କରୁଛି। ଏହାର ମାନବସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଆଧାର ଉଭୟ କ୍ଷେତ୍ରରେ ନିବେଶ କରି, ରିଲାଏନ୍ସ ରିଟେଲ୍ ଏହି ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛି।

## ପିସିସି ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର କଲ୍ପନାଛକ ଠାରେ ପ୍ରଦେଶ କଂଗ୍ରେସ ସଭାପତି କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ଦାସ ଏବଂ ଅନ୍ୟ ସମସ୍ତ ନେତୃବୃନ୍ଦ ମହାମନିଷୀ ମାନଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାସ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ବିଶ୍ୱଜିତ ଦାଶ, ଅଭୟ ସାହୁ, ମନୋରଞ୍ଜନ ଦାଶ, ଜ୍ୟୋତିଷ ସାହୁ, ରଜନୀ ମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ଅରବିନ୍ଦ ଦାସ, ମାନସ ରଞ୍ଜନ ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ମନୋରଞ୍ଜନ ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆର୍ଯ୍ୟସମାଜରେ ଶ୍ରାବଣୀ ଉପାକର୍ମ ଉଦ୍‌ଘାଟିତ

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ଭୁବନେଶ୍ୱର ଆର୍ଯ୍ୟସମାଜରେ ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଶ୍ରାବଣ ପୂର୍ଣ୍ଣିମା ଠାରୁ ଜନ୍ମାଷ୍ଟମୀ ଏକ ସପ୍ତାହ ଧରି ହେବାକୁ ଥିବା ମହୋତ୍ସବରେ ଯଜମାନ ତଥା ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ଲୋକସେବା ଆୟୋଗର ଅଧକ୍ଷ ଅରୁଣ କୁମାର ଷଡ଼ଙ୍ଗୀ କହିଥିଲେ ଯେ ସମଗ୍ର ଦେଶରେ ବେଦର ପ୍ରଚାର ପ୍ରସାର ଓ ବୈଦିକ ସିଦ୍ଧାନ୍ତକୁ ସ୍ଥାପିତ କରିବାରେ 'ଆର୍ଯ୍ୟସମାଜ' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ସମଗ୍ର ଦେଶରେ ୪୫ ଲକ୍ଷ ଲୋକ ଆର୍ଯ୍ୟସମାଜ ସହ ଯୋଡ଼ି ହୋଇଛନ୍ତି। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ୧୫୦ ବର୍ଷ ତଳେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟସମାଜ' ନାମକ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି। ଏହାର ଗରିମାମୟ ଇତିହାସକୁ ବଜାୟ ରଖିବା ସମସ୍ତ ଆର୍ଯ୍ୟସମାଜ ସଦସ୍ୟଙ୍କ ଦାୟିତ୍ୱ ହେବା ଉଚିତ। ଯଜମାନେ ଭାବେ ଶ୍ରୀ ଷଡ଼ଙ୍ଗୀଙ୍କ ସହଧର୍ମିଣୀ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶିକା ଡାକ୍ତର ସନ୍ଦୀପନା ପତି ଉପସ୍ଥିତ ଥିଲେ।



ସାମବେଦ ପାରାୟଣ ଯଜ୍ଞ ପରେ ଆର୍ଯ୍ୟସମାଜର ସଭାପତି ଇଂ ପ୍ରିୟବ୍ରତ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଉପସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା ଓ ସମ୍ପାଦକ ବୀରେନ୍ଦ୍ର କର 'ଶ୍ରାବଣୀ ଉପାକର୍ମ'ର ତାତ୍ପର୍ଯ୍ୟ ଓ ବେଦ ସ୍ୱାଧ୍ୟାୟ ପର୍ବର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସଭାପତି ଶ୍ରୀ ଦାସ ବେଦ ମନ୍ତ୍ରର ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଅତିଥି ଶ୍ରୀ ଷଡ଼ଙ୍ଗୀ ଓ ଡାକ୍ତର ପତିଙ୍କୁ ଆର୍ଯ୍ୟସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁଗ୍ମ ସମ୍ପାଦିକାଶନ୍ତୋ ଦେବୀ ଉଭୟ ଯଜମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଭଜନ ପରିବେଷଣ କରିଥିଲେବନ୍ଦନା ଦାଶ ଓ ମମିତା ମିଶ୍ର। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ରବି ନାରାୟଣ ମହାନ୍ତି ଓ ଯଜ୍ଞ ପରିଚାଳନା କରିଥିଲେ ଆମସେନା ଗୁରୁକୁଳର ବ୍ରହ୍ମଚାରୀଗଣ। ୭ ଦିନ ଧରି ସାମବେଦ ପାରାୟଣ ଯଜ୍ଞ ସହ ରୋଜଡ଼, ଗୁଜୁରାଟର ବୈଦିକ ପ୍ରବକ୍ତା ଆଚାର୍ଯ୍ୟ ଯୋଗେଶ ଶର୍ମା, ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରବଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ୧୫ ତାରିଖ ଜନ୍ମାଷ୍ଟମୀରେ ମହୋତ୍ସବ ଉଦଯାପିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ

## 'ଆଦିବାସୀ ବିରୋଧୀ ଆଭିମୁଖ୍ୟରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ'

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଗତ ୧୩ ମାସ ଶାସନ ସମୟରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଆଦିବାସୀ ବିରୋଧୀ ଆଭିମୁଖ୍ୟରେ ପରିବର୍ତ୍ତନ ନହେଲେ ଆନ୍ଦୋଳନ କରାଯିବାକୁ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ବିଜୁ ଜନତା ଦଳର ଆଦିବାସୀ ସେଲର ଆବାହକତ୍ୱରେ ଆଜି ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ଶଙ୍ଖ ଭବନରେ ପାଳନ ହୋଇଥିଲା। ସକାଳୁ ଭଗବାନ ବିର୍ସା ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା । ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମକୁ ଆଦିବାସୀ ସେଲର ଅଧକ୍ଷମଙ୍ଗଳା କିଷାନ ଅଧକ୍ଷତା କରିଥିବା ବେଳେ ମିଡିଆ ସଂଯୋଜକ ତଥା ଆଦିବାସୀ ନେତା ଡ଼ ପ୍ରିୟବ୍ରତ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅଶୋକ ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ମଙ୍ଗଳା କିଷାନ, ସୁଦାମ ମାରାଣ୍ଡି, ସୁଶାନ୍ତ ରାଉତ, ସୁଲୋଚନା ଦାସ, ବାସନ୍ତୀ ହେମ୍ବ୍ରମ, ମଞ୍ଜୁଲତା କହଁର, ମନ୍ମଥ ରାଉତରାୟ, ରାଜଶ୍ରୀ ମଲ୍ଲିକ, ପ୍ରଦୀପ ଦିଶାରୀ, ଡ଼ ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ଅରୂପ ଶ୍ରୀଚନ୍ଦନ, ସୋଫିଆ ଆଲାମ, ବିଜୟ ନାୟକ, ନାରାୟଣ ଜେନା, ଭାରତୀ ସିଂ, ବାସନ୍ତୀ ସିଂ, ସାଲକାନ୍ କିସ୍କୁ, କାରୁ ମୁର୍ମୁ ପ୍ରମୁଖ ଯୋଗଦେଇ ଆଦିବାସୀ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।



ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲର ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ । ଶ୍ରୀ ମଙ୍ଗଳା କିଷାନ କହିଥିଲେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି । ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଭୟଙ୍କର ଆନେ୍ଦାଳନ ହେବ ।

ଶ୍ରୀ ମାରାଣ୍ଡି କହିଥିଲେ ଯେ ରାଜ୍ୟରେ ପ୍ରତିଦିନ ଆଦିବାସୀ ମହିଳା ଓ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହେଉଥିବା ବେଳେ ସରକାରୀ ଛାତ୍ରାବାସରେ ଆଦିବାସୀ ଛାତ୍ରୀମାନେ ଗର୍ଭବତୀ ହେବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଡ଼ ମାଝୀ କହିଥିଲେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ୩୮.୫% ସଂରକ୍ଷଣ ମିଳୁ। ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ ୧୩୫ ଆଦିବାସୀ ସମ୍ପ୍ରଦାୟକୁ ଆଦିବାସୀ ଜନଜାତିରେ ସାମିଲ କରିବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନିଅନ୍ତୁ। ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଦେଇଥିଲେ।

### ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପ୍ରାକ୍ ଉତ୍ସବ

## ୨୫ରୁ ୩୦ ପର୍ଯ୍ୟନ୍ତ ୟୁଏଲ୍‌ବିରେ ହେବ ସାର୍ବଜନୀନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ସ୍ୱାୟତ୍ତ ଶାସନ ଦିବସକୁ ଚଳିତ ବର୍ଷ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି। ଏହି ଉତ୍ସବର ଏକ ଅଂଶ ଭାବରେ ଅଗଷ୍ଟ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ରେ ଏକ ସପ୍ତାହ ବ୍ୟାପି ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶିକା ଅନୁଯାୟୀ ନାଗରିକଙ୍କ ଅଂଶଗ୍ରହଣ, ପରିବେଶ ସଚେତନତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଯୋଜନା କରାଯାଇଥିବା ପ୍ରମୁଖ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ରହିଛି ସହରାଞ୍ଚଳ ବୃକ୍ଷରୋପଣ ଅଭିଯାନ-'ଏକ ପେଡ୍ ମା କେ ନାମ', ଚାରାରୋପଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ, ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନାଗରିକ ସମାଜକୁ ନେଇ ସଂପୃକ୍ତ ଅଞ୍ଚଳରେ ଉପଲବ୍ଧ ଚାରା, ସଚେତନତା ଶୋଭାଯାତ୍ରା ଓ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହା ବ୍ୟତୀତ 'ଗ୍ରୀନ୍ ୱାର୍ଡ'ଅଭିଯାନର ଶୁଭାରମ୍ଭ, ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଉପଯୁକ୍ତ ବ୍ରାଣ୍ଡିଂ ଏବଂ ମିଡିଆ କଭରେଜ୍, ପୌର ଯୋଗଦାନ ଏବଂ ସେବା ବିତରଣକୁ ମଜବୁତ କରିବା, ପରିମଳ କର୍ମଚାରୀଙ୍କ କଲ୍ୟାଣ ଏବଂ ଶ୍ରମିକଙ୍କ ମର୍ଯ୍ୟାଦା ପାଇଁ ଗରିମା ଆଇଇସି ଅଭିଯାନ , ସହଯୋଗ ଶିବିର 'ଘରେ ଘର ତିରଙ୍ଗା-ଘରେ ଘରେ ସ୍ୱଚ୍ଛତା' ଦେଶପ୍ରେମକୁ ସ୍ୱଚ୍ଛତା ଅଭିଯାନ ସହିତ ଯୋଡିବା ପାଇଁ ସକାଳ ସମୟରେ ପଥ ଉତ୍ସବ ଆୟୋଜନ କରି ଗୋଷ୍ଠୀ ମନୋରଞ୍ଜନ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ଓଡ଼ିଶାର ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସକୁ ସରସ, ସୁନ୍ଦର, ଚିତ୍ତାକର୍ଷକ ଓ ସ୍ମରଣୀୟ କରିବା ପାଇଁ ଯୋଜନା ରହିଛି।

# କୋରାପୁଟରେ ସିଏମ୍ ସୁଭଦ୍ରାଙ୍କୁ ଦେଲେ ରାଖୀ ଭେଟି





ରାଖୀ ପୂର୍ଣ୍ଣିମାରେ ମହିଳାମାନଙ୍କୁ ସୁଭଦ୍ରା ଭେଟି ଦେଇଛନ୍ତି ରାଜ୍ୟ ସରକାର। ଆଜି କୋରାପୁଟ ଜିଲ୍ଲାର ଜୟପୁର ଠାରେ ଓଡ଼ିଶାର ସର୍ବବୃହତ ମହିଳା ସଶକ୍ତିକରଣ ଯୋଜନା 'ସୁଭଦ୍ରା'ର ତୃତୀୟ କିସ୍ତି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥି ସହିତ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହିତ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ।ଆଜି ମୁଖ୍ୟମନ୍ତ୍ରୀଙ୍କ କରକମଳରେ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି।

















### 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

## 'ଅଗଷ୍ଟ କ୍ରାନ୍ତି ଦିବସ' ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା: ଧର୍ମେନ୍ଦ୍ର

**ବ୍ରହ୍ମପୁର,୯।୮/ଏନ୍‌ଏନ୍‌ଏସ୍:** 'ଅଗଷ୍ଟ କ୍ରାନ୍ତି ଦିବସ' ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା । ଏହା କେବଳ ଏକ ଆନ୍ଦୋଳନ ନଥିଲା ବରଂ ଲୋକଙ୍କ ମଧ୍ୟରେ ସ୍ୱାଧୀନତା ପାଇଁ ଅତୁଟ ବିଶ୍ୱାସ ଏବଂ ଅଦମ୍ୟ ସାହସର ପ୍ରତୀକ ଥିଲା ବୋଲି ଶନିବାର ବ୍ରହ୍ମପୁରରେ 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। 'ଅଗଷ୍ଟ କ୍ରାନ୍ତି ଦିବସ' ଅବସରରେ ଆୟୋଜିତ ଏହି ଶୋଭାଯାତ୍ରାରେ ଶ୍ରୀ ପ୍ରଧାନ ଜନସାଧାରଣ ଏବଂ କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ ହୋଇଥିଲେ। ବ୍ରହ୍ମପୁର ଟାଉନ ହଲ୍ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭୂମିକା ଓ ଅବଦାନକୁ ସ୍ମୃତିଚାରଣ କରିବା ସହ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି, ଇଂରେଜମାନଙ୍କୁ ଆମ ଦେଶରୁ ବିତାଡ଼ିତ କରିବା ପାଇଁ ୧୯୪୨ ମସିହା ଆଜିର ଦିନରେ ପୂଜ୍ୟ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆଜିର ଦିନ ଉତ୍ସାହର ସହ ଦେଶପ୍ରେମକୁ ଜାଗ୍ରତ କରିବାର ଦିନ। ଆଉ କିଛି ଦିନ ପରେ ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବ। ସାମ୍ପ୍ରତିକ ସମୟରେ ମଧ୍ୟ ଦେଶକୁ ଆତ୍ମନିର୍ଭର କରିବା ସହ ଭାରତର ପରିଚୟକୁ ବିଶ୍ୱରେ ୧ ନମ୍ବର କରିବା ପାଇଁ ଲୋକମାନଙ୍କୁ ପୁଣି ଥରେ ଏକତ୍ରିତ ହେବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ।



ସକାଳେ ବ୍ରହ୍ମପୁରର ଆରାଧ୍ୟା ଦେବୀ ମାଁ ବୁଢ଼ୀ ଠାକୁରାଣୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦର୍ଶନ କରି ଆଶୀର୍ବାଦ ନେବା ସହ ମନ୍ଦିରରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ କ୍ରାନ୍ତି ଦିବସ ଅବସରରେ ରାମଲିଙ୍ଗେଶ୍ୱର ପାର୍କ ପରିସରସ୍ଥ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହେଇଥିଲେ । ଏହି 'ତ୍ରିରଙ୍ଗା ଯାତ୍ରା' ରାମଲିଙ୍ଗେଶ୍ୱର ପାର୍କ ଠାରୁ ବାହାରି ଅନ୍ନପୂର୍ଣ୍ଣା ମାର୍କେଟ, ପୁରୁଣା ବସଷ୍ଟାଣ୍ଡ ଛକ ଦେଇ ପିଭିଏନ୍ ରାଓ ପେଟ୍ରୋଲ ପମ୍ପ୍ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଥିବା ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତ୍ରିରଙ୍ଗା ଯାତ୍ରାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଘୁମୁସର (ଆସ୍କା) ସାଂଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଘୁମୁସର (ଭଞ୍ଜନଗର) ସାଂଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ଟି.ଗୋପି, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ପରେଶ ଚନ୍ଦ୍ର ରଥ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ପ୍ରଦୀପ ନାୟକ, ଜିଲ୍ଲା ସମ୍ପାଦିକା ନିବେଦିତା ପାଢ଼ୀ, ପ୍ରଦୀପ ପାଢ଼ୀ ପ୍ରମୁଖଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଏବଂ ଜିଲ୍ଲାର ସମସ୍ତ ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ।

## '୨୦ ସୁଦ୍ଧା ବିଭିନ୍ନ ନିଗମ, ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି'

**ଭୁବନେଶ୍ୱର,୯।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ବିଜେପିର ଅନେକ ନେତା ଏବେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ହେବା ଆଶାରେ ଅଛନ୍ତି। ଅଗଷ୍ଟ ୧୫ରୁ ୨୦ ଭିତରେ ଖାଲିଥିବା ବିଭିନ୍ନ ନିଗମ, ବୋର୍ଡ଼ର ଅଧ୍ୟକ୍ଷ ନିଯୁକ୍ତି ପାଇବେ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି ଯେ ଭାରତୀୟ ଜନତା ପାର୍ଟିର ନିଗମ, ବୋର୍ଡ ଏବଂ



କମିଟି ତାଲିକା ଦିଲ୍ଲୀରେ ହୁଏନି ଓଡ଼ିଶାରେ ହୁଏ। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସାଂସଦମାନଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ବୈଠକ ହୋଇଛି। ଦଳୀୟ ନେତାଙ୍କ ସହ ଚର୍ଚ୍ଚା ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ଏଥିରେ ଦକ୍ଷତା, ଅଭିଜ୍ଞତା ଓ ଦଳୀୟ ଆନୁଗତ୍ୟକୁ ମାପକାଠି ଭାବେ ବିବେଚନା କରାଯାଇଛି ବୋଲି ଶ୍ରୀ ସାମଲ କହିଛନ୍ତି।

DSPL-194



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଫାଇଲେରିଆ ନିରାକରଣ ନିମନ୍ତେ
ସାମୂହିକ ଔଷଧ ସେବନ ଅଭିଯାନ

୧୦ - ୧୯ ଅଗଷ୍ଟ ୨୦୨୫

ଏଥର ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ୧୧୫ଟି ନିର୍ଦ୍ଧାରିତ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ।
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ।
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ।
- ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା।

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0242/2526

## ‘ପ୍ରଜାତନ୍ତ୍ର’ର ୭୮ତମ ଜନ୍ମବାର୍ଷିକୀ ସମାରୋହ

**କଟକ,୯।୮/ଏନ୍ଏନ୍ଏସ୍:** ଦୈନିକ ‘ପ୍ରଜାତନ୍ତ୍ର’ର ୭୮ତମ ଜନ୍ମବାର୍ଷିକୀ ଉତ୍ସବ ଶୁକ୍ରବାର ବିଷୁବ ମଣ୍ଡପରେ ଆୟୋଜିତ ହୋଇଯାଇଛି । ପ୍ରଜାତନ୍ତ୍ର ପ୍ରଚାର ସମିତିର ଅଧ୍ୟକ୍ଷ ତଥା ସମ୍ପାଦକ ଭର୍ତ୍ତୃହରି ମହତାବ କହିଥିଲେ ଯେ ଦେଶ ସ୍ୱାଧୀନତା ପୂର୍ବରୁ ସ୍ୱଦେଶୀ ଆନ୍ଦୋଳନ ଓ ସ୍ୱାବଲମ୍ବନର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଏହି ଖବର କାଗଜ ନିର୍ବାହ କରିଥିଲା । ଏଥିସହିତ ସାମନ୍ତବାଦ ତଥା ରାଜରାଜୁଡ଼ା ସମୟରେ ଶୋଷଣ, କଷଣ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଏହାର ଲକ୍ଷ୍ୟ ଥିଲା । ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଉତ୍ସବକୁ ଉଦ୍‌ଘାଟନ କରି ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମ ସମୟରେ ମହିଳା ସଶକ୍ତୀକରଣର ଯେଉଁ ଧ୍ୱଜା ଉଡ଼ିଥିଲା ସେଥିରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଧର୍ମପତ୍ନୀ ସୁଭଦ୍ରା ମହତାବଙ୍କ ଭୂମିକା ତଥା ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ପିଲାଦିନେ ହସ୍ତାକ୍ଷର ପାଇଁ ଖବରକାଗଜର ପୃଷ୍ଠାକୁ ପଢ଼ିବାକୁ ପଡୁଥିଲା । ଗାଁ ମଜଲିସ୍‌କୁ ନେଇ ମଧ୍ୟ ବହୁ ମଉଜ ମଜଲିସ୍ ମନରେ ଭରି ଉଠୁଥିଲା ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଏଥିରେ ସଭାପତିତ୍ୱ କରି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଡକ୍ଟର ମହତାବଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତିଟି ବ୍ୟକ୍ତିବିଶେଷ ଏକ ଅଜଣା ଅନୁଭବ ଓ ଅଭିଜ୍ଞତା ନେଇ ଫେରୁଥିଲେ ବୋଲି କହିଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ଲୋକରଞ୍ଜନ ମହତାବ ମଞ୍ଚାସୀନ ଥିଲେ । ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୨ମୌଜା ପୁଲିସ ଷ୍ଟେସନ୍‌କୁ ରାଜ୍ୟରେ ପ୍ରଥମ ସ୍ଥାନ

**କଟକ,୯।୮/ଏନ୍ଏନ୍ଏସ୍:** ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ସ୍ଥିର କରାଯାଇଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ଏବଂ ଏମ୍‌ସିସିଟିଏନ୍ଏସ୍‌ରୁ ତଥ୍ୟ ଅନୁଯାୟୀ ରାଜ୍ୟର ସମସ୍ତ ପୁଲିସ ଷ୍ଟେସନ ମଧ୍ୟରେ ଶ୍ରେଷ୍ଠ ପଦବୀ ହାସଲ କରି କମିଶନରେଟ୍ ପୁଲିସ ପୁଣି ଥରେ ଜନସେବା ପ୍ରଦାନ କରିବାରେ ଏହାର ଦକ୍ଷତା ପ୍ରମାଣିତ କରିଛି । ସଦ୍ୟତମ ରିପୋର୍ଟ ଅନୁଯାୟୀ, ୪୨ମୌଜା ପୁଲିସ ଷ୍ଟେସନ୍ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ସେହିପରି ବଡଗଡ଼ ପୁଲିସ ଷ୍ଟେସନ୍ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହାଛଡ଼ା ଗଞ୍ଜାମ ଜିଲ୍ଲାର ଗଞ୍ଜାମ ପୁଲିସ



ଷ୍ଟେସନ ତୃତୀୟ ସ୍ଥାନ, କଟକ ଗ୍ରାମୀଣ ମାହାଙ୍ଗା ଥାନା ଚତୁର୍ଥ ସ୍ଥାନ, ଗଞ୍ଜାମ ଜିଲ୍ଲାର ମାହାଙ୍ଗା ପୋଲିସ ଷ୍ଟେସନ ପଞ୍ଚମ ସ୍ଥାନ ଓ ରାୟଗଡ଼ା ଜିଲ୍ଲାର ଟିକିରି ପୁଲିସ ଷ୍ଟେସନ ଷଷ୍ଠ ସ୍ଥାନ ହାସଲ କରିଛି । ଏହାଛଡ଼ା ଲିଙ୍ଗରାଜ ପୁଲିସ ଷ୍ଟେସନ ରାଜ୍ୟରେ ଅଷ୍ଟମ ସ୍ଥାନ ହାସଲ କରିଛି । ଏହି ସଫଳତା ଗୁଡ଼ିକୁ କମିଶନରେଟ୍ ପୁଲିସର "ଉଇ କେୟାର୍ ଏବଂ ଉଇ ଡେୟାର୍" ମୂଳମନ୍ତ୍ର ପ୍ରତି ପ୍ରତିବଦ୍ଧତା ପ୍ରତିଫଳିତ କରୁଛି ।

ଆବଶ୍ୟକ ସମୟରେ ନାଗରିକ ମାନଙ୍କୁ ପ୍ରଦାନ କରାଯାଉଥିବା ସେବାର ଗୁଣବତ୍ତାରେ ନିରନ୍ତର ଉନ୍ନତି ଆଣିପାରିଛି । ଏହି ଉଲ୍ଲେଖନୀୟ ପ୍ରଦର୍ଶନୀକୁ ସ୍ୱୀକୃତି ଦେଇ କଟକ ଭୁବନେଶ୍ୱର ପୋଲିସ କମିଶନର ଏସ ଦେବଦତ୍ତ ସିଂହ, ଅତିରିକ୍ତ ସିପି ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କ ଉପସ୍ଥିତିରେ ୪୨ମୌଜା ପୁଲିସ ଷ୍ଟେସନର ଆଇଆଇସି ଓ ବଡ଼ଗଡ଼ ପୁଲିସ ଷ୍ଟେସନର ଆଇଆଇସିଙ୍କୁ ପ୍ରଶଂସା କରାଯାଇଛି । କମିଶନରେଟ ପୁଲିସ ସେବା ଏବଂ ସମର୍ପଣର ମନୋଭାବ ସହିତ ଏହାର କର୍ତ୍ତବ୍ୟ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ଅଭିଯାନ ଭବିଷ୍ୟରେ ଜାରିରହିବ ବୋଲି ପୁଲିସ କମିଶନର କହିଛନ୍ତି ।

# ବିଜ୍ଞାନ ପ୍ରଚାର ସମିତିର ୭୭ ତମ ପ୍ରତିଷ୍ଠା ଦିବସ

**କଟକ,୯।୮/ଏନ୍ଏନ୍ଏସ୍:** ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଓଡିଶା ବିଜ୍ଞାନ ପ୍ରଚାର ସମିତିର ୭୭ ତମ ପ୍ରତିଷ୍ଠା ଦିବସ ମପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଓଡ଼ିଶାରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ବିଜ୍ଞାନ ପ୍ରଚାର ସମିତି ଓ ବିଜ୍ଞାନ ଲେଖକମାନଙ୍କର ଭୂମିକା ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜର ସର୍ଜିକାଲ୍ ଏଣ୍ଡୋକ୍ରିନୋଲୋଜି ବିଭାଗର ପ୍ରାକ୍ତନ ପ୍ରଫେସର୍ ଡାକ୍ତର ବିଶ୍ୱନାରାୟଣ ମହାନ୍ତି ମୁଖ୍ୟ ଅତିଥିରୂପେ ଯୋଗଦେଇ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନକରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଟେଲି ମେଡିସିନ୍ ବିପ୍ଳବ ସୃଷ୍ଟିକରିଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭୁବନେଶ୍ୱର ନାଇଜରର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ଡକ୍ଟର୍ ସଂଜୟ କୁମାର ସ୍ୱାଇଁ, ଅନ୍ୟତମ ଅତିଥି ବକ୍ତା ନାଇଜରର କୁଳସଚିବ ଡକ୍ଟର ଅଭୟ କୁମାର ନାୟକ ବିଜ୍ଞାନ ମଧ୍ୟରେ ଆଧ୍ୟାତ୍ମିକତାର ଗୁରୁତ୍ୱ ସଂପର୍କରେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ଉପସଭାପତି ଡକ୍ଟର ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂପାଦିକା କବିତା ପାଟ୍ଟଶାଣୀ ବିବରଣୀ ପାଠକରିଥିଲେ ,ଡକ୍ଟର ଭାରତୀ ବେହେରା,ଡକ୍ଟର ହେମନ୍ତ କୁମାର ପରିଡା,ଡକ୍ଟର ଶିବଶଙ୍କର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



# ‘ଆଞ୍ଚଳିକ ଉପନ୍ୟାସ ପ୍ରତି ଗଣେଶ୍ୱର ମିଶ୍ରଙ୍କ ଅବଦାନ ଅନନ୍ୟ ଥିଲା’




**ଭୁବନେଶ୍ୱର,୯।୮/ଏନ୍ଏନ୍ଏସ୍:** ପୂର୍ବ ଭାରତରେ ଆଞ୍ଚଳିକ ଉପନ୍ୟାସ ଧାରାରେ ପ୍ରଫେସର ଗଣେଶ୍ୱର ମିଶ୍ରଙ୍କ ଲେଖା ସ୍ୱତନ୍ତ୍ର ଥିଲା ବୋଲି ଶନିବାର ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରଫେସର ବସନ୍ତ କୁମାର ପଣ୍ଡା ଉଲ୍ଲେଖ କରିଛନ୍ତି । ଗଣେଶ୍ୱର ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସାମାଜିକ-ସାଂସ୍କୃତିକ ସଂଗଠନ ଭୁବନେଶ୍ୱରସ୍ଥିତ ସତୀର୍ଥ ଦ୍ୱାରା ଆୟୋଜିତ ଏକ ସ୍ମାରକୀ କାର୍ଯ୍ୟକ୍ରମରେ ପ୍ରଫେସର ମିଶ୍ରଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳନ କରି ପ୍ରଫେସର ପଣ୍ଡା ମିଶ୍ରଙ୍କ ପଥପ୍ରଦର୍ଶକ ଉପନ୍ୟାସ ‘ସମୁଦ୍ରିକା’ (୧୯୬୪) ଏବଂ ବଙ୍ଗଳା ଔପନ୍ୟାସିକ ତାରାଶଙ୍କରା ବନ୍ଦ୍ୟୋପାଧ୍ୟାୟଙ୍କ ‘ହଂସୁଲି ବାଙ୍କେର ଉପକଥା’ (୧୯୪୭) ଏବଂ ହିନ୍ଦୀ ଲେଖକ ଫଣୀଶ୍ୱର ନାଥ ରେଣୁଙ୍କ ‘ମୈଲା ଅଞ୍ଚଳ’ (୧୯୫୪) ମଧ୍ୟରେ ସମାନତା ଆଙ୍କି ଭାରତର ଆଞ୍ଚଳିକ ଉପନ୍ୟାସ ଧାରାରେ ଏହି ତିନୋଟି କୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ପ୍ରସିଦ୍ଧ ସାହିତ୍ୟିକ ଦାଶ ବେନହୁର ମତ ଦେଇଛନ୍ତି ଯେ ଗଣେଶ୍ୱର ମିଶ୍ର ଜଣେ ଔପନ୍ୟାସିକ ଏବଂ ଛୋଟ ଗଳ୍ପ ଲେଖକ ହେବା ବ୍ୟତୀତ, ଜଣେ ଫିଚର ଲେଖକ ଭାବରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ଯାହା ହୁଏତ ଆଜିକାଲି ସର୍ବାଧିକ ପଠିତ ଧାରା ।ପ୍ରସିଦ୍ଧ ଲେଖିକା ଚିରଶ୍ରୀ ଇନ୍ଦ୍ରସିଂହ ଗଣେଶ୍ୱର ମିଶ୍ରଙ୍କ ଜୀବନ ଏବଂ କୃତି ବିଷୟରେ ସ୍ମୃତିଚାରଣ କରି କହିଥିଲେ ଯେ ଯୁବ ପିଢ଼ି ମଧ୍ୟରେ ତାଙ୍କ ଲେଖାକୁ ଲୋକପ୍ରିୟ କରିବା ପାଇଁ ପ୍ରୟାସ କରାଯିବା ଉଚିତ ।

ଏହି ଅବସରରେ ଦୁଇଟି ପୁସ୍ତକ - ନାଟ୍ୟକାର ଦୟାନିଧି ତ୍ରିପାଠୀଙ୍କ ଦ୍ୱାରା ମିଶ୍ରଙ୍କ ଉପନ୍ୟାସ ‘ସକାଳର ମୁହାଣ’ର ନାଟକୀୟ ରୂପାନ୍ତର ଏବଂ ଉଦୟନ ସୁପାକରଙ୍କ ଦ୍ୱାରା ମିଶ୍ରଙ୍କ ବଛା ବଛା ଛୋଟ ଗଳ୍ପର ହିନ୍ଦୀରେ ଅନୁବାଦ ‘ୟାହ ଦିଲ୍ କି ସୁନୋ’ - ଉନ୍ମୋଚିତ ହୋଇଥିଲା ।କବି ସରୋଜ ବଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡକ୍ଟର ବିରାଜ ମୋହନ ଦାଶ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାର ୬ଲକ୍ଷ ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରା କିସ୍ତି

**କଟକ,୯।୮/ଏନ୍ଏନ୍ଏସ୍:** ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲାର ୫ଲକ୍ଷ ୮୭ହଜାର ୧୦୪ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତକରଣ ମାଧ୍ୟମରେ ୨୯୩,୫୫,୨୦,୦୦୦ଟଙ୍କା ହସ୍ତାନ୍ତର କରାଯାଇଛି ।ଏହି ଅବସରରେ କୋରାପୁଟର ଜୟପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସୁଭଦ୍ରା ଯୋଜନା ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ସୁଭଦ୍ରା ହିତାଧିକାରୀମାନେ ସେମାନଙ୍କର ସ୍ୱାବଲମ୍ବୀ ହେବାର ଅନୁଭୂତି ମଧ୍ୟ ବଖାଣି ଥିଲେ । କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ନିଆଳୀ ବିଧାୟକ ଛବି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଜ୍ୟୋସ୍ନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ଲୋକସେବା’ ଟିମ୍ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

**ସମ୍ବଲପୁର,୯।୮/ଏନ୍ଏନ୍ଏସ୍:**ସମ୍ବଲପୁର ‘ଲୋକସେବା’ ଟିମ ପକ୍ଷରୁ ଗୁରୁକୁଳ ଛାତ୍ରାବାସ, ଆନନ୍ଦମାର୍ଗ ଆଶ୍ରମ, ଗୋବିନ୍ଦଟୋଲାରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଆଶ୍ରମ ମୁଖ୍ୟ ଆଚାର୍ଯ୍ୟ ରୁଦ୍ରଦେବାନନ୍ଦ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ରଖିଥିଲେ । ଏହି ଅବସରରେ ‘ଲୋକସେବା’ ଟିମର ସଦସ୍ୟ ବିଶ୍ୱଜିତ ମହାନ୍ତି, ମାସୁଦ୍ ଆଲମ୍, ସାହିଲ୍ ଦାସ୍, ସିଦ୍ଧାର୍ଥ ଜେନା, ଗୋପରଞ୍ଜନ କୁମ୍ଭାର, ବିକାଶ ରାଣା, ନୂରାନୀ ଗୁଲଜାର, କାଜଲ କୁମାରୀ ଓ ସୁଶ୍ରୀ ପ୍ରିୟଦର୍ଶିନୀ ଗାଡିଆ ଉପସ୍ଥିତ ଥିଲେ ।



# ନାରୀନେତ୍ରୀ ଅନୁଶୀଳା ପଟ୍ଟନାୟକଙ୍କ ପରଲୋକ

**କଟକ,୯।୮/ଏନ୍ଏନ୍ଏସ୍:** ବିଶିଷ୍ଟ କମ୍ୟୁନିଷ୍ଟ ନାରୀନେତ୍ରୀ, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ସମ୍ପାଦକ ଅଭିଜିତ ପଟ୍ଟନାୟକଙ୍କ ମାତା ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ପତ୍ନୀ ଅନୁଶୀଳା ପଟ୍ଟନାୟକଙ୍କର ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଶ୍ରୀବିହାର କଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ଏହି ଖବର ପାଇ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ବି.ପି.ଦାସ, ପୂର୍ବତନ ବିଚାରପତି ବିଶ୍ୱଜିତ ମହାନ୍ତି, ରାଜ୍ୟ ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାଶ, ବିଜେପି ନେତ୍ରୀ ସ୍ମୃତି ପଟ୍ଟ ନାୟକ, ନାରୀନେତ୍ରୀ ଶୈଳବାଳା ବେହେରା, ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ମନୋଜ କୁମାର ମିଶ୍ର, ଉପସଭାପତି ସିଦ୍ଧାନ୍ତ ଦାସ, କେନ୍ଦ୍ର ସରକାରଙ୍କ ଡେପୁଟି ସଲିସିଟର୍ ଜେନେରାଲ୍ ପ୍ରସନ୍ନ କୁମାର ପାଢ଼ୀ, ଆଇନଜୀବୀ ଶକ୍ତିଧର ଦାସ, ସୂର୍ଯ୍ୟ ପ୍ରସାଦ ମିଶ୍ର, ସୌର୍ଯ୍ୟକାନ୍ତ ପାଢ଼ୀ, ଅଶୋକ କୁମାର ପରିଜା, ଧରଣୀଧର ନାୟକ, ସୁବିଧା ପାଳିତ, ବିଜୟ କୁମାର ଦାଶ, ବିଜ୍ଞାନ ଶର୍ମା, ଜନ୍ମେଜୟ କଟିକିଆ, ଧର୍ମେଶ ନାୟକ ଓ କ୍ଷିରୋଦ ରାଉତ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କର ପୁତ୍ର ଅଭିଜିତ ଓ କନ୍ୟା ସୋମା, ପୁତ୍ରବଧୂ ଶୁଭ୍ରା, ପୁତୁରା ରତିକାନ୍ତ ପଟ୍ଟନାୟକଙ୍କ ସମେତ ଝିଆରୀ ଜାମାତା ଓ ପରିବାରବର୍ଗ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ସତୀ ଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅଭିଜିତ ମୁଖାଗ୍ନି ଦେଇଥିଲେ ।



# ରାମଲୀଳା ପ୍ରଚାର ସମିତିର ଶ୍ରାବଣ ପୂର୍ଣ୍ଣିମା

**କଟକ,୯।୮/ଏନ୍ଏନ୍ଏସ୍:** ଆଧ୍ୟାତ୍ମିକ ଅନୁଷ୍ଠାନ, କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ପକ୍ଷରୁ ଶ୍ରାବଣପୂର୍ଣ୍ଣିମା ଉତ୍ସବ ତେଲେଙ୍ଗାବଜାର ସ୍ଥିତ ନୃସିଂହନାଥ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ସାଧାରଣସଂପାଦକ ଦିଲ୍ଲିପ କୁମାର ସ୍ୱାଇଁ ସଂଗଠନ ସଂପର୍କରେ ଆଲୋକପାତ କରିଥିଲେ । କାର୍ଯକାରୀ ସଭାପତି ଅଶୋକ କୁମାର ଦାଶ, ଉପସଭାପତି ନଳିନ କୁମାର ସେନାପତି.ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ ଗ୍ରାମସଭା ସଂପର୍କରେ ଅବଗତ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ, ଡାକ୍ତର ରବିରଂଜନ ସାହୁ, ପୁରୀଘାଟ ଥାନାଅଧିକାରୀ ବିଶ୍ୱରଂଜନ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସି.ଏଚ.ରାମମୋହନ ରାଓ, ନମିତା ବେହେରା, ଶୈଳବାଳା ବିଶୋଇ, ଇନ୍ଦୁମତି ବିଶୋଇ, ମକର ସାହୁ, ନିବାସ ଚନ୍ଦ୍ର ମିଶ୍ର, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ଥିଲେ । ରଘୁନାଥ ସାହୁ ରାମଧୁନ ଗାନ କରିଥିଲେ ।



# ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

## ମହାନଦୀବିହାର ଶିଶୁ ବିଦ୍ୟାମନ୍ଦିର




**କଟକ,୯।୮/ଏନ୍ଏନ୍ଏସ୍:** ମହାନଦୀବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପରିଚାଳନା ସମିତିର ସଭାପତି ପ୍ରତିମା ଶତପଥିଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ଦାସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାନଦୀବିହାର ୟୁଜିଏମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଓ ସାଂପ୍ରତିକ ପରିସ୍ଥିତିରେ ରକ୍ଷା ବନ୍ଧନର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ଅଲେଖ ପାଗଳ ସଭାକାର୍ଯ୍ୟ ସଂଯୋଜନା କରିଥିବାବେଳେ ଦିବା ପର୍ଯ୍ୟାୟ ପ୍ରମୁଖ ଚକ୍ରଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଶିଶୁମାନଙ୍କ ଦ୍ୱାରା ସ୍ୱହସ୍ତ ପ୍ରସ୍ତୁତ ରାକ୍ଷୀ ପରସ୍ପର ମଧ୍ୟରେ ବନ୍ଧନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ସହଯୋଗରେ ସଂପନ୍ନ ହୋଇଥିଲା ।

## ମା’ ସରସ୍ୱତୀ ଶିକ୍ଷା ମନ୍ଦିର

ସ୍ଥାନୀୟ ଦରଘାବଜାର ହାତୀପୋଖରୀ ଛକସ୍ଥିତ ମା’ ସରସ୍ୱତୀ ଶିକ୍ଷା ମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ବଂଶୀଧର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନଙ୍କୁ ବିଦ୍ୟାଳୟର ଶିଶୁ ଛାତ୍ରଛାତ୍ରୀମାନେ ଗୀତ ଗାଇ ପବିତ୍ର ରାକ୍ଷୀ ବାନ୍ଧିଥିଲେ । ସହକାରୀ ବରିଷ୍ଠ ଆଚାର୍ଯ୍ୟ ସୁଭାଷ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲୋପରେ ପରେ ଶିଶୁ ଭାଇଭଉଣୀମାନେ ପରସ୍ପର ହାତରେ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ଖୁଆଇଥିଲେ । ଏହାପରେ ଶିଶୁମାନେ ବିଦ୍ୟାଳୟରୁ ବାହାରି ସ୍ଥାନୀୟ ତିନିକୋଣିଆ ବଗିଚା ନିକଟରେ ଏକହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ହାତରେ ରକ୍ଷା କବଚ ବାନ୍ଧିଥିଲେ । ବରିଷ୍ଠ ଆଚାର୍ଯ୍ୟା ନିରୂପମା ମହାନ୍ତି,ଶୁଭାସିନୀ ସାହୁ,ବବିତା ମହାନ୍ତି,ରେସମା ଖାତୁନ,ସୁମନ ହାତୀ,ସାଇନୀ ନିସା,ଏକତା ବେହେରା ଆଦି ସମସ୍ତ ଗୁରୁମା ଓ ଶିଶୁ ଭାରତୀ କମିଟିର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ସଂପନ୍ନ କରାଇଥିଲେ ।



## ବସୁନ୍ଧରା



ସମାଜସେବୀ ସଂଗଠନ ଲୋକସେବା ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ବଡ଼ାନାସୀସ୍ଥିତ ବସୁନ୍ଧରା ଆଜି ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁମାନଙ୍କ ସହ ରାକ୍ଷୀ ବାନ୍ଧି, ସ୍ନେହ, ପ୍ରେମ ଓ ଖୁସି ବାଣ୍ଟିବା ସହିତ ସେମାନଙ୍କ ସହ ସମୟ କାଟିଥିଲେ । ପିଲାମାନଙ୍କୁ ବିସ୍କୁଟ୍, ଚକୋଲେଟ୍ ବଣ୍ଟନ କରାଗଲା ଓ ସମସ୍ତେ ମିଶି କେକ୍ କାଟି ଆନନ୍ଦ ଉପଭୋଗ କରିଥିଲେ । ରକ୍ଷାବନ୍ଧନର ଏହି ବିଶେଷ ଅବସରରେ ସମସ୍ତଙ୍କ ମୁହଁରେ ଅନନ୍ୟ ହସି, ଭାଇ-ଭଉଣୀର ସମ୍ବନ୍ଧ ପରିଚୟକୁ ଆହୁରି ସୁଦୃଢ଼ କରିଥିଲା । ଏହି କାର୍ଯ୍ୟକ୍ରମରେ ବସୁନ୍ଧରାର ୫ରୁ ୧୮ବର୍ଷ ମଧ୍ୟରେ ୧୦୦ଜଣ ବାଳକ ବାଳିକା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଅବିନାଶ ନାୟକ, ଶୁଭ୍ରଜିତ ସ୍ୱାଇଁ, ଜୟଶ୍ରୀ ସାହୁ, ପ୍ରୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**କଟକ,୯।୮/ଏନ୍ଏନ୍ଏସ୍:** କଟକ ଭୁବନେଶ୍ୱର ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତା ପାର ହେବା ସମୟରେ ଯୁବକଙ୍କ ଉପରେ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ମୃତକ ବଡ଼ମ୍ବା ଥାନା ବିଦ୍ୟାଧରପୁର ଗ୍ରାମର ପ୍ରଭାତ ପ୍ରଧାନ ବୋଲି ଜଣାପଡ଼ିଛି । ପୁଲିସ ସୂଚନା ମୁତାବକ ପ୍ରଭାତ ଭୁବନେଶ୍ୱର ମଞ୍ଚେଶ୍ୱର ଅଂଚଳରେ ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ । ଗତକାଲି ରାତିରେ ପ୍ରଭାତ କୌଣସି ଏକ ଜରୁରୀ କାମରେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ଅଞ୍ଚଳକୁ ଆସିଥିଲେ । ରାତି ପ୍ରାୟ ୧୨ଟା ସମୟରେ ପ୍ରଭାତ ରାସ୍ତା ପାରି ହେଉଥିବାବେଳେ କଟକରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲେ । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ସାଙ୍ଗ ନେଲା ସାଙ୍ଗର ଜୀବନ

# ବକେୟା ଟଙ୍କାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା ସନ୍ଦେହ

**ବ୍ରହ୍ମପୁର,୯।୮/ଏନ୍ଏନ୍ଏସ୍:** ବଡ ବଜାର ଥାନା ଅନ୍ତର୍ଗତ ଆସିକା ରୋଡ ଶ୍ରୀରାମନଗର ରାଉତପେଣ୍ଠ ସାହିର ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ଜଣକ ସେହି ଅଞ୍ଚଳରେ ରହୁଥିବା ଶଙ୍କର ମାଝି ବୋଲି ଜଣାପଡିଛି। ଘରଭଡାକୁ କେନ୍ଦ୍ରକରି ଏଭଳି କାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ପ୍ରକାରେ ଶ୍ରୀରାମନଗର ରାଉତପେଣ୍ଠ ସାହିରେ ମୃତକ ଶଙ୍କର ମାଝି ନିଜ ପରିବାର ଠାରୁ ଦୁରେଇ ସାଙ୍ଗ ଗୌରା ବେହେରା ସହ ଭଡା ଘରେ ରହୁଥିଲେ। ବକେୟା ଟଙ୍କାକୁ ନେଇ କୁଆଡେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ପାଟିତୁଣ୍ଡ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗୌରା ଶଙ୍କରଙ୍କୁ କୌଣସି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୁରୁତର କରି ପକାଇଥିଲା। ପରେ ଘରର କବାଟ ବନ୍ଦ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ତାଲା ବନ୍ଦ ଘରେ ଥିବା ଗୁରୁତର ଯୁବକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ କବାଟ ଖୋଲିଥିଲେ। ଗୁରୁତର ଶଙ୍କରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏହି ଅଭାବନୀୟ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବାଇକ୍ ଚାଳକଙ୍କୁ ରାଖୀ ବାନ୍ଧି ହେଲ୍ମେଟ୍ ପିନ୍ଧିବାକୁ ସଚେତନ କଲେ ଛାତ୍ରଛାତ୍ରୀ

**ଆସିକା,୯।୮/ଏନ୍ଏନ୍ଏସ୍:** ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟାକୁ ରୋକିବା ଓ ଟ୍ରାଫିକ୍ ନିୟମ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ କରିବା ଏବଂ ନାବାଳକଙ୍କ ଗାଡି ଚାଳନା ଉପରେ ଅଙ୍କୁଶ ଲଗାଇବା ପାଇଁ ଆସିକା ନିକଟସ୍ଥ କଇଁଫୁଲିଆ ଛକ ସ୍ଥିତ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସିକା କଇଁଫୁଲିଆ ଛକ ସ୍ଥିତ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ନିର୍ଦ୍ଦେଶକ ବିରୁପାକ୍ଷ ସାମନ୍ତରାୟ ଓ ପରିଚାଳନା କମିଟି ସଂପାଦକ ସନ୍ତୋଷ କୁମାର ସିୟ ଏବଂ ପ୍ରଧାନାଚାର୍ଯ୍ୟ ବିପ୍ରଚରଣ ଭଂଜଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ବହୁ ଛାତ୍ରଛାତ୍ରୀ ଯୋଗଦେଇ



କଇଁଫୁଲିଆ ଛକ-କଲେଜଛକ ମୁଖ୍ୟରାସ୍ତାରେ ବାଇକ୍‌ରେ ଯାଉଥିବା ଗାଡିଚାଳକଙ୍କୁ କିଛି କ୍ଷଣ ପାଇଁ ଅଟକାଇ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ହାତରେ ରାକ୍ଷୀ ବାନ୍ଧି ଶୁଭକାମନା ଜଣାଇବା ସହ ନାବାଳକ ମାନଙ୍କ ଗାଡି ଚାଳନା ରୋକିବା ଉପରେ ଅଭିଭାବକ ମାନେ ଯତ୍ନବାନ୍ ହେବାକୁ ଆହ୍ୱାନ କରିବା ଦୁଇଚକିଆ ଯାନ ଚଳାଇବା ସମୟରେ ହେଲ୍ମେଟ୍ ବ୍ୟବହାର କରିବା ଓ ଚାରିଚକିଆ ଯାନରେ ବସିବା ସମୟରେ ସିଟ୍ ବେଲ୍ଟ୍ ପରିଧାନ କରିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚାଳନା ସମୟରେ ମୋବାଇଲରେ କଥା ନହେବା, ଦୁଇଚକିଆ ଯାନରେ ତିନିଜଣ ନ ବସିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଓଭରଟେକ୍ ନକରିବା ଆଦି ବିଷୟରେ ସଚେତନ କରିଥିବା ଲକ୍ଷ୍ୟ କରାଯାଇଥିଲା। ଆସିକା ନିକଟସ୍ଥ କଇଁଫୁଲିଆ ଛକ ସ୍ଥିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବିରୁପାକ୍ଷ ସାମନ୍ତରାୟ, ପ୍ରଧାନାଚାର୍ଯ୍ୟ ବିପ୍ରଚରଣ ଭଂଜ, ପରିଚାଳନା କମିଟି ସଂପାଦକ ସନ୍ତୋଷ କୁମାର ସିୟ, ଗୁରୁମା ବିଷ୍ଣୁପ୍ରିୟା ସାମନ୍ତରା, ରେଣୁ ଆଚାରୀ, ଜୟଶ୍ରୀ ଦୋରା, ବିଜ୍ଞାନୀ ଦାଶ, ସ୍ମିତାଂଜଳୀ ଦାଶ, ଶ୍ରାବଣୀ ଦାଶ, ବବିତା ଗୌଡ, ଦୀପିକା ନାହାକ, ରୁନୁଲତା ସ୍ୱାଇଁ, ରୂପଶ୍ରୀ ମହାରଣା, ସ୍ୱପ୍ନା ନାହାକ, ମୂର୍ତ୍ତିମୟୀ ବେହେରା, ସ୍ମୃତି ନାହାକ, ଗୁରୁଜୀ ଜୟରାମ ଦାଶ, ରାଜେନ୍ଦ୍ର ପାଣିଗ୍ରାହୀ, ଦଣ୍ଡପାଣି ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା।

# ୧୧ରୁ ସମୂହ ଛୁଟିରେ ଯିବେ ଆସିକାର ରାଜସ୍ୱ ଅମଲା

**ଆସିକା,୯।୮/ଏନ୍ଏନ୍ଏସ୍:** ରାଜ୍ୟ ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବୀ ପୂରଣ ଲାଗି ଆସନ୍ତା ୧୧ ତାରିଖରୁ ରାଜସ୍ୱ ଅମଲା ସଂଘ ଆସିକା ଶାଖାର କାର୍ଯ୍ୟକର୍ତ୍ତାମାନେ ଛୁଟିରେ ଯିବାକୁ ନିଷ୍ପତି ନେଇ ଏ ସଂକ୍ରାନ୍ତରେ ସମୂହ ଛୁଟି ଦରଖାସ୍ତ ଆସିକା ତହସିଲଦାର ସଙ୍ଗୀତା ସେଣଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଜିଲ୍ଲାସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କ ମୂଳ ଦରମା ଓଆର୍ଏସ୍‌ପି ୨୦୧୭ ନିୟମ ଅନୁଯାୟୀ ଲେବେଲ୍-୯କୁ ବୃଦ୍ଧି, କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃଥଇଥାନ ଯୋଜନାର ନିୟମାବଳୀକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରି ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ଓଡିଶା ରାଜସ୍ୱ ସେବା ପଦ୍ଧିତିରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ପ୍ରଦାନ, ନୂତନ ପେନସନ୍ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସମେତ ଅନ୍ୟ କେତେକ ଦାବୀ ପୂରଣ ଲାଗି ଓଡିଶା ରାଜସ୍ୱ ଅମଲା ସଂଘର ଆହ୍ୱାନକ୍ରମେ ଆସିକା ସଂଘର କାର୍ଯ୍ୟକର୍ତ୍ତାମାନେ ଦୀର୍ଘ ଦିନର ନ୍ୟାୟେଚିତ ଦାବୀ ପୂରଣ ଲାଗି ଆସନ୍ତା ୧୧ ତାରିଖରୁ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତି ନେଇଥିବା ଜଣାପଡିଛି। ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଓଡିଶା ରାଜସ୍ୱ ଅମଲା ସଂଘର ଦୀର୍ଘ ଦିନର ଦାବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଆସିକା ଶାଖାର ସକ୍ରିୟ ସଦସ୍ୟ କିରଣ କୁମାର ପାଢୀ, ସୁକାନ୍ତ କୁମାର ପରିଡା, କେ.ଲୀଲୁ, ସୁନିତାରାଣୀ ପାତ୍ର, ଚନ୍ଦନ କୁମାର ରଥ, ସୁମନ୍ କୁମାର ବିଷୋୟୀ, ଅଭିଜିତ୍ ପାଣିଗ୍ରାହୀ, ଦୀପକ୍ କୁମାର ଗୌଡ, ସନ୍ତୋଷ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଶିବଶମ୍ଭୁ ଗୌଡଙ୍କ ସମେତ ବହୁ ସଦସ୍ୟ ଅନୁରୋଧ କରିଥିବା ଜଣାପଡିଛି। ଓଡିଶା ରାଜସ୍ୱ ଅମଲା ସଂଘର ଆହ୍ୱାନକ୍ରମେ ଆସିକାର ରାଜସ୍ୱ ଅମଲାମାନେ ଆସନ୍ତା ୧୧ ତାରିଖରୁ ସମୂହ ଛୁଟିରେ ଗଲେ ଆସିକା ତହସିଲ କାର୍ଯ୍ୟାଳୟ ପରିସରଭୁକ୍ତ ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କୁ ମିଳୁଥିବା ତ୍ୱରିତ୍ ରାଜସ୍ୱ ସେବା ବାଧାପ୍ରାପ୍ତ ହେବା ସାଙ୍ଗକୁ ଜନସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବେ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଇଛି।




## ଭଏସ୍ ଅଫ୍ ମିଡିଆ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

# ସାମ୍ବାଦିକ ସୁରକ୍ଷା ଆଇନ୍ ଶୀଘ୍ର କାର୍ଯ୍ୟକାରୀ ଦାବି



**ପୁରୁଷୋତ୍ତମପୁର,୯।୮/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଭଏସ ଅଫ ମିଡ଼ିଆ ସେବା ସାମ୍ବାଦିକ ସଙ୍ଘ ତରଫରୁ ସାତ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ବିନୋଦ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି । ସଂଘର ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ଦାଶଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଦାବିଗୁଡିକ ମଧ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ସୁରକ୍ଷା ଆଇନ ଅତିଶୀଘ୍ର ଲାଗୁ କରିବା, ବରିଷ୍ଠ ଓ ବୟସ୍କ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ, ରାଜ୍ୟରେ ସରକାର ଅଧିସ୍ୱୀକୃତି କମିଟି ଗଠନ କରି ଜିଲ୍ଲା ଠାରୁ ବ୍ଲକ ସ୍ତରୀୟ ସାମ୍ବାଦିକ ମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ, ସାମ୍ବାଦିକଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାରେ ବାପା, ମା ଓ ସେମାନଙ୍କୁ ପୁଅ, ଝିଅକୁ ସାମିଲ କରିବା, ମିଡ଼ିଆ ଏକାଡେମୀ ଗଠନ କରିବା ଆଦି ମୁଖ୍ୟ ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଗୌଡ଼, କୋଷାଧ୍ୟକ୍ଷ ଅମିତ କୁମାର ମହାପାତ୍ର, ଉପସଭାପତି କେ. ତ୍ରିଲୋଚନ ପାତ୍ରଙ୍କ ସହ ମାଧବାନନ୍ଦ ଦାଶ, ତ୍ରିଲୋଚନ ଦାଶ, ଶାନ୍ତନୁ ପଣ୍ଡା, ଶୁଭଙ୍କରୀ ଦାଶ, ଶୁଭଙ୍କର ଦାଶ, ଅରବିନ୍ଦ ଗୌଡ଼, ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ଓ ଛୁଆ ମୃତ୍ୟୁର ୩ ମାସ ପରେ

# ଦେଙ୍ଗାଉସ୍ତା ସାହାରା ନର୍ସିଂହୋମ୍‌କୁ ସିଲ୍‌କଲା ସ୍ୱାସ୍ଥ୍ୟ ବିଭାଗ

**ସାନଖେମୁଣ୍ଡି,୯।୮/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତା ବଜାରରେ ଥିବା ଘରୋଇ ସାହାରା ନର୍ସିଂ ହୋମକୁ ସିଲ୍ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ସୂଚନା ମୁତାବକ ଶୁକ୍ରବାର ଅପରାହ୍ନରେ ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ୍ ମଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଡ୍ରଗସ ଇନ୍ସପେକ୍ଟର ଓ ଦିଗପହଣ୍ଡି ପୁଲିସ ଘେରେଇ ନର୍ସିଂ ହୋମରେ ପହଞ୍ଚି ତଦନ୍ତ କରିବା ପରେ ସିଲ କରିଥିବା ଜଣାପଡିଛି। ଗତ ମେ ମାସ ୧୩ ତାରିଖରେ କରାଖଣ୍ଡି ଗ୍ରାମର ଜଣେ ପ୍ରସୂତି ରୋଜି ନାୟକ ପ୍ରସବ ପାଇଁ ସାହାରା ନର୍ସିଂ ହୋମକୁ ଯାଇଥିଲେ । ପ୍ରସବ ସମୟରେ ଉଭୟ ମାଆ ଓ ନବଜାତ ଶିଶୁର ମୃତ୍ୟୁ ହୋଇଥିଲା । ପରେ ପ୍ରସୂତିଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ଯେ ନର୍ସିଂ ହୋମର ଚିକିତ୍ସାରେ ଅବହେଳା, ଅଣ ସ୍ୱୀକୃତି ପ୍ରାପ୍ତ କର୍ମଚାରୀଙ୍କ ହାତରେ ପ୍ରସବ କରିବା ନେଇ ଅଭିଯୋଗ କରିଥିଲେ । ପରେ ଦିଗପହଣ୍ଡି ପୋଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଥିବା ସରକାରୀ ଏଏନ୍ଏମ୍ ମଧୁସ୍ମିତା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଅନ୍ୟପଟେ ନର୍ସିଂ ହୋମ ମାଲିକ କିଛି ଦିନ ପାଇଁ ଫେରାର ଥିଲେ ଏବଂ ନର୍ସିଂ ହୋମ ମଧ ବନ୍ଦ ଥିଲା । ପରେ ଆଗୁଆ ଜାମିନ ଆଣି ପୁଣି ଥରେ ନର୍ସିଂ ହୋମ ଆରମ୍ଭ କରିଥିଲେ । ଆଜି ଅପରାହ୍ନ ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ଦିଗପହଣ୍ଡି ପୋଲିସଙ୍କ ଉପସ୍ଥିତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ କାଗଜ ପତ୍ର ଯାଞ୍ଚ କରି ନର୍ସିଂ ହୋମ ସିଲ୍ କରିଥିଲେ।



# ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ

**ବୁଗୁଡ଼ା,୯।୮/ଏନ୍ଏନ୍ଏସ୍:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ‘ ରକ୍ଷା ବନ୍ଧନ ଉତ୍ସବ ‘ ଉତ୍ସାହର ସହ ପାଳିତ ହୋଇଯାଇଛି । ପ୍ରଧାନାଚାର୍ଯ୍ୟ ଅଟଳ ଲିଙ୍ଗରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର , ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ, ପରିଚାଳନା ସମିତି ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଓ କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ରକ୍ଷା ବନ୍ଧନ ଉତ୍ସବ ପାଳନର ତାତ୍ପର୍ଯ୍ୟ ସଂପର୍କେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୁରୁମା ଲିଲି କୁମାରୀ ପ୍ରଧାନ ସଂଯୋଜନା , ଗୁରୁଜୀ ସଞ୍ଜୟ କୁମାର ଷଡଙ୍ଗୀ ଗୈରିକ ଧ୍ୱଜା ଉତ୍ତୋଳନ, ଭଉଣୀ



ଆଦ୍ୟାଶା ରାଣୀ ଡାକୁଆ ସ୍ୱାଗତ ସଙ୍ଗୀତ ଗାନ ଓ ଇସିକା ସାହୁ ସାହୁ ଅମୃତ ବଚନ ପ୍ରଦାନ କରିଥିବା ବେଳେ ପରିଶେଷରେ ଗୁରୁମା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ସହ ଶିଶୁ ବାଟିକା ବିଭାଗ ପକ୍ଷରୁ ପ୍ରମୁଖ ଗୁରୁମା ମମତା ସାହୁଙ୍କ ତତ୍ତ୍ୱାବଧାନରେ ଅରୁଣ , ଉଦୟ ଓ ପ୍ରଭାତ ଶ୍ରେଣୀର ଶିଶୁ ଭାଇଭଉଣୀଙ୍କୁ ନେଇ ‘ଗହ୍ଣା ଡିଆଁ‘ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଏଥି ସହ ଶିଶୁ ମନ୍ଦିରର ଭାଇ-ଭଉଣୀମାନେ ଗୁରୁଜୀ-ଗୁରୁମାଙ୍କ ଗହଣରେ ଯାଇ ବିଭିନ୍ନ କାର୍ଯ୍ୟାଳୟ ଏବଂ ସାହି ପରିକ୍ରମା କରି ରାକ୍ଷୀ ବନ୍ଧନ କାର୍ଯ୍ୟ କରିଥିଲେ । ସେହିପରି ବୁଗୁଡ଼ା ବ୍ଲକର କରଚୁଲି ଗ୍ରାମସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ମଧ ପ୍ରଧାନାଚାର୍ଯ୍ୟ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ‘ରକ୍ଷା ବନ୍ଧନ‘ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# ଯୁବ ରେଡ଼୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

**ଫୁଲବାଣୀ, ୯।୮/ଏନ୍ଏନ୍ଏସ୍:** ଓଡ଼ିଶା ରେଡ଼କ୍ରସ୍ ରାଜ୍ୟ ଶାଖା ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲାର ଯୁବ ରେଡ଼କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧକ୍ଷ ତଥା ଜିଲ୍ଲା ଯୁବ ରେଡକ୍ରସ୍‌ର ସଭାପତି ଡ଼. ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଏବଂ ପୂର୍ବତନ ଜିଲ୍ଲା ସଂଯୋଜକ ସୁକାନ୍ତ କୁମାର ବେହେରା ଯୋଗଦେଇଥିଲେ। ସମସ୍ତ ମଞ୍ଚାସିନ ଅତିଥି ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ରେଡକ୍ରସ୍‌ର ଜନ୍ମଦାତା ସାର ହେନରୀ ଡୁନାଣ୍ଟଙ୍କ ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ। ଜିଲ୍ଲାର ଯୁବ ରେଡ଼କ୍ରସ୍ କନଭେର୍ନୋ ସେକ୍ରେଟାରୀ ତଥା ସହକାରୀ ପ୍ରଫେସର ଡ. ଅଭିପ୍ସା ବଳ ଅତିଥି ପରିଚୟ ଦେବା ସହ ସ୍ୱାଗତ ଅଭିଭାଷଣ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ଜେନା ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ସମାଜସେବାରେ ରେଡକ୍ରସ୍‌ର ଭୂମିକା ଉପରେ ଏକ କବିତା ମାଧ୍ୟମରେ ଉଦବୋଧନ କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ରେ ଯୁବ ରେଡ଼କ୍ରସ୍‌ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ କିପରି ଭାବେ ନୂତନ ରେଡ଼କ୍ରସ୍ ୟୁନିଟ୍ ସକ୍ରିୟ କରିବାକୁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଉପସ୍ଥିତ କାଉନସିଲର ମାନେ ୨୦୨୫-୨୬ ବର୍ଷ ନିମନ୍ତେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ରେଡକ୍ରସ୍ କୋର୍ଡିନେଟର ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୩୧ ବିଦ୍ୟାଳୟ ରୁ ଅଧକ୍ଷ ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ।




# ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ପୁରୁଷୋତ୍ତମପୁର,୯।୮/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଆସିକା, ହୁମା ରୋଡ଼ କୁମାରୀ ବିଦ୍ୟୁତ ଟ୍ରାନ୍ସଫର୍ମ ନିକଟରୁ ଗଳିତ ଶବ ଉଦ୍ଧାର ହୋଇଛି। ମୃତକ ଜଣକ କୁମାରୀ ଗାଁର କବି ମହାରଣା (୨୭) ବୋଲି ଜଣାପଡିଛି। ଏହି ଘଟଣା ଜଣା ପଡିବା ପରେ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତେବେ ପିତା ସୁରେନ୍ଦ୍ରଙ୍କ ମୃତ୍ୟୁର ଆଠ ଦିନ ପୂର୍ବରୁ କବି କୁଆଡେ ନିଖୋଜ ହୋଇ ଯାଇଥିଲେ । ବହୁ ଖୋଜା ଖୋଜି ପରେ ମଧ ତାଙ୍କର ସନ୍ଧାନ ମିଳି ନଥିଲା । ପୁରୁଷୋତ୍ତମପୁର ପୁଲିସ ମୃତ ଦେହକୁ ଜବତ କରିବା ସହ କେସ୍ ନଂ ୧୫/୨୫ରେ ଏକ ମାମଲା ରୁଜୁ କରିଛି। ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇ ପୋଷ୍ଟ ମଟମ କରିବା ପାଇଁ ପୋଲିସ ଚେଷ୍ଟା କରୁଛି । ପୁଲିସର ତଦନ୍ତ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ତାହା ଆତ୍ମହତ୍ୟା ନା ହତ୍ୟା ତାହା ଜଣାପଡିବ । ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଯୋଗ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଫୁଲବାଣୀ,୯।୮/ଏନ୍ଏନ୍ଏସ୍:** ସ୍ଥାନୀୟ ସର୍କଲ ଜେଲ ପରିସରରେ ଯୋଗ ପ୍ରଶିକ୍ଷକ ଜ୍ଞାନ ରଞ୍ଜନ ଦାଶଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ସମ୍ବର୍ଦ୍ଧନା କରାଯାଇଛି। ଆର୍ଟ ଅଫ ଲିଭିଂର ସଦସ୍ୟ ତଥା ଅବସରପ୍ରାପ୍ତ ସ୍ଥାପନା ଅଧିକାରୀ ଶ୍ରୀ ଦାଶ ପ୍ରଶିକ୍ଷଣ ମାଧ୍ୟମରେ କାରାଗାରର ଅନ୍ତେବାସୀ ମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଛନ୍ତି ବୋଲି ଏ ଅବସରରେ କହିଛନ୍ତି ମଣ୍ଡଳ କାରାଗାର ଅଧୀକ୍ଷକ। କାରାଗାର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଦାଶଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ ଏଭଳି ସଂସ୍କାର ମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ ଶ୍ରୀ ଦାଶ।



NITIDIN ନିତିଦିନ
ରବିବାର, ୧୦ ଅଗଷ୍ଟ ,୨୦୨୫

ନିତି ଭାରତୀ

ଜୀବନ ହେଉଛି ଠିକ୍ କାମ କରିବା ଏବଂ ଯାତ୍ରା ଚାଲୁ ରଖିବା... । - ଆରକେ ନାରାୟଣ



ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...

ମନୋଜ କୁମାର ମହାପାତ୍ର

# ଅଷ୍ଟପାଶ ହିଁ ଆତ୍ମହନନର ଅନ୍ତୁଡ଼ିଶାଳ

ଜଣେ ବନ୍ଧୁ ମୋତେ ପଚାରିଲେ- ଆଜ୍ଞା, ଏହି କେତେଦିନ ହେବ ଆତ୍ମହତ୍ୟା ପ୍ରବଣତା ଯେପରି ଭାବେ କାୟା ବିସ୍ତାର କରୁଛି ଏବଂ ଯାକୁ ନେଇ ଯେପରି ରାଜନୀତି ଫଣା ଟେକୁଛି ଓ ଗଣମାଧ୍ୟମରେ ବିତର୍କ ଚାଲିଛି, ଏହା କ'ଣ ଆତ୍ମହତ୍ୟାର ବୀଜକୁ ମଣିଷ ଭିତରୁ ହ୍ରାସ ନା ମୂଳୋତ୍ପାଟନ କରିବ ନା ପରୋକ୍ଷରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିବ ? ଆପଣ ଏ ବିଷୟରେ କିଛି କୁହନ୍ତୁ, ନିରବତା ଅବଲମ୍ବନ କଲେ କ'ଣ ହେବ ? ମୋର ଉତ୍ତର ଥିଲା- ଦେଖନ୍ତୁ ଆଜ୍ଞା, ମୋ ବିଚାରରେ ଆତ୍ମହତ୍ୟା ଆଜିର ନୂଆ ଘଟଣା ନୁହେଁ । ମାନବ ସଭ୍ୟତାର ପ୍ରାରମ୍ଭରୁ ଏହା ଓତଃପ୍ରୋତ ଭାବେ ଜଡ଼ିତ । ଋଷି ବଶିଷ୍ଠ ରାଜା ବିଶ୍ୱାମିତ୍ରଙ୍କ ଦ୍ୱାରା ନିଜର ପୁତ୍ରମାନଙ୍କ ନିହତ ହେବା ଦୁଃଖରେ ଅନେକ ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଆତ୍ମଜ୍ଞାନ ଉଦୟ ହେବା କ୍ଷଣି ଆତ୍ମହତ୍ୟା ଉଦ୍ୟମରୁ ନିବୃତ୍ତ ହୋଇଥିଲେ । ଏପରି ଅନେକ କାହାଣୀ ପୁରାଣରେ ବର୍ଣ୍ଣିତ । ସେସବୁର ଅବତାରଣା କରିବାର ପ୍ରୟୋଜନ ନାହିଁ । କିନ୍ତୁ ଗୋଟିଏ କଥା ପ୍ରମାଣିତ ଯେ ଆତ୍ମହତ୍ୟା ପ୍ରବଣତା ପ୍ରତ୍ୟେକ ମନୁଷ୍ୟ ଭିତରେ ବସା ବାନ୍ଧି ରହିଛି, ତାହା ପ୍ରାଚୀନ ଯୁଗ ହେଉ କି ବର୍ତ୍ତମାନର ଅତ୍ୟାଧୁନିକ ଯୁଗ ହେଉ ।

ଆମ ପିଲାମାନେ ତ ଉପନିଷଦ, ବେଦାନ୍ତ ଓ ଭଗବତ୍ ଗୀତା ପଢୁ ନାହାନ୍ତି । ପଢ଼ିଲେ ସିନା ମନୁଷ୍ୟ ଜୀବନ ବାସ୍ତବରେ କ'ଣ, ତାହା ବୁଝି ପାରିବେ । ଉପଦେଶ ତୁଚ୍ଛାଟାରେ ଦେଲେ କିଛି ଲାଭ ହେବନି । ଦେଖନ୍ତୁନା ମିଛ କହିବା ମହାପାପ ବୋଲି ପ୍ରତ୍ୟେକେ ଆମେ ପିଲାଦିନରୁ ଶୁଣନ୍ତି; ଆଜି ବି ଆମର ପିଲାମାନେ ଶୁଣୁଛନ୍ତି । କିନ୍ତୁ ମିଛ କହିବା କ'ଣ ବନ୍ଦ ହେଲା ? ତା'ର କାରଣ କ'ଣ ? ମିଛ କହିବା ମହାପାପ ସିନା ଶୁଣନ୍ତି, ପଢ଼ନ୍ତି, ବକ୍ତୃତା ଦିଅନ୍ତି ଓ ପୁସ୍ତକ ରଚନା କରନ୍ତି; କିନ୍ତୁ ଏହି ବାକ୍ୟଟିକୁ ନିଜ ଭିତରେ ପୂରାଇ କେବେ ଘାଣ୍ଟନ୍ତିନି । ଅର୍ଥାତ୍ ମନନ ଓ ନିଦିଧ୍ୟାସନ କରନ୍ତିନି । କାହିଁକି ବା କରିବା ? ନେତାଙ୍କଠାରୁ ଜନତା ପର୍ଯ୍ୟନ୍ତ ପ୍ରାୟ ମିଛରେ ସମସ୍ତେ ଭାସନ୍ତି ନିଜ ନିଜ ସ୍ୱାର୍ଥ ସାଧନ ନିମନ୍ତେ ଏବଂ ସମାଜରେ ବଡ଼ ବଡ଼ ଆସନ ମାଡ଼ି ବସନ୍ତି । କମ୍ବଳଟା ଯାକ କେଶ, କେଉଁଟାକୁ ଉତ୍ପାଟନ କରିବା ?

ସେହିଭଳି ଆତ୍ମହତ୍ୟା- ଏହା କାପୁରୁଷତା ବା ପାପ ବୋଲି ସର୍ବେ ଜାଣନ୍ତି, କିନ୍ତୁ ଯିଏ ଏହା କରେ, ସେ ବି ଭଲ ଭାବେ ଜାଣେ, ତଥାପି ସେ କରେ ବି । ତାହାର କାରଣ ହେଉଛି, ଯେହେତୁ ଆମେ ନିଜର ସ୍ୱରୂପ ଠିକ୍ ଜାଣି ନାହାନ୍ତି, ସେପରି ଘଟିବ ହିଁ ଘଟିବ । ନିଜକୁ ଚିହ୍ନିବାକୁ ଚେଷ୍ଟା ନ କରି ମନ୍ଦିରରେ ପୂଜାପାଠ କଲେ ବା ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣରେ ଉପବାସ କଲେ ବା ଶ୍ରାବଣ ମାସରେ ବାହୁଙ୍ଗି କାନ୍ଧେଇ ଶିବଙ୍କ ଉପରେ ପାଣି ଢାଳିଲେ ବା ଏତାଦୃଶ ଅନ୍ୟ ପାରମ୍ପରିକ ଧାର୍ମିକ କାର୍ଯ୍ୟ ଉପରଠାଉରିଆ ଭାବେ ସମ୍ପାଦନ କଲେ ଆତ୍ମଜ୍ଞାନ କେବେ ବି ଜଣକ ଭିତରେ ଜାଗ୍ରତ ହେବନି ।

ଆମକୁ ବୁଝିବାକୁ ହେବ ବାସ୍ତବରେ 'ମୁଁ କିଏ' । ଯଦି ଆମ ପାଖରେ ସମୟ ନାହିଁ, ଜଣେ କେବଳ ଗୀତା ପ୍ରତିଦିନ ପଢୁ ଏବଂ ତା'ର ଅର୍ଥକୁ ବୁଝି ମନନ କରୁ, ଦେଖିବେ ତା'ର ଆତ୍ମଜ୍ଞାନ ସାମାନ୍ୟ ହେଉ ପଛେ, ଜାଗ୍ରତ ହେବ । ଯେତେ ଦୁଃଖ, କଷ୍ଟ ଜୀବନରେ ଆସୁ ପଛେ ସେ ନିଜର ଭାରସାମ୍ୟ ହରାଇବନି । ଘୃଣା, ଲଜ୍ଜା, ଭୟ, ଶଙ୍କା, ଜୁଗୁପସା, କୁଳ, ଜାତି, ଶୀଳ ଭଳି ଅଷ୍ଟପାଶ ବନ୍ଧନରୁ ମୁକ୍ତ ହୋଇ ସ୍ୱାଧୀନ ଚିନ୍ତାର ବ୍ୟକ୍ତିତ୍ୱ ପାଲଟି ଯିବ । କାହିଁକି ନା, ଏହି ଅଷ୍ଟପାଶରୁ ଗୋଟିଏ ପାଶରେ ମଣିଷ ଯଦି ପଡ଼ିବ, ସେ ନିଶ୍ଚିତ ଭାବାବେଗରେ ପଡ଼ି ଆତ୍ମହତ୍ୟାର ପଥକୁ ବାଛି ନେବ, ଅବଶ୍ୟ ଅନେକ କାରଣରୁ ଏହା ଗୋଟିଏ କାରଣ ହୋଇପାରେ ।

ଏବେ ଆସନ୍ତୁ, ମନୁଷ୍ୟ ଜୀବନକୁ ସାମାନ୍ୟ ବିଶ୍ଳେଷଣ କରିବା, ଯେଉଁଠୁ ଆତ୍ମଗ୍ଲାନିରୁ ଆତ୍ମହତ୍ୟା ପର୍ଯ୍ୟନ୍ତ ଗୋଟିଏ ଖିଅ ଆମକୁ ମିଳିଯିବ । ମନୁଷ୍ୟ ହିଁ ଅନନ୍ତ ସମ୍ଭାବନାର ଉତ୍ସ (Inifinite Potentiality) । ନିଜ ଭିତରେ ନିହିତ ଏହି ସମ୍ଭାବନାକୁ ଯିଏ ଯେପରି ଭାବେ ଚିହ୍ନିଛି, ସେ ସେତିକି ପରିମାଣରେ ବିଫଳତାକୁ ଭ୍ରୂକ୍ଷେପ ନ କରି ସଫଳତା ଅର୍ଜନ କରିଛି, ସେହି ସଫଳତା ଭୌତିକ ହେଉ ଅବା ଆଧ୍ୟାତ୍ମିକ ହେଉ । କାହିଁକିନା ପ୍ରତ୍ୟେକ ମନୁଷ୍ୟ ନିଜ ପାଇଁ ଅନନ୍ୟ ଓ ଅଦ୍ୱିତୀୟ । ଇଏ ପୁସ୍ତକ କିମ୍ବା ଶାସ୍ତ୍ରର କଥା ନୁହେଁ, ବରଂ ବାସ୍ତବ ଅନୁଭୂତିର କଥା । ଉଦାହରଣ ସ୍ୱରୂପ, କିଛି ମୁହୂର୍ତ୍ତ ପାଇଁ ଚକ୍ଷୁ ବନ୍ଦ କରି ଏକ ନିରୋଳା ସ୍ଥାନରେ ବସି ଭାବନ୍ତୁ ଏବଂ ଖୋଜନ୍ତୁ ଆପଣଙ୍କ ଭଳି ଦେଖା ଯାଉଥିବା ଆଉ ଗୋଟିଏ ଅନୁରୂପ ବ୍ୟକ୍ତି ପୃଥିବୀରେ ଅଛନ୍ତି କି ନାହିଁ । ଆପଣ ଅବଶ୍ୟ ପୃଥିବୀର ପ୍ରାୟ ୮୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦେଖି ନାହାନ୍ତି କିମ୍ବା ଜାଣି ନାହାନ୍ତି । ତଥାପି ଯେଉଁମାନଙ୍କୁ ଦେଖିଛନ୍ତି, ଜାଣିଛନ୍ତି, ସେମାନେ କ'ଣ ଆପଣଙ୍କ ଭଳି ? ଅର୍ଥାତ୍ ଆପଣଙ୍କର ଚେହେରା, କଥାର ସ୍ୱର, ମନୋଭାବ, ଚରିତ୍ର ପ୍ରଭୃତିକୁ ଧାରଣ କରିଥିବା ଆଉ ଜଣେ ବ୍ୟକ୍ତିକୁ ଚିହ୍ନଟ କରି ପାରିବେ କି ? ନା, କେବେ ନୁହେଁ । ଆପଣଙ୍କ ଭଳି ଦେଖା ଯାଉଥିବା ଦ୍ୱିତୀୟ ବ୍ୟକ୍ତି କେହି ନାହାନ୍ତି । ସୁତରାଂ, ସାମଗ୍ରିକ ସୃଷ୍ଟିର ଆପଣ ହିଁ ଅଦ୍ୱିତୀୟ (Unique) ।

ତେବେ ନିଜକୁ ନ୍ୟୂନ ବା ନଗଣ୍ୟ ଭାବିବା କାହିଁକି ? ଆମ ଭିତରେ ନିହିତ ଅନନ୍ତ ସମ୍ଭାବନା, ତା'ର ବିକାଶ ପାଇଁ କାହିଁକି ଚେଷ୍ଟା କରିବାନି ? ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, ଯେହେତୁ ପ୍ରତ୍ୟେକ ମନୁଷ୍ୟ ଭିତରେ ଦେବତ୍ୱର ସମ୍ଭାବନା ନିହିତ, ତାହା ସେ ସତ୍‌କର୍ମ, ଉପାସନା, ମାନସିକ ସଂଯମ ବଳରେ କରିପାରେ, କିନ୍ତୁ ତାହା ମୁଖ୍ୟ ନୁହେଁ, ବରଂ ଗୌଣ । ଅନନ୍ତ ସମ୍ଭାବନା ଭିତରେ ଯେଉଁ ସର୍ବଶ୍ରେଷ୍ଠ ସମ୍ଭାବନା ରହିଛି, ତାହା ହେଉଛି ଦିବ୍ୟତ୍ୱର ପରିପ୍ରକାଶ, Manifestation of divinity । ଏହା ପ୍ରତ୍ୟେକ ମନୁଷ୍ୟର ଜନ୍ମଗତ ଅଧିକାର (Birth right) । ଏହା ଯଦି ସତ୍ୟ, ତେବେ ମନୁଷ୍ୟ କାହିଁକି ଏହି ଦିବ୍ୟତ୍ୱର ପ୍ରକାଶ ପାଇଁ ଉଦ୍ୟମଶୀଳ ହେବନି ?

ଏଠାରେ ଭୁଲିଯିବା ଉଚିତ ନୁହେଁ, ପଶୁତ୍ୱ (Animalism) ବା ପଶୁ ପ୍ରବୃତ୍ତି (Animal propensities) ଆମ ଭିତରେ ମଧ୍ୟ ରହିଛି । ଅର୍ଥାତ୍ ଆମ ଭିତରେ ଦେବତ୍ୱ ଅଛି, ପଶୁତ୍ୱ ବି ଅଛି । କିନ୍ତୁ ପଶୁତ୍ୱର ଆଧିକ୍ୟ ଯୋଗୁଁ ଆଜିକାଲି ଦେବତ୍ୱର ପ୍ରକାଶ ବେଶି ହେଉନାହିଁ, ତା'ର ମାନେ ନୁହେଁ ଯେ ଆଗ କାଳରେ ମନୁଷ୍ୟର ବେଶି ଦେବତ୍ୱର ପ୍ରକାଶ ହେଉଥିଲା । କିନ୍ତୁ ଆଗ କାଳର ସାଧାରଣ ମଣିଷର ଚାହିଦା (Demands) ବର୍ତ୍ତମାନ କାଳର ମଣିଷ ଭଳି ଏତେ ତୀବ୍ର ନଥିଲା, ସେମାନେ ଅଳ୍ପ ବହୁତେ ସନ୍ତୁଷ୍ଟ ରହୁଥିଲେ । ଯାହା ମିଳୁଥିଲା, ତାହା ଖାଉଥିଲେ, ପିନ୍ଧୁଥିଲେ । ମୋଟାମୋଟି ସଂସାର ଚାଲିଲେ, ନିଶ୍ଚିତ ରହୁଥିଲେ ।


କିନ୍ତୁ ବର୍ତ୍ତମାନ ମଣିଷର ଆକାଂକ୍ଷାର କୌଣସି ସୀମା ନାହିଁ । ଭୋଗର ଅନ୍ୱେଷଣରେ ସୀମା ନାହିଁ । ଖାଲି ଭୋଗ ହିଁ ଭୋଗ । ଏଥିପାଇଁ ମନୁଷ୍ୟ ଭିତରେ ଦେବତ୍ୱ ବେଶି ପ୍ରକାଶିତ ହେଉନାହିଁ । ଏହାକୁ ଆମେ ପଶୁତ୍ୱର ଆଖ୍ୟା ଦେଇପାରୁ । ଖାଦ୍ୟପେୟ, ଅର୍ଥ ଉପାର୍ଜନ, ବାସଗୃହ ନିର୍ମାଣ, ସମ୍ମାନ ଓ ପ୍ରତିଷ୍ଠା ଅର୍ଜନ, ଇନ୍ଦ୍ରିୟ ସମ୍ଭୋଗ, କ୍ଷମତାର ଅଧିକାରୀପଣ, ଏପରି ଅନେକ କିଛି ଲାଳସାର ବଶବର୍ତ୍ତୀ ମଣିଷ । ମନୁଷ୍ୟର ଏଭଳି ଭୋଗବାଦୀ ମାନସିକତା ଭିତରେ ଜାତ ହୁଏ ଲୋଭ, ମୋହ, ହିଂସା, କ୍ରୋଧ, ଈର୍ଷା, ଘୃଣା, ପରଶ୍ରୀକାତରତା । ତାହାରି ଭିତରେ ଛନ୍ଦି ହୋଇଯିବା ଫଳରେ ଦୟା, କ୍ଷମା, ସହାନୁଭୂତି, ପ୍ରେମ, ସେବା, ତ୍ୟାଗ ଭଳି ଦୈବ ଗୁଣଗୁଡ଼ିକ ଆପେ ଆପେ ହୁଏ ପରାହତ ।

ଏହି ଦେବତ୍ୱ କ'ଣ ? ଆମ ଭିତରେ ଯେଉଁ ସୌନ୍ଦର୍ଯ୍ୟବୋଧ, ଶୁଦ୍ଧତା, ପବିତ୍ରତା, ଭଲ ପାଇବା, ପ୍ରେମ, ଅନ୍ୟର ଦୁଃଖରେ ସହାନୁଭୂତିସମ୍ପନ୍ନ ହେବା ଗୁଣଗୁଡ଼ିକ ରହିଛି- ଏଗୁଡ଼ିକ ହେଲା ଦିବ୍ୟ ଲକ୍ଷଣ । ଏହି ଦିବ୍ୟ ଲକ୍ଷଣକୁ ଆମ ଭିତରେ ଜାଗ୍ରତ କରାଇ ପାରିଲେ ଦେବତ୍ୱର ପରିପ୍ରକାଶ ସମ୍ଭବ ହେବ । ଏହା ଗୋଟିଏ ଅବିରତ ପ୍ରକ୍ରିୟା (Continuous process) । ମନରେ ସବୁବେଳେ ଗୋଟିଏ ସଂକଳ୍ପ ନେବା ଉଚିତ ଯେ ଏହି ସଂସାରରେ ମୁଁ ଜଣେ ଅଦ୍ୱିତୀୟ ବ୍ୟକ୍ତି, ମୁଁ ସ୍ୱୟଂ ସୃଷ୍ଟିର ଏକ ରହସ୍ୟ, ମୋ ଭିତରେ ରହିଥିବା ଦିବ୍ୟତ୍ୱର ପରିପ୍ରକାଶ କରିବି ହିଁ କରିବି ।

ହାଇସ୍କୁଲରେ ମହାତ୍ମା ଗାନ୍ଧୀଙ୍କର ଗୋଟିଏ ପ୍ରୋଜ୍ 'ହ୍ୱାଟ ଷ୍ଟୁଡେଣ୍ଟ କ୍ୟାନ୍ ଡୁ' ଆମ କୋର୍ସରେ ଥିଲା । କି ଚମତ୍କାର ବିଷୟ ସତେ ! ଅନେକ ଷ୍ଟୁଡେଣ୍ଟ ଏହି ପ୍ରବନ୍ଧ ଦ୍ୱାରା ପ୍ରଭାବିତ ହୋଇଥିଲେ । ମୋର ମନେଅଛି, ଏହି ବିଷୟଟିକୁ ମୁଁ ପୂରା ମୁଖସ୍ଥ କରି ମୋ ଭିତରେ ଏପରି ମନ୍ଥିଥିଲି ଯେ ବେଳେବେଳେ ଏକୁଟିଆ ଆମ ଘର ପାଖ ଶାସନ ବଗିଚାରେ ଆବୃତ୍ତି କରୁଥିଲି ଏବଂ ମୋର ସର୍ବାଙ୍ଗ ଶରୀର ଓ ମନ ପୁଲକିତ ହେଉଥିଲା ବୋଲି ଅନୁଭବ କରୁଥିଲି । ମୋ ଜୀବନ ସଂଘର୍ଷରେ ଯେଉଁଠି ଝୁଣ୍ଟି ପଡୁଥିଲି, ମୁଁ ଏଥିରୁ ପ୍ରେରଣା ପାଉଥିଲି । କହିବା ବାହୁଲ୍ୟ ଯେ ମୋ ଭିତରେ ନିହିତ ଅନନ୍ତ ସମ୍ଭାବନକୁ ଜଗେଇ ଦେଉଥିଲା ଏବଂ ପରେ ଭଗବତ୍ ଗୀତା ଓ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଏହାକୁ ପରିପୁଷ୍ଟ କଲା । ତାହାର ଅର୍ଥ ନୁହେଁ ଯେ ମୋ ଭିତରେ ରହିଥିବା ଦିବ୍ୟତାର ପରିପ୍ରକାଶ ଘଟିଛି । ଆଜିର ପିଲାମାନେ, ଏପରିକି ଆମ ଭଳି ବୟସ୍କ ଲୋକେ ମହାପୁରୁଷଙ୍କର ଜୀବନୀ ପଢ଼ିବା ସହିତ ଭଗବତ୍ ଗୀତା, ବେଦାନ୍ତ, ଉପନିଷଦ ରୀତିମତ ପଢ଼ିବାର ଅଭ୍ୟାସ କରନ୍ତୁ, ଦେଖିବେ ବହୁ କଷ୍ଟ- ତାହା ଶାରୀରିକ ବା ମାନସିକ ହେଉ ପଛେ, ଭୋଗିବା ସତ୍ତ୍ୱେ କେବେ ବି ଜୀବନ ହାରିବା ଆଡ଼କୁ ମନ ବଳିବନି । ପ୍ରଶାସନ ବି ଯତ୍ନଶୀଳ ହେବା ଉଚିତ । କେବଳ ହୋ ହାଲ୍ଲା ଓ ଗଣମାଧ୍ୟମ ତୁହାକୁ ତୁହା ନ୍ୟୁଜ୍ ପ୍ରସାର କଲେ ଭଲ ପରିଣତି ମିଳିବନି, ବରଂ ଆତ୍ମହତ୍ୟାର ଏକ ନକାରାତ୍ମକ ମାନସିକତା ଯୁବ ବର୍ଗଙ୍କ ଭିତରେ ଚରିଯିବା ସାର ହେବ ।

ଆସନ୍ତୁ, ବୁଦ୍ଧ ଆତ୍ମହତ୍ୟା ବିଷୟରେ କ'ଣ କହିଥିଲେ, ତା' ଉପରେ ଟିକେ ନଜର ପକାଇବା- ଜଣେ ଅଜଣା ଅଚିହ୍ନା ଯୁବକ ଯଶ ଏକ ବିଶାଳ ହ୍ରଦର ଗଭୀର ଜଳରାଶିରେ ଲମ୍ଫ ପ୍ରଦାନ କରି ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଉଥିବାର ଦୃଶ୍ୟ ଭଗବାନ ବୁଦ୍ଧଙ୍କ ଦିବ୍ୟଦୃଷ୍ଟିରେ ପତିତ ହେଲା । ତତ୍‌କ୍ଷଣାତ୍ ବୁଦ୍ଧ ସେଠାରେ ପହଞ୍ଚି କାରୁଣ୍ୟ ସ୍ମିତହାସ୍ୟରେ କହିଲେ-ପୁତ୍ର, ତୁମେ କ'ଣ କରିବାକୁ ଯାଉଛ ? କେତେ ମନୁଷ୍ୟ ସଂସାରରେ ଅଛନ୍ତି, ଯିଏ ଶାରୀରିକ ବ୍ୟାଧିରେ ପୀଡ଼ିତ, କେତେକ ଧନ ଅଭାବରେ ପୀଡ଼ିତ, କେତେକ ଅନ୍ୟାୟ ଓ ଅତ୍ୟାଚାରରେ ପୀଡ଼ିତ, ତାହାଠାରୁ ଅଧିକ ଲୋକ ମାନସିକ ରୋଗରେ ମଧ୍ୟ ପୀଡ଼ିତ । ଚାରିଆଡ଼କୁ ଚାହଁ ଯୁବକ । ଯଶ ଏପରି ନିଛକ ସତ ଦ୍ୱାରା ହଠାତ୍ ସଚେତନ ହୋଇ କହିଲେ- ହେ ସନ୍ନ୍ୟାସୀ ! ଏହି ସୌନ୍ଦର୍ଯ୍ୟକୁ ମୁଁ ଦେଖିପାରି ନଥିଲି । କାହିଁକି ନା ମୁଁ ଦେଖିବାକୁ ପ୍ରସ୍ତୁତ ନଥିଲି । ମୁଁ କେବଳ ମୋର ଦୁଃଖର ପ୍ରତିଧ୍ୱନିକୁ ଦେଖିବାକୁ ଚାହିଁଥିଲି । ସେଥିପାଇଁ ଜଳ ଭିତରକୁ ଲମ୍ଫ ପ୍ରଦାନ କରିବାକୁ ଯାଉଥିଲି । ବୁଦ୍ଧ କହିଲେ- ତୁମେ ଏବେ ଶାନ୍ତ ଓ ସ୍ଥିର ହୋଇଯାଅ । ପ୍ରକୃତି କେବେ ବି ବଦଳିବନି, ଯେମିତି ଅଛି ସେମିତି ରହିବ । ତୁମର ଆଖି ବଦଳି ଯାଇଛି । କୌଣସି ବିଷୟ ଉପରେ ବେଶୀ ଚିନ୍ତା କରନି, ତାହା ତୁମ ପାଇଁ ସୁଖ ହେଉ ପଛେ, ସେଗୁଡ଼ିକ କେବଳ ଦୁଃଖକୁ ଜନ୍ମ ଦିଅନ୍ତି । ସୁତରାଂ, ତୁମେ ମଝିରେ (ମଧ୍ୟରେ) ରୁହ । ଯେମିତି ପ୍ରକୃତି ବାହାରେ-ଭିତରେ ରହିଛି, ସେମିତି ଦେଖ । ସ୍ଥିର ହୁଅ, ପରମ ଶାନ୍ତି ପାଇବ ।

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

ଡ. ମୃଣାଳ ଚାଟାର୍ଜୀ

# ସ୍ୱାଧୀନତା ସଂଗ୍ରାମର ଏକ ଐତିହାସିକ ଅଧ୍ୟାୟ: ଭାରତ ଛାଡ଼ ଆନ୍ଦୋଳନ

ଭାରତ ଛାଡ଼ ଆନ୍ଦୋଳନ ଥିଲା ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଏହାକୁ ଅଗଷ୍ଟ କ୍ରାନ୍ତି ବୋଲି ବି କୁହାଯାଏ । ୧୯୪୨ ଅଗଷ୍ଟ ୯ ତାରିଖରେ ସାରା ଭାରତରେ ଏ ଆନ୍ଦୋଳନ ଆରମ୍ଭ ହୋଇଥିଲା । ତୁଙ୍ଗ ନେତୃତ୍ୱଙ୍କ ଅନୁପସ୍ଥିତିରେ ସମଗ୍ର ଭାରତରେ ଇଂରେଜ ଶାସନ ବିରୋଧରେ ଆରମ୍ଭ ହୋଇଥିବା ଏ ଆନ୍ଦୋଳନ ବ୍ରିଟିଶ ଶାସନର ନିଆଁ ଦୋହଲାଇ ଦେଇଥିଲା ।

ପୃଷ୍ଠଭୂମି: ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାର ଭାରତୀୟ ଲୋକଙ୍କ ମତ ନ ନେଇ ଭାରତକୁ ଯୁଦ୍ଧରେ ସାମିଲ କରିଥିଲେ । ଏଥିରେ ଭାରତୀୟମାନଙ୍କ ଭିତରେ ଗଭୀର ଅସନ୍ତୋଷ ଜନ୍ମ ନେଲା । କଂଗ୍ରେସ ସ୍ୱାଧୀନତା ପାଇଁ ଦାବି କରୁଥିଲେ ମଧ୍ୟ ବ୍ରିଟିଶ ସରକାର କୌଣସି ସ୍ପଷ୍ଟ ଆଶ୍ୱାସନା ଦେଇ ନଥିଲା । ତେଣୁ ଭାରତୀୟମାନଙ୍କ ଭିତରେ ଅସନ୍ତୋଷ ଥିଲା । କ୍ରିପ୍ସ ମିଶନର ବିଫଳତା ଏହି ଅସନ୍ତୋଷକୁ ଆହୁରି ବଢ଼ାଇ ଦେଲା ।

୧୯୪୨ ଅଗଷ୍ଟ ୮ ତାରିଖ ରାତିରେ ମୁମ୍ବାଇର ଗୌୱାଲିଆ ଟ୍ୟାଙ୍କ ମଇଦାନରେ ଅଲ ଇଣ୍ଡିଆ କଂଗ୍ରେସ କମିଟି ଅଧିବେଶନରେ ମହାତ୍ମା ଗାନ୍ଧୀ 'ଭାରତ ଛାଡ଼' ଆନ୍ଦୋଳନର ଆହ୍ୱାନ ଦେଇଥିଲେ । ଏହାର ମୂଳ ସ୍ଲୋଗାନ୍ ଥିଲା- 'କର ବା ମର' (ଡୁ ଅର୍ ଡାଇ; 'କରେଙ୍ଗେ ୟା ମରେଙ୍ଗେ') । ବ୍ରିଟିଶ ସରକାରଙ୍କୁ ଅସହଯୋଗ ଏବଂ ଦେଶର ସମ୍ପୂର୍ଣ୍ଣ ସ୍ୱାଧୀନତା ଥିଲା ଏ ଆନ୍ଦୋଳନର ଲକ୍ଷ୍ୟ ।

ଆନ୍ଦୋଳନର ଆରମ୍ଭ: ବ୍ରିଟିଶ ସରକାର ଏ ଆନ୍ଦୋଳନକୁ ଦମନ କରିବାକୁ ଠିକ୍ କଲେ । ୧୯୪୨ ଅଗଷ୍ଟ ୮ ତାରିଖର ଗଭୀର ରାତିରେ ଗାନ୍ଧିଜୀଙ୍କ ସହ ଜବାହାରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଆବୁଲ କାଲାମ ଆଜାଦ ଓ ଅନ୍ୟାନ୍ୟ ତୁଙ୍ଗ କଂଗ୍ରେସ ନେତାମାନଙ୍କୁ ଗିରଫ କରାଗଲା । ଗାନ୍ଧିଜୀଙ୍କୁ ପୁଣେର ଆଗା ଖାନ୍ ପ୍ୟାଲେସରେ ଅନ୍ତର୍ବନ୍ଦୀ ରଖାଗଲା । ତେବେ କଂଗ୍ରେସର ଶୀର୍ଷ ନେତାମାନେ ବନ୍ଦୀ ଥିଲେ ମଧ୍ୟ ଆନ୍ଦୋଳନ ଆରମ୍ଭ ହେଲା । ଅଗଷ୍ଟ ୯ ତାରିଖରେ ଅରୁଣା ଆସଫ ଅଲି ଗୌୱାଲିଆ ଟ୍ୟାଙ୍କ ମଇଦାନରେ କଂଗ୍ରେସ ପତାକା ଉତ୍ତୋଳନ କଲେ । ଏଥି ସହିତ ଏ ଆନ୍ଦୋଳନ ଆରମ୍ଭ ହେଲା । ଶୀର୍ଷ ନେତୃତ୍ୱ ନଥିବା ଅବସ୍ଥାରେ ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ ଆଦି ଏ ଆନ୍ଦୋଳନକୁ ଚଳାଇଲେ । ଛାତ୍ର, କୃଷକ, ଶ୍ରମିକ ଓ ସାଧାରଣ ଲୋକ ଏହି ଆନ୍ଦୋଳନରେ ସମ୍ପୂର୍ଣ୍ଣ ଭାବେ ସାମିଲ ହେଲେ । ତେବେ ମୁସଲିମ ଲିଗ, ହିନ୍ଦୁ ମହାସଭା, କମ୍ୟୁନିଷ୍ଟ ପାର୍ଟି ଭଳି ରାଜନୈତିକ ଦଳମାନେ ବିଭିନ୍ନ କାରଣରୁ ଏହି ଆନ୍ଦୋଳନକୁ ସମର୍ଥନ କରି ନଥିଲେ । ଭାରତୀୟ ଅମଲାତନ୍ତ୍ର ମଧ୍ୟ ଏ ଆନ୍ଦୋଳନକୁ ସମର୍ଥନ କରି ନଥିଲା ।

ଭାରତ ଛାଡ଼ ଆନ୍ଦୋଳନ ମୁଖ୍ୟତଃ ଶାନ୍ତିପୂର୍ଣ୍ଣ ଥିଲେ ବି ଦେଶର ବିଭିନ୍ନ ସ୍ଥାନରେ କିଛି ହିଂସାକାଣ୍ଡ ହୋଇଥିଲା । କେତେକ ସ୍ଥାନରେ ରେଳ ଲାଇନ ଓପାଡ଼ି ଦିଆ ଯାଇଥିଲା, ଇଲେକ୍ଟ୍ରିକ ତାର କାଟି ଦିଆ ଯାଇଥିଲା, ପୋଷ୍ଟ ଅଫିସ ଏବଂ ଟେଲିଗ୍ରାଫ ଅଫିସରେ ନିଆଁ ଲଗାଇ ଦିଆ ଯାଇଥିଲା, ବିଭିନ୍ନ ଅଫିସ, କଚେରି ଉପରେ ଆକ୍ରମଣ କରା ଯାଇଥିଲା । ଉତ୍ତରପ୍ରଦେଶର ବଲିଆ, ବଙ୍ଗ ପ୍ରଦେଶର ତମଲୁକ ଏବଂ ମହାରାଷ୍ଟ୍ରର ସତାରା ଭଳି କେତେକ ସ୍ଥାନରେ ଲୋକେ ସମାନ୍ତରାଳ ସରକାର ଗଢ଼ିଥିଲେ ।




ବ୍ରିଟିଶ ପ୍ରଶାସନ ବଳ ପ୍ରୟୋଗ କରି ଏ ଆନ୍ଦୋଳନକୁ ଦମନ କରିବାର ଚେଷ୍ଟା କଲେ । ଐତିହାସିକମାନଙ୍କ ମତରେ, ଏ ଆନ୍ଦୋଳନ କାଳରେ ପୁଲିସ ପ୍ରାୟ ଏକ ଲକ୍ଷ ଲୋକଙ୍କୁ ଗିରଫ କରିଥିଲା । ପୁଲିସ କାର୍ଯ୍ୟକଳାପରେ ପାଖାପାଖି ୧୦୦୦୦ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଥିଲା । ଅନେକେ ଆହତ ହୋଇଥିଲେ ।


ଓଡ଼ିଶାରେ ଆନ୍ଦୋଳନର ପ୍ରଭାବ: ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନର ଗଭୀର ପ୍ରଭାବ ପଡ଼ିଥିଲା । କଟକ, ବାଲେଶ୍ୱର, ସମ୍ବଲପୁର, ଦେବଗଡ଼, ତାଳଚେର ଓ ଅନ୍ୟାନ୍ୟ ଅଞ୍ଚଳରେ ଛାତ୍ର-ଯୁବକ ଓ ଗ୍ରାମବାସୀମାନେ ଆନ୍ଦୋଳନରେ ଭାଗ ନେଲେ । ବିଭିନ୍ନ ସ୍ଥାନରେ ଗୁପ୍ତ ଆନ୍ଦୋଳନ ଓ ବ୍ରିଟିଶ ସରକାର ବିରୋଧୀ କାର୍ଯ୍ୟ ହେଲା । ବ୍ରିଟିଶ ପ୍ରଶାସନ ଏହାକୁ କଠୋର ଭାବେ ଦମନ କରିବାକୁ ଲାଗିଲେ । ଇରମରେ ପୁଲିସ ଗୁଳିରେ ୨୮ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲା । କୋରାପୁଟରେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ହେଲା । ପୁଲିସ ଲକ୍ଷ୍ମଣ ନାୟକଙ୍କୁ ଗିରଫ କଲେ । ୧୯୪୩ ମସିହା ମାର୍ଚ୍ଚ ୨୯ରେ ତାଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆଗଲା । ନବରଙ୍ଗପୁର ପାପଡ଼ାହାଣ୍ଡି ଅଞ୍ଚଳରେ ପୁଲିସ ଗୁଳିରେ ୧୫ ଜଣଙ୍କ ମୃତ୍ୟୁ ହେଲା । ପୁରୀ ଜିଲ୍ଲା ନିମାପଡ଼ାରେ ପୁଲିସ ଥାନା ଘେରାଉ କରିଥିବା ଲୋକଙ୍କ ଉପରେ ପୁଲିସ ଗୁଳିରେ ଦୁଇ ଜଣଙ୍କ ମୃତ୍ୟୁ ହେଲା । ଯାଜପୁରରେ ଚାରି ଜଣ ଆନ୍ଦୋଳନକାରୀ ପ୍ରାଣ ହରେଇଲେ । ଏ ସମୟରେ ଯେଉଁମାନେ ଆନ୍ଦୋଳନର ନେତୃତ୍ୱ ଦେଉଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ, ସୁରେନ୍ଦ୍ରନାଥ ଦାସ, ମାଳତୀ ଚୌଧୁରୀ, ରମା ଦେବୀ ପ୍ରମୁଖ । ହରେକୃଷ୍ଣ ମହତାବଙ୍କୁ ୧୯୪୨ ଅଗଷ୍ଟ ୮ ତାରିଖରେ ବମ୍ବେରୁ ଗିରଫ କରି ଜେଲରେ ରଖାଗଲା ।

୧୯୪୪ ଯାଏଁ ଏ ଆନ୍ଦୋଳନ ଚାଲିଥିଲା । ଇତି ମଧ୍ୟରେ ବ୍ରିଟିଶ ସରକାର ସ୍ପଷ୍ଟ କରି ଦେଇଥିଲେ ଯେ ଦ୍ୱିତୀୟ ମହାଯୁଦ୍ଧ ଶେଷ ନହେବା ଯାଏଁ ଭାରତକୁ ସ୍ୱାଧୀନତା ଦିଆ ଯାଇ ପାରିବ ନାହିଁ । ଯଦିଓ 'ଭାରତ ଛାଡ଼' ଆନ୍ଦୋଳନ ଭାରତକୁ ସେଇ ସମୟରେ ସ୍ୱାଧୀନତା ଆଣି ଦେଇ ପାରି ନଥିଲା, ତଥାପି ଏହାଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ସାଧିତ ହୋଇଥିଲା ।

ଆନ୍ଦୋଳନର ଗୁରୁତ୍ୱ: ୧. ଜାତୀୟ ଏକତା: ଏହି ଆନ୍ଦୋଳନ ସମସ୍ତ ଭାରତୀୟଙ୍କୁ ଏକାଠି କରି ପାରିଥିଲା । ଧର୍ମ, ଭାଷା ଓ ଜାତିର ସୀମା ଡେଇଁ ସମସ୍ତେ ସ୍ୱାଧୀନତା ହାସଲ ପାଇଁ ଏକାଠି ହୋଇଥିଲେ । କିନ୍ତୁ ଆନ୍ଦୋଳନ ସରିଯିବା ପରେ ହିନ୍ଦୁ-ମୁସଲମାନ ଭିତରେ ବିଭେଦ ଏବଂ ବିବାଦ କ୍ରମଶଃ ବଢ଼ିବାକୁ ଲାଗିଲା । କେତେକ ରାଜନୈତିକ ଦଳ ନିଜ ସ୍ୱାର୍ଥ ପାଇଁ ଏ ନିଆଁରେ ଘିଅ ଢାଳି ଚାଲିଲେ । ୨. ବ୍ରିଟିଶ ସରକାର ଉପରେ ଚାପ: ଏହି ଆନ୍ଦୋଳନ ବ୍ରିଟିଶ ସରକାରକୁ ବୁଝାଇ ଦେଲା ଯେ ସେମାନେ ଭାରତରେ ଅଧିକ ଦିନ ରହି ପାରିବେ ନାହିଁ । ୩. ସ୍ୱାଧୀନତାର ପଥ ପ୍ରସ୍ତୁତି: ଯଦିଓ ଏହି ଆନ୍ଦୋଳନକୁ ଦମନ କରାଗଲା, କିନ୍ତୁ ଏହା ପରେ କଂଗ୍ରେସ ଅଧିକ ସଶକ୍ତ ହେଲା ଓ ସ୍ୱାଧୀନତାର ରାସ୍ତା ଖୋଲିଲା । ଅବଶ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ବ୍ରିଟେନ୍ ବି ଆଉ ପୂର୍ବ ଭଳି ଶକ୍ତିଶାଳୀ ନଥିଲା । ଆମେରିକା ଓ ରୁଷିଆର ଉତ୍‌ଥାନ ସହିତ ବିଶ୍ୱ ରାଜନୀତିର ସମୀକରଣ ବଦଳି ଯାଇଥିଲା । ଏ ସ୍ଥିତିରେ ଏକଥା ସ୍ପଷ୍ଟ ହୋଇ ଯାଇଥିଲା ଯେ ଭାରତ ସ୍ୱାଧୀନ ହେବ । ପ୍ରଶ୍ନ ଥିଲା: କେବେ ?

ଉପସଂହାର: ଭାରତ ଛାଡ଼ ଆନ୍ଦୋଳନ ହେଉଛି ଭାରତର ସ୍ୱାଧୀନତା ଇତିହାସର ଏକ ମାଇଲଖୁଣ୍ଟ । ଏହା ଭାରତୀୟଙ୍କ ଆତ୍ମବିଶ୍ୱାସ ଓ ସଂଘବଦ୍ଧ ଶକ୍ତିକୁ ଅବିସ୍ମରଣୀୟ ଭାବରେ ଅଭିବ୍ୟକ୍ତ କରିଥିଲା ।

ସଂଚାର ମାର୍ଗ, ଢେଙ୍କାନାଳ



ଧ୍ରୁବ ଚରଣ ଘିବେଲା

# ସାହିତ୍ୟ ଓ ମୁଁ

'ମୁଁ'ରେ ସାହିତ୍ୟ' ନା 'ସାହିତ୍ୟରେ 'ମୁଁ'- ଏ ଦି'ଟା ଭିତରୁ କେଉଁଟା ସୁନ୍ଦର କୁହାଗଲେ ଏ ଲେଖକ ମତରେ/ ବିଚାରରେ 'ମୁଁ'ରେ ସାହିତ୍ୟ' ଅସୁନ୍ଦର କଥା । ମୁଁ ଭିତରେ ସାହିତ୍ୟ ଅହଂ ସୂଚକ ନିଶ୍ଚୟ । ଗର୍ବ ଓ ଅହଙ୍କାରର କଥା/ ଗାଥା ବଖାଣିବାର ବିପୁଳ ସମ୍ଭାବନା ରହେ ତହିଁରେ । ଏକଥା ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ/ ପ୍ରଯୁଜ୍ୟ, ଯେଉଁମାନେ ଆପଣା ପ୍ରତିଷ୍ଠା ଉଦ୍ଦେଶ୍ୟରେ ହିଁ ସାହିତ୍ୟ ଅନୁଷ୍ଠାନ ଗଢ଼ିଥାନ୍ତି; କେବଳ ଆପଣାର ପୌଢ଼ୀ ପ୍ରଦର୍ଶନ ପାଇଁ, ଏକାନ୍ତ ଆପଣାର ପ୍ରଚାର ଓ ପ୍ରସାର ପାଇଁ । ସେଠି 'ମୁଁ'ର ପ୍ରଭୁତ୍ୱ, ପରାକାଷ୍ଠା ବ୍ୟତୀତ ଦ୍ୱିତୀୟ ବ୍ୟକ୍ତିର ଅଭ୍ୟୁଦୟର ପ୍ରଶ୍ନ ନଥାଏ । ଅତଏବ, 'ମୁଁ' ସାହିତ୍ୟରେ' ହୁଏ ଏଇଆ- ମୁଁ ପୁରସ୍କାର ବାଣ୍ଟେ, ମୁଁ ମଞ୍ଚରେ ବସେ, ମୁଁ ଅନ୍ୟକୁ ମଞ୍ଚରେ ବସାଏ ମୋ ଇଚ୍ଛା ଅନୁସାରେ, ମୁଁ ଏକା ଉତ୍କୃଷ୍ଟ ସାହିତ୍ୟ କରେ, ମୁଁ ମୋ ସାହିତ୍ୟ ଅନୁଷ୍ଠାନର ସର୍ବେସର୍ବା, ସର୍ବୋଚ୍ଚ କର୍ମକର୍ତ୍ତା । ମୁଁ ସାହିତ୍ୟରେ 'ମୁଁ' ଦୁର୍ଗନ୍ଧର ପ୍ରାବଲ୍ୟ ମାତ୍ରାଧିକ । 'ମୁଁ'କାରର ପଚା ଗନ୍ଧରେ 'ମୁଁ' ସାହିତ୍ୟ ପ୍ରଦୂଷିତ । ତଥାପି 'ମୁଁ' ସାହିତ୍ୟ' ବା 'ମୁଁ'ରେ ସାହିତ୍ୟ'ର କଥା କହୁଥିବା ମତଲବୀ ସାହିତ୍ୟିକ ତାଙ୍କୁ କୁହାଯାଉ, ଯିଏ ସାହିତ୍ୟ କରିବା ନାଆଁରେ କେବଳ ନିଜର ହିଁ ଡିଣ୍ଡିମ ପିଟନ୍ତି, ନିଜର ସାହିତ୍ୟ ପ୍ଲାଟ୍‌ଫର୍ମ୍ ତିଆରି କରନ୍ତି; ପୁଣି ଆପଣା ସ୍ୱାର୍ଥ ସାଧନ ପାଇଁ, ଆପଣାର ପ୍ରଚାର ପ୍ରସାର ପାଇଁ, ସାହିତ୍ୟ ମାଧ୍ୟମରେ ମିଛ ନାଆଁ କମେଇବା ପାଇଁ । ନିଜେ ଅସାମାଜିକ ଥାଇ ରୀତିମତ ସମାଜକୁ ଲୁଟୁଥିବା ଲୁଟେରା ବି ଆଜି 'ମୁଁ' ସାହିତ୍ୟର' ଧ୍ୱଜା ଧରନ୍ତି ।

ଅନ୍ୟ ପାଖେ 'ସାହିତ୍ୟରେ 'ମୁଁ' ଆନୁଷ୍ଠାନିକ ସାହିତ୍ୟର କଥା କୁହେ । ପୁଣି 'ସାହିତ୍ୟରେ 'ମୁଁ' କୁହାଗଲେ ବୋଧେ ଏଇଆ ବୁଝାଯିବ, ଅନେକ ତ ସାହିତ୍ୟ କରନ୍ତି; ଆଉ ସାହିତ୍ୟ ସାଗର ଭିତରେ ମୁଁ କିଏ ? ମୋର ସ୍ଥିତି ବା କ'ଣ ? ମୁଁ କ'ଣ ଲେଖିଛି ? କେତେ ଲେଖିଛି, କିଏ କେତେ ପଢ଼ିଛନ୍ତି ମୋତେ, ମୋ ଲେଖାକୁ ଓ ମୋତେ କେତେ ଜଣ ଜାଣିଛନ୍ତି ? ପୁଣି ସାହିତ୍ୟର କ୍ଷେତ୍ର ଅତି ବିସ୍ତୃତ, ବ୍ୟାପକ ଓ ସାଗର ଭଳି ବିଶାଳ । ସେ ଅନନ୍ତ । ସୀମାହୀନ ଦିଗ ଦିଗନ୍ତ । ସେ କ୍ଷେତ୍ରର ବିସ୍ତୃତି ବ୍ୟାପକତା ଆଡ଼କୁ ଆଖି ପହଁରେଇଲେ/ ବୁଲେଇଲେ ଆଖିରେ ଛୁଇଁ ହେବ ନାହିଁ ତା'ର କୌଣସି ପାଖର ସୀମା ସରହଦକୁ । ଆଉ ତା' ଭିତରେ ମୁଁ ଅକିଞ୍ଚନ ଜଣେ । କେତେ କେତେ ଜଣ ଆଜି ସାହିତ୍ୟ କରନ୍ତି, ସାହିତ୍ୟ ଲେଖନ୍ତି, ସାହିତ୍ୟ ସାଧନାରେ ରହନ୍ତି । ଗହଳ ଲେଖକଙ୍କ ଭିତରେ ମୁଁ ଜଣେ ସେମିତି ସାହିତ୍ୟ କରେ, ସାହିତ୍ୟ କିଛି କିଛି ଲେଖେ, ସାହିତ୍ୟ ସାଧନା କରେ ବୋଲି ତ ମୁଁ କହି ପାରିବି ନାହିଁ, ସେ ଧୃଷ୍ଟତା ବି କରିବି ନାହିଁ । ହଁ, ସାହିତ୍ୟ କିଛି କିଛି ଯତକିଞ୍ଚିତ୍ ଲେଖେ, ଲେଖାଲେଖି କରିବା ପାଇଁ ସୁବିଧା ପାଇଲେ ସମୟ ଦିଏ । କାହିଁକି ନା ସେଥିରୁ, ସେଇ ଲେଖାଲେଖି କାମରୁ ମୁଁ ଅନେକ ଆନନ୍ଦ ପାଏ । ପ୍ରଚୁର ଶାନ୍ତି ସାଉଁଟେ । ଖୁସି ଅନୁଭବ କରେ । ସେ ଖୁସି ଅନ୍ୟକୁ ବାଣ୍ଟେ । ପାଠକୀୟ ପ୍ରତିକ୍ରିୟାରୁ ବି ସୁଖ ସାଉଁଟେ । କ୍ୱଚିତ୍ କେବେ କିଏ ନିନ୍ଦୁକ ସାଜି ଅପନିନ୍ଦା କରନ୍ତି । ନହେଲେ ପାଠକୀୟ ସକାରାତ୍ମକ ପ୍ରତିକ୍ରିୟା ପୁଣି ଲେଖିବାକୁ ମୋତେ ଉତ୍ସାହିତ କରେ ।

କେଉଁଠି କେଉଁ ପତ୍ରିକାରେ ବା ଖବରକାଗଜ ପୃଷ୍ଠାରେ ଲେଖାଟିଏ ଆସିଲେ, ସେଦିନ ନିଶ୍ଚୟ କିଛି ପାଠକ ଯୋଡ଼ି ହୁଅନ୍ତି ମୋବାଇଲରେ । ପାଠକଙ୍କ ସହ ଦୁଇ ଚାରି ପଦ ମଧୁର କଥୋପକଥନ ଜମେ । ପାଠକ ମତ ଅମତ ରଖନ୍ତି । କେଉଁ ଲେଖା କାହା ମନକୁ ପାଇଲେ/ ଛୁଇଁଲେ ପୁଣି କିଏ କହନ୍ତି ଲେଖାଟି ଭଲ ହୋଇଛି । ଏମିତି ଲେଖୁ ଥାଆନ୍ତୁ । ଆଉ ଆମକୁ ପଢ଼ିବାର ସୁଯୋଗ ମିଳୁଥାଉ । ପାଠକ ଗୁରୁସ୍ଥାନୀୟ ବା ବଡ଼ କି ବୟସ୍କ ହୋଇଥିଲେ ସେମାନଙ୍କଠୁ ସ୍ନେହାଶିଷ ଭିକ୍ଷା କରେ । ମୋର ଜଣେ ଅଗ୍ରଜ ଉଦୟନାଥ ସାହୁ (ଅବସରପ୍ରାପ୍ତ ଡିଆଇ, ଯାହାଙ୍କର ଏଇ ନିକଟରେ ଦୁଃଖଦ ଦେହାନ୍ତ ଘଟିଛି) ମୋର ଲେଖାଟିଏ ପଢ଼ିଲେ ସେ ଫୋନ୍ କରିବାକୁ ଭୁଲନ୍ତି ନାହିଁ । ମୋତେ ସବୁବେଳେ ଲେଖିବାକୁ ଉତ୍ସାହିତ କରି ଆସୁଥିଲେ । ତାଙ୍କ ଦେହାନ୍ତରେ ମୋର ଅତି ଆପଣାର ଜଣେ ଅଗ୍ରଜ ଶୁଭେଚ୍ଛୁଙ୍କୁ ମୁଁ ଆଜି ହରାଇଛି । ମୁଁ ତାଙ୍କ ସହିତ ଯୋଡ଼ି ହେଉଥିଲି ଲେଖାଟିଏ ପ୍ରକାଶ ପାଇଲେ । ଲେଖା ପଢ଼ି ଭଲ ମନ୍ଦ ଜଣାନ୍ତି । ମୁଁ ଜଣେ ମୋର ଶୁଭେଚ୍ଛୁ ତଥା ପାଠକଙ୍କୁ ସବୁ ଦିନ ପାଇଁ ହରାଇଲି । ତାଙ୍କ ସହିତ ପରିଚିତ ହେଲି ବାଲିଗୁଡ଼ାରେ ମୁଁ ଶିକ୍ଷକତା କଲା ବେଳେ । ମୁଁ ଥିଲି ବାଳିକା ହାଇସ୍କୁଲରେ । ସେ ଥିଲେ ବାଳକ ହାଇସ୍କୁଲରେ ଜଣେ ଉଚ୍ଚ ଆଦର୍ଶବାଦୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ । ପରେ ପଦୋନ୍ନତି ପାଇ ଡିଆଇ ହେଲେ । ପାଠକ ଲେଖକଙ୍କ ପାଇଁ ଈଶ୍ୱର । ପାଠକଙ୍କ ଉତ୍ସାହ/ ପ୍ରେରଣା ଲେଖକଙ୍କୁ ଉତ୍ସାହିତ କରିଥାଏ । ଭଲ ଲେଖାଟିଏ ପାଇଁ ପାଠକଙ୍କ ପ୍ରଶଂସା, ଦି' ପଦ ମିଠା କଥା ଲେଖକଙ୍କ ପାଇଁ ପ୍ରୀତି ପୁଲକପ୍ରଦ । ଉପଯୁକ୍ତ ପୁରସ୍କାର ସଦୃଶ । ଏବର ଅନେକ ଧରାକରା କିଣା ପୁରସ୍କାରଠୁ ବଳିକି ପାଠକର ଅନାବିଳ ପ୍ରଶଂସା । ପାଠକର ପ୍ରତିକ୍ରିୟା ଲେଖକଙ୍କୁ ଖୁସି ଦିଏ । ସମ୍ପର୍କ ତିଆରେ । ସମୟ ଥିଲା, ଆଗ ହାତଲେଖା ଚିଠି ଆସୁଥିଲା । ଲେଖକଙ୍କୁ ଚିଠି ଦେବାରେ ଦାସିଆ ଅଜାଙ୍କଠୁ କେହି ବୋଧେ ଅଧିକ ଚିଠି ଦେଇ ନଥିବେ । ଏ ଲେଖକ ବି ଦାସିଆ ଅଜାଙ୍କଠୁ ପାଇଛି ଚିଠି । ଏବେ ବି ସ୍ମୃତି ଭାବରେ ସାଇତା ହୋଇ ରହିଛି ସେଇସବୁ ଚିଠି । ୧୯୮୮ ସେପ୍ଟେମ୍ବରରେ ମୁଁ ଯାଇ ତାଙ୍କୁ ଭେଟିଥିଲି ତାଙ୍କ ଉଦୟପୁର ସାଧନା ପୀଠରେ । ଦାସିଆ ଅଜା ସେମିତି ଅନେକଙ୍କୁ ଉତ୍ସାହିତ କରୁଥିଲେ ଚିଠି ଦେଇ । ମୋବାଇଲ ଆସିଲା ପରେ ଚିଠି ଦେଣନେଣ କମି ସାରିଛି । ନାହିଁ କହିଲେ ଚଳେ । କାଁ ଭାଁ ଆସେ ଚିଠି । ଚିଠିର ସ୍ଥାନ ମୋବାଇଲ ନେଇଥିଲେ ହେଁ ଚିଠିର ବିକଳ୍ପ ମୋବାଇଲ କେବେ ବି ହୋଇ ପାରିବ ନାହିଁ ।



ପୁଣି 'ସାହିତ୍ୟରେ 'ମୁଁ' କହିଲେ ମୁଁ ବୁଝେ ସାହିତ୍ୟ ସର୍ଜନାରେ ମୋର କ୍ଷୁଦ୍ର ଲେଖକୀୟ ବଳୟ ସତ୍ତା ଭିତରେ ମୁଁ କରେ ଯାତାୟାତ । ମୁଁ ବୃହତ ନୁହେଁ । ମୁଁ ଅକିଞ୍ଚନ ମାତ୍ର । ସାହିତ୍ୟକୁ ଭଲ ପାଏ ବୋଲି ସାହିତ୍ୟ ଭିତରେ ରହି ବସାଉଠା କରି ଗୁଣ୍ଡୁଚିମୂଷା ଭଳି ସାହିତ୍ୟ କାମ କରେ । ଲେଖେ । ପଢ଼େ । ଅନ୍ୟକୁ ପଢ଼ି ଖୁସି ହୁଏ । ଅନ୍ୟକୁ ବି ଶୁଣାଏ । ପୁଣି ମୋ ସୀମିତ ସାହିତ୍ୟ ଜ୍ଞାନ, ସାମର୍ଥ୍ୟ ଆଧାରରେ ଲେଖେ । ଯେ ପକ୍ଷୀ ଗମେ ଯେତେ ଦୂର, ସେ ଜାଣେ ତହିଁର ବେଭାର- ଏଇ ବିଚାର ପୋଷଣ କରି ସାହିତ୍ୟର ସାଧାରଣ ସେବକ ବନିବାର ଇଚ୍ଛା ରଖେ । ଆପଣା ସାମର୍ଥ୍ୟ ଆଧାରରେ ଲିଖିତ ଲେଖା ମାଧ୍ୟମରେ ନିଜକୁ ବିଜ୍ଞପିତ କରେ । ପୁଣି ମୁଁ ଘୋଷଣା କରୁଛି ସାହିତ୍ୟ ଭିତରେ ମୁଁ କ୍ଷୁଦ୍ରାତିକ୍ଷୁଦ୍ର ସେବକଟିଏ ମାତ୍ର । ସାହିତ୍ୟ ସମୁଦ୍ରକୁ ଲଂଘିବାର ଦୁର୍ବାର ଆଶା ମୋର ନାହିଁ । କାହାର ଥିଲେ ଥାଉ । ସାହିତ୍ୟ ପାରାବାରରେ ମୁଁ ସାମାନ୍ୟ ଜଣେ ସାଧାରଣ ଲେଖକ ।

ବଉଦରାଜ, ଜି: ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ସମ୍ପାଦକଙ୍କୁ ପତ୍ର

# ଜୟଦୁର୍ଗା ନଗରବାସୀଙ୍କ ଦୁର୍ଦ୍ଦଶା ହଟିବ କେବେ ?

କଟକ ରୋଡ୍ ସଂଲଗ୍ନ ଜୟଦୁର୍ଗା ନଗର ପଚାଶ ବର୍ଷର ଏକ ପୁରୁଣା କଲୋନୀ । ଛଅ ଶହରୁ ଊର୍ଦ୍ଧ୍ୱ ପରିବାର ଏଠାରେ ବସବାସ କରନ୍ତି । କଳ୍ପନା ଛକରୁ ରସୁଲଗଡ଼ ଛକ ଓ ରସୁଲଗଡ଼ ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଉଭୟ ପଟ ରାସ୍ତା ସର୍ବଦା ବ୍ୟସ୍ତବହୁଳ । ରାତିଦିନ କଟକ-ପୁରୀ-ଭୁବନେଶ୍ୱରର ବସ୍, ଆମ ବସ୍, ହାଇୱା, ଟ୍ରକ୍, ଟ୍ରାକ୍ଟର ଆଦି ହଜାର ହଜାର ସଂଖ୍ୟାରେ ଭାରିଯାନ ଓ ଅଟୋ, କାର୍ ଆଦି ଅନ୍ୟ ଯାନ ଚଳାଚଳ କରୁଛି । ରାସ୍ତାର ବିପରୀତ ପାର୍ଶ୍ୱରେ ଥିବା ତିନୋଟି ବ୍ୟାଙ୍କ, ବଡ଼ ବଡ଼ ଅପାର୍ଟମେଣ୍ଟ ଓ ତିରିଶିରୁ ଊର୍ଦ୍ଧ୍ୱ ଦୋକାନ ଆଗରେ ଗାଡ଼ି ପାର୍କି ଏହି ଜନଗହଳି ବୃଦ୍ଧିକୁ ଅସମ୍ଭାଳ କରି ଦେଉଛି । ପାଖରେ ଥିବା ରାସ୍ତା କଟ୍ ଯୋଗୁଁ ରଙ୍ଗ୍ ରୁଟ୍‌ରେ ଚାଳକମାନେ ଗାଡ଼ି ଚଳାଇବା ଫଳରେ ଜୟଦୁର୍ଗା ନଗରର ରାସ୍ତା ମୁହଁଟି ସମ୍ପୂର୍ଣ୍ଣ ଜାମ୍ ହୋଇ ଦୁର୍ଘଟଣାମାନ ଘଟି ଧନ ଜୀବନ ହାନି ଘଟୁଛି । ଗମନାଗମନ କାଳରେ ସ୍ତ୍ରୀଲୋକ, ବରିଷ୍ଠ ନାଗରିକ, ଶିଶୁ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଅନ୍ୟ ସମସ୍ତ ନାଗରିକ ନାହିଁ ନଥିବା କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଯନ୍ତ୍ରଣାଦାୟକ ଅସମ୍ଭବ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଏକ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ବା ଟ୍ରାଫିକ୍ ଲାଇଟ ଲଗାଇବାର ସୁବନ୍ଦୋବସ୍ତ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟରେ ଜୟଦୁର୍ଗା ନଗରବାସୀ ଦାବି ଜଣାଉଛନ୍ତି ।

ବରିଷ୍ଠ ନାଗରିକଗଣ:
ପ୍ରଦୀପ୍ତ କୁମାର ମହାପାତ୍ର, ରଶ୍ମି ପଟ୍ଟନାୟକ, ମଳୟ ମିଶ୍ର, ଡକ୍ଟର ଗୀତାଞ୍ଜଳି ପ୍ରଧାନ, ବୀଣାପାଣି ସାମଲ ଓ ବିଜୟିନୀ ମିଶ୍ର

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଲକ୍ଷେ ତୁଳସୀରେ ସଜେଇ ହେଲେ ଶ୍ରୀବଳଦେବଜିଉ



**କେନ୍ଦ୍ରାପଡ଼ା,୯।୮/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜିଉଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜିଉଙ୍କୁ ସ୍ୱର୍ଣ୍ଣ ଚିତା, କାଠି ମୁକୁଟ ଲାଗି କରାଯିବା ସହିତ ଶ୍ରୀଜିଉଙ୍କୁ ଲକ୍ଷେ ତୁଳସୀ ଅର୍ପଣ କରାଯାଇଛି। ପୁରୀ ଶ୍ରୀମନ୍ଦିରରୁ

**ଜନ୍ମ ଉତ୍ସବ**

ସୁଭଦ୍ରା ପଠାଇଥିବା ପାଟ ରାଖୀ ବଡଭାଇ ଶ୍ରୀବଳଦେବ ଓ ସାନଭାଇ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଛି। ଶ୍ରୀଜିଉଙ୍କ ଜନ୍ମୋତ୍ସବ ଉପଲକ୍ଷେ ସହରର ଇଛାପୁରସ୍ଥିତ ମନ୍ଦିରରେ ସକାଳ ୫ରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ରହିଥିଲା। ଶ୍ରୀଜିଉଙ୍କ ମଙ୍ଗଳାର୍ପଣ ପରେ ଜନ୍ମୋତ୍ସବ ଉପଲକ୍ଷେ ପୋଡ ଭୋଗ ମଣୋହି ହୋଇଥିଲା। ଏହାପରେ କାଠିମୁକୁଟ ଓ ଅଧରମାଳ ଲାଗି କରାଯାଇ ଗହ୍ମା ଅଭିଷେକ ନୀତି ସମ୍ପର୍ଣ୍ଣ କରାଯାଇଥିଲା। ଶ୍ରୀକ୍ଷେତ୍ରରୁ ଆସିଥିବା ପାଟରାଖୀକୁ ମହିଳାଭ ପୂଜାପଣ୍ଡାମାନେ ଅର୍ପଣ କରିଥିଲେ। ଗହ୍ମା ଅଭିଷେକ ଉପଲକ୍ଷେ ହୋମ ଯଜ୍ଞ ସହ ଶ୍ରୀବଳଦେବଜିଉଙ୍କୁ ୧ଲକ୍ଷ ତୁଳସୀ ଅର୍ପଣ କରାଯାଇଥିଲା। ଏହି ଗହ୍ମା ଅଭିଷେକ ଓ ପାଟରାଖୀ ଲାଗି ବେଶ ସହ ଲକ୍ଷେ ତୁଳସୀରେ ସଜ୍ଜିତ ଶ୍ରୀଜିଉମାନଙ୍କ ଦର୍ଶନ କରିବା ପାଇଁ ମନ୍ଦିର ମଧ୍ୟରେ ଦିନ ସାରା ଭକ୍ତଙ୍କ ଭିଡ ଜମି ରହିଥିଲା। ପ୍ରତିବର୍ଷ ବଳଭଦ୍ର ଜନ୍ମ ଓ ଗହ୍ମା ଅଭିଷେକ ଅବସରରେ ପୁରୀ ଶ୍ରୀମନ୍ଦିରରୁ ପରମ୍ପରା ଅନୁଯାୟୀ ଭଉଣୀ ସୁଭଦ୍ରା ବଳଦେବଜିଉଙ୍କ ପାଇଁ ରାଖୀ ପଠାଉଥିନ୍ତି। ଏହି ରାଖୀକୁ ଶ୍ରୀବଳଦେବଜିଉଙ୍କ ଲାଗି କରାଯାଏ। କାର୍ଯ୍ୟକ୍ରମକୁ ଦେବୋତ୍ତର ଙ୍ଗ୍ମା କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ପୂର୍ବତନ ଟ୍ରଷ୍ଟି ଧ୍ରୁବେନ ସାହୁ, ବଳରାମ ସୁଆର, ଗଗନ ପତ୍ରୀ, ଧର୍ମଦର୍ଶୀ କର, ତିନି ବାଡର ପୂଜାପଣ୍ଡା ପ୍ରମୁଖ ପରିଚାଳନା ଓ ନିରୀକ୍ଷଣ କରିଥିଲେ।

# ସିସିଟିଭି ଖୋଲିବ ପଟ୍ଟାମୁଣ୍ଡାଇ ଘଟଣାର ସବୁ ସତ !



**ପଟ୍ଟାମୁଣ୍ଡାଇ,୯।୮/ଏନ୍ଏନ୍ଏସ୍:** ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡି ଘଟଣାକୁ ୪ ଦିନ ବିତିଲାଣି। ହେଲେ ଘଟଣା ପଛର ସତ ଖୋଳି ପାଉନି ପୁଲିସ। ଆତ୍ମହତ୍ୟା ଥିଓରୀକୁ ନେଇ ପୁଲିସର ସନ୍ଦେହ ଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତି ରହସ୍ୟ ବଢ଼ାଉଛି। ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡି ଘଟଣା ଏବେ ବି ରହସ୍ୟ ଘେରରେ ରହିଛି। ଛାତ୍ରୀଙ୍କୁ ବାନ୍ଧିଥିଲେ କିଏ? କେମିତି ଛାତ୍ରୀଙ୍କ ଚିତ୍କାର କାହାକୁ ଶୁଭିଲାନି? ଛାତ୍ରୀଙ୍କ ମୃତ୍ୟୁରେ ଆଉ କାହାର ସମ୍ପୃକ୍ତି ଅଛି କି? ମୃତ୍ୟୁର ୪ ଦିନ ପରେ ପୁଲିସ ଏହାର ଉତ୍ତର ଖୋଜି ପାଉନି। ଏସବୁ ଭିତରେ ଆଜି ମୃତ ଛାତ୍ରୀଙ୍କ ଗାଁରେ ପହଞ୍ଚିଥିଲେ ନିଜେ ଏସ୍ପି। ସୁରାଗ ଖୋଜିବାକୁ ପଡୋଶୀଙ୍କ ସିସିଟିଭି କ୍ୟାମେରା ଯାଞ୍ଚ କରିଛି ଏସପିଙ୍କ ଟିମ୍। ଏପରିକି ପରିବାର ଲୋକଙ୍କୁ ମଧ୍ୟ ଗୁଡେଇ ଗୁଡେଇ ପ୍ରଶ୍ନ କରିଛନ୍ତି ନିଜେ ଏସପି ସିଦ୍ଧାର୍ଥ କଟାରିଆ। ବିଭିନ୍ନ ଦିଗକୁ ନଜରରେ ରଖି ତଦନ୍ତକୁ ଆଗକୁ ବଢାଉଛି ପୁଲିସ। ଝିଅ ଆତ୍ମହତ୍ୟା କରିଥିବା କଥା ବାରମ୍ବାର ଦୋହରାଉଛନ୍ତି ବାପା। ହେଲେ ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ପୁଲିସ ଆତ୍ମହତ୍ୟା ଥିଓରୀକୁ ସହଜରେ ଗ୍ରହଣ କରିପାରୁନି। ତେଣୁ ମୃତ ଛାତ୍ରୀଙ୍କ ବାପାଙ୍କ ମୋବାଇଲ ଯାଞ୍ଚ କରି ପ୍ରମାଣ ଖୋଜୁଛି ପୁଲିସ। ଅନ୍ୟପଟେ ଏହି ଘଟଣାରେ ପୁରୁଷ ବନ୍ଧୁଙ୍କୁ ପୁଲିସ ଉଠାଇଥିବା ସୂଚନାକୁ ଖଣ୍ଡନ କରିଛନ୍ତି ନିଜେ ଏସ୍ପି। ଛାତ୍ରୀ ଜଳିବାରେ କଣ ବ୍ୟବହାର ହୋଇଛି? କିରୋସିନ, ପେଟ୍ରୋଲ ନା ଅନ୍ୟ କିଛି? ତାହାର ପତ୍ତା ଲଗାଇବାରେ ସାଇଣ୍ଟିଫିକ୍ ଟିମ୍ ଏଯାଏଁ ସଫଳ ହୋଇନି। ଛାତ୍ରୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହାତ ବାନ୍ଧି ହତ୍ୟା କରିଛି? ପୁଲିସ ସୁରାଗ ପାଉନଥିବା ବେଳେ ସମସ୍ତଙ୍କର ନଜର ଏବେ ପୋଷ୍ଟମର୍ଟମ ରିପୋର୍ଟ ଉପରେ? ସୂଚନାଯୋଗ୍ୟ, ଗତ ୬ ତାରିଖ ଦିନ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଦା କଲେଜରେ +୩ ଶେଷ ବର୍ଷ କଳା ଛାତ୍ରୀ ତଥା ବଡ଼ପଦା ପଞ୍ଚାୟତ କାଠିଆପଡା ଗ୍ରାମର ଶଶିକାନ୍ତ ପରିଡାଙ୍କ ଝିଅ ପି ଡି ସଂଗୀତା (୨୦) ଦେହରେ ପେଟ୍ରୋଲ ଢାଳି ପୋଡି ହୋଇ ମୃତ୍ୟୁବରଣ କରିଥିଲେ ଓ ମୃତା କଲେଜ ଛାତ୍ରୀ ସଂଗୀତାଙ୍କ ପୁରୁଷବନ୍ଧୁ ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମର ଗଣେଶ୍ୱର ବେହେରାଙ୍କ ପୁଅ ପ୍ରମୋଦ ବେହେରାଙ୍କ ବ୍ଲାକମେଲ ଓ ଅଶାଳ ଭିଡିଓ ଭାଇରାଲ ଧମକରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଥିବା ବୟାନ ଦେଇଥିଲେ ମଧ୍ୟ ନିଜ ଲିଖିତ ଅଭିଯୋଗରେ ଏ ସମ୍ପର୍କରେ କିଛି ଉଲ୍ଲେଖ କରିନଥିଲେ। ଅପରପକ୍ଷରେ ମୃତା ଛାତ୍ରୀ ପି ଡି ସଂଗୀତାଙ୍କ ପୁରୁଷ ବନ୍ଧୁ ପ୍ରମୋଦଙ୍କ ପିତା ଗଣେଶ୍ୱର ମାତା ଓ ଭଉଣୀ ମୃତା ଛାତ୍ରୀ ଜଣେ ଗରିବ ଯୁବକଙ୍କୁ ପ୍ରେମ କରି ବିବାହ କରିବାକୁ ଚାହିଁ ଥିବାରୁ ଦୀର୍ଘଦିନ ହେବ ମାଡ଼ ଗାଳି ଓ ନିର୍ଯାତନା ଦେଉଥିଲେ ଓ ସଂଗୀତାଙ୍କ ମୃତ୍ୟୁ ପାଇଁ ତାଙ୍କ ପରିବାର ଲୋକମାନେ ଦାୟୀ ଓ କିନ୍ତୁ ସଂଗୀତାଙ୍କ ମୃତ୍ୟୁରେ କୌଣସି ଭୂମିକା ନଥାଇ ବିନା କାରଣରେ ପ୍ରମୋଦଙ୍କୁ ସଂଗୀତାଙ୍କ ପରିବାର ଲୋକମାନେ ଫସାଇ ଦେଇଛନ୍ତି। ତାଙ୍କ ଯୋଗୁଁ ପୁଲିସ ପ୍ରମୋଦଙ୍କୁ ଉଠାଇ ଆଣିଛି ବୋଲି ପ୍ରମୋଦଙ୍କ ପିତା ମାତା, ଭଉଣୀ ଓ କେତେକ ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଏହି ରହସ୍ୟଜନକ କଲେଜ ଛାତ୍ରୀ ଆତ୍ମ ମାମଲାରୁ ରହସ୍ୟ ହଟିବ ରାଜ୍ୟବାସୀ ଓ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ଟିକରପଡ଼ାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ରସୁଲପୁର,୯।୮/ଏନ୍ଏନ୍ଏସ୍:** ଆଜି ପବିତ୍ର ରକ୍ଷା ବନ୍ଧନ। ବଳଭଦ୍ରଙ୍କ ଜନ୍ମଦିନ ଓ ଗହ୍ମାପୂର୍ଣ୍ଣିମାରେ କୋରେଇର ବିଧାୟକ ଆକାଶ ଦାସନାୟକ ଜାରି ରଖିଥିବା ସବୁଜ ସୁନ୍ଦର କାର୍ଯ୍ୟକ୍ରମ ମା ପାଇଁ ଗଛଟିଏର ବୃକ୍ଷ ରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ଆଜି ସକାଳ ୧୧ଟା ସମୟରେ ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ବିଧାୟକ ଶ୍ରୀ ଦାସନାୟକଙ୍କ ଆହ୍ୱାନ କ୍ରମେ ପ୍ରଥମେ ବିଜେପିର ବହୁ ନେତା, ସ୍ଥାନୀୟ ସ୍ୱେଚ୍ଛାସେବୀ ମହିଳା ଓ ବହୁଦଳୀୟ କାର୍ଯ୍ୟକର୍ତ୍ତା ଟିକରପଡା ଗ୍ରାମର ହିଙ୍ଗୁଳା ପୀଠରେ ଉପସ୍ଥିତ ରହି ବୃକ୍ଷ ଲଗେଇବା ସହ ବହୁ ଗଛ ବଣ୍ଟନ କରିଥିଲେ। ପରେ ବିଜେପିର ବହୁ କାର୍ଯ୍ୟକର୍ତ୍ତା ଗ୍ରାମରେ ସମସ୍ତ ଘର ପାଖରେ ପହଞ୍ଚି ବିଭିନ୍ନ ପ୍ରକାର ଫଳନ୍ତି ଗଛ ପ୍ରଦାନ କରିବା ସହ ଗଛର ଉପକାରିତା ବିଷୟରେ ଆଲୋଚନା କରିବା ସହ ଗଛକୁ ଯତ୍ନର ସହ ଲଗେଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରୀତିନିଧି ପ୍ରହଲ୍ଲାଦ ପଣ୍ଡା, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ଜିଲ୍ଲାପରିଷଦ ସଭ୍ୟ ଶିଶିର ମହାନ୍ତି, ବରିଷ୍ଠ ବିଜେପି ନେତା ଗୋପୀନାଥ ପତି, ମଣ୍ଡଳ ସଭାପତି ବିନୋଦ ମହାରଣା, ଟିକରପଡା ସରପଞ୍ଚ ପତିନିଧି ଆତୁଲ୍ୟ ପ୍ରଧାନ, ବିଜେପି ନେତା ସୁବାସ ନାୟକ, ପ୍ରକାଶ ସାହୁ, ରମାକାନ୍ତ ବେହେରା, ଅଦୟୀତ୍ୱ ରାଉତ, ହିମାଂଶୁ ବେହୁରିଆ, ଶତ୍ରୁଘନ ରାଉତ, ବାବାଜୀ ବିଶ୍ୱାଳ, ଲକ୍ଷ୍ମୀନଗର ସରପଞ୍ଚ ସର୍ବେଶ୍ୱର ବେହେରା, ମନୋରଞ୍ଜନ ମଲିକ, ଅନିଲ ଦାସ, ଅନିଲ ସାମନ୍ତରାୟ, ସଞ୍ଜୟ ରାଉତ, ଯୋଶବନ୍ତ ମଲିକ, ତାପସ ପଣ୍ଡା, ଜୟରାମ ସାହୁ, ବିକାଶ ଖୁଣ୍ଟିଆ, ଅଭିଜିତ ଖୁଣ୍ଟିଆ, ବିକାଶ ବିଶ୍ୱାଳ, ରାଜାରାମ ନାୟକ ଏବଂ ବହୁ ବିଜେପି କର୍ମୀ ଓ ଟିକରପଡା ପଞ୍ଚାୟତ ର ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ



**ଢେଙ୍କାନାଳ,୯।୮/ଏନ୍ଏନ୍ଏସ୍:** ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାର ତୃତୀୟ କିସ୍ତିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ କୋରାପୁଟର ଜୟପୁର ଠାରେ ରାଜ୍ୟର ୧କୋଟି ମହିଳା ହିତାଧିକାରୀଙ୍କୁ ୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଯୋଗୁଁ ମା' ଓ ଭଉଣୀମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏହି ସହାୟତା ରାଶି ବିନିଯୋଗ କରି ନିଜର ଆବଶ୍ୟକତା ପୂରଣ କରିବା, ବିଭିନ୍ନ କୁଟୀର ଶିଳ୍ପ କାର୍ଯ୍ୟରେ ବିନିଯୋଗ କରି ନିଜ ପରିବାରର ଉନ୍ନତିରେ ସହାୟକ ହୁଅନ୍ତୁ ବୋଲି ଆଶା ପ୍ରକାଶ କରିଛନ୍ତି। ଉତ୍ସବରେ କାମାକ୍ଷାନଗରର ବିଧାୟକ ଶତୃଘ୍ନ ଜେନା, ପୌର ପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର, ଢ଼େଙ୍କାନାଳ ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ , ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଢ଼େଙ୍କାନାଳ ଜିଲ୍ଲାର ମା' ଭଉଣୀମାନେ କିପରି ଏହି ଯୋଜନା ଦ୍ୱାରା କିପରି ଲାଭାନ୍ୱିତ ହୋଇପାରିବେ ସେ ସଂପର୍କରେ ମତବ୍ୟକ୍ତ କରିଥିଲେ। ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସଂପର୍କୀତ ଅନୁଷ୍ଠିତ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

# ଗୋବରୀକୁ ଡେଇଁ ଯୁବକ ନିଖୋଜ

**କେନ୍ଦ୍ରାପଡ଼ା,୯।୮/ଏନ୍ଏନ୍ଏସ୍:** ଗୋବରୀ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ। ପ୍ରକାଶ କପାଳେଶ୍ୱର ପଞ୍ଚାୟତ ଆଳିଜଙ୍ଗା ପୋଲ ଉପରୁ ଟାଉନ ଥାନା ଅନ୍ତର୍ଗତ ତଳବାରଙ୍ଗ ଗ୍ରାମର ଜଗ ବାରିକଙ୍କ ପୁଅ ଅରବିନ୍ଦ ବାରିକ (୩୦) କୌଣସି କାରଣରୁ ଶନିବାର ଅପରାହ୍ଣ ୫ଟା ସମୟରେ ନଦୀକୁ ଡେଇଁ ପଡିଥିଲେ। ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ଯୁବକକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ପରେ ଅଗ୍ନିଶମ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ।

# କାନପୁରା ଉଚ୍ଚ ବିଦ୍ୟାଳୟରେ ରକ୍ଷାବନ୍ଧନ



**କାମାକ୍ଷାନଗର,୯।୮/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ସାମୁହିକ ରକ୍ଷାବନ୍ଧନ ଦିବସ ଆଡମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରସ୍ପର ମଧ୍ୟରେ ରାଖୀବାନ୍ଧି ଚକୋଲେଟ, ମିଠା ଖୁଆଇ ପର୍ବକୁ ପାଳନ କରିଥିଲେ। ଏହି ବିଦ୍ୟାଳୟରେ ଢେଙ୍କାନାଳ ଜିଲ୍ଲା ତଥା ବିଭିନ୍ନ ଜିଲ୍ଲାରୁ ଅନେକ ଛାତ୍ରଛାତ୍ରୀ ହଷ୍ଟେଲ ରହି ପାଠ ପଢୁଥିବା ବେଳେ ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ଘର ର ଅନୁପସ୍ଥିତକୁ ଅନୁଭବ ନକରି ଏହି ଗଣପର୍ବରେ ସାମିଲ ହୋଇ ମହା ଆନନ୍ଦରେ ରକ୍ଷାବନ୍ଧନ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କାନପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ ଉପସ୍ଥିତ ରହି ଭାଇ ଭଉଣୀର ଏହି ପବିତ୍ର ସମ୍ପର୍କ ବିଷୟରେ କହିଥିଲେ। ଏଠାରେ ବିଶେଷ ଅତିଥି ଭାବରେ ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ, କବିତା ରାଉତ, ଧ୍ରୁବଚରଣ ସୁନ୍ଦରାୟ, ଗଣମାଧ୍ୟମ ପ୍ରତିନିଧି ସୁଧୀର କୁମାର ପରିଡା, ହୃଦୟ ବଲବ ମିଶ୍ର, ରାକେଶ କୁମାର ଦେହୁରୀ, ରିତେଶ ବ୍ରହ୍ମା, ରବିନାରାୟଣ ରାଉତଙ୍କ ସମେତ ବିଦ୍ୟାଳୟର ଅନ୍ୟମାନେ ଉପସ୍ଥିତ ଥିଲେ।

# କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



**ବଡଚଣା,୯।୮/ଏନ୍ଏନ୍ଏସ୍:** ବଡଚଣା ବ୍ଲକ୍ ଅନ୍ତର୍ଗତ ବଡଚଣା ସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ କୁନିକୁନି ପିଲାମାନେ ପରିବେଶ ପ୍ରଦୂଷଣ, ପରିବେଶ ସୁରକ୍ଷା, ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, କୃଷି ବିଦ୍ୟୁତ୍ ଶକ୍ତି, ସୌର ଶକ୍ତି ବିଷୟରେ ବିଭିନ୍ନ ବିଜ୍ଞାନ ସମ୍ପର୍କିତ ପ୍ରକଳ୍ପ ମାନ ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ପ୍ରକଳ୍ପକୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ଇତିଶ୍ରୀ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜ ସେବୀ ତଥା ଲେଖିକା ମାନସୀ ଦାସ ଯୋଗଦେଇ ବିଜ୍ଞାନ ମେଳା ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ମାନସିକତା ସୃଷ୍ଟି କରିବା ସହିତ ଉଚ୍ଚବୈଷୟିକ ଜ୍ଞାନ କୌଶଳ ବୃଦ୍ଧି କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର କାର୍ତିକେଶ୍ୱର ପାଣି, ନିର୍ଦ୍ଦେଶିକା ଅନୁପମା ସାମଲ, ଶିଶୁ ସୌରଭର ସମ୍ପାଦକ ଅଭିମନ୍ୟୁ ଧଳ, ଅବସର ପ୍ରାପ୍ତଶିକ୍ଷକ ଗୋଲକ ସାମଲ ପ୍ରଭୃତି ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

# କାନ୍ଦୁଛନ୍ତି ଯାତ୍ରୀ: ହାତଯୋଡ଼ି ବସିଛି ପୌପରିଷଦ




**ତାଳଚେର,୯।୮/ଏନ୍ଏନ୍ଏସ୍:** ତାଳଚେର ପୌରପରିଷଦ ପକ୍ଷରୁ ଯାତ୍ରୀଙ୍କ ସୁବିଧା ନେଇ ବହୁବର୍ଷ ପୂର୍ବରୁ ସ୍ଥାନୀୟ ହାଟତୋଟା ଠାରେ ଲକ୍ଷଲକ୍ଷ ଟଙ୍କା ବିନିମୟରେ ଏକ ଯାତ୍ରି ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା। ଏହି ଯାତ୍ରୀ ବିଶ୍ରାମ ଗୃହରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ, କଲେଜ ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ବସକୁ ଅପେକ୍ଷା କରି ରହିଥାନ୍ତି ଓ ସେହି ଯାତ୍ରୀ ବିଶ୍ରାମ ଗୃହଟି ସବୁ ବେଳେ ଚଳଚଞ୍ଚଳ ହେଉଥିବା ବେଳେ ଛାତ୍ରଛାତ୍ରୀଙ୍କ ମନରେ କୌଣସି ଆଶଙ୍କା ଦେଖାଦେଇନଥାଏ। ମାତ୍ର ପୌରପରିଷଦକୁ କ'ଣ ଏତେ ଅଭାବ ପଡ଼ିଲା ଯେ, ଉକ୍ତ ବିଶ୍ରାମ ଗୃହକୁ ଭାଙ୍ଗି ସେହି ସ୍ଥାନରେ ଦୁଇ ଦୁଇଟି ଦୋକାନ ଗୃହ ନିର୍ମାଣ କରାଇ ଦୋକନ ଗୃହକରି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ କିପରି ପ୍ରଦାନ କରି ଦିଆଗଲା। ବିଗତବର୍ଷରେ ସେହି ବିଶ୍ରାମ ଗୃହରେ ଲକ୍ଷ୍ମୀ ପୂଜା ବ୍ୟବସାୟୀମାନେ କରିଥାନ୍ତି ଓ ସେହି ଅଞ୍ଚଳଟି ଚଳଚଞ୍ଚଳ ହୋଇପଡ଼ିଥାଏ। ପୂର୍ବତନ ନଗରପାଳ ସ୍ୱର୍ଗତ ରବି ନାହାକ ଯାତ୍ରୀମାନଙ୍କ ସୁବିଧା ପାଇଁ ଓ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବାନେଇ ଏହି ଗୃହଟିକୁ ନିର୍ମାଣ କରାଇଥିଲେ। ବେଶ କିଛି ବର୍ଷ ଏହି ଯାତ୍ରୀବିଶ୍ରାମ ଗୃହଟିରେ ଯାତ୍ରୀମାନେ ବସ ଓ ବିଭିନ୍ନ ଯାତ୍ରୀବାହୀ ଗାଡ଼ି ମଟରରେ ଯିବା ଆସିବା ନେଇ ଅପେକ୍ଷା କରି ରହିଥାନ୍ତି ଓ ସେହି ବସଷ୍ଟେପେଜ ସମ୍ମୁଖରେ ରହିଥିବା ବୁଢ଼ା ନିମ ବୃକ୍ଷ ହିଁ ଏହାର ମୂଳସାକ୍ଷୀ ରହିଛି। ତେବେ ଏହି ଗୃହଟି ବ୍ୟବସାୟୀକ କେନ୍ଦ୍ର ହୋଇଯିବାପରେ ବର୍ତ୍ତମାନ କାନ୍ଦୁଛନ୍ତି ଯାତ୍ରୀ ଏହାକୁ ବେଶ ବାରମ୍ବାର କିଣାବିକା କରି ହସୁଛି ପୌରପରିଷଦ ବୋଲି ସେଠିକାର ଅଞ୍ଚଳବାସୀ ଏହା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ପୌରଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଅବଗତ ନୁହେଁ ଆର୍‌ଟିଆଇରେ ଆପଣ ତଥ୍ୟ ମାଗନ୍ତୁ। ତେଣୁ ତୁରନ୍ତ ଯାତ୍ରୀ ଓ କଲେଜ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ତାଳଚେର ଉପଜିଲ୍ଲାପାଳ ସମୀର ଜେନା ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଥାନେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ରାଜନଗର,୯।୮/ଏନ୍ଏନ୍ଏସ୍:** ରାଜନଗର ଥାନା ପରିସରରେ ଥିବା ଥାନେଶ୍ୱର ମହାଦେବଙ୍କ ମନ୍ଦିରର ସପ୍ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ପଣ୍ଡିତ ପ୍ରଭାସଚନ୍ଦ୍ର ତ୍ରିପାଠୀ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ପଣ୍ଡିତ ପ୍ରମୋଦ କୁମାର ପାଣି ଥାନେଶ୍ୱର ମହାଦେବଙ୍କ ଅଭିଷେକ କରିଥିଲେ। ମନ୍ଦିର ପରିସରରେ ଥିବା ମା' କନକଦୂର୍ଗାଙ୍କ ନିକଟରେ ଚଣ୍ଡୀପାଠ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଆଇଆଇସି ନରେଶ କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ସରିତା ସାହୁ ପୂଜାପାଠରେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣିକ ସଂଘର ସଭାପତି ବାଇଧର ସେଠୀ, ସଂପାଦକ ଅନିରୁଦ୍ଧ ପରିଡା, ସଦସ୍ୟ ବିଭୁପ୍ରସାଦ ନାୟକ, ଗଙ୍ଗାଧର ସେଠୀ, ଥାନାର ସବଇନ୍ସପେକ୍ଟର ସୌମ୍ୟ ରଞ୍ଜନ ଜାଲି, ଏଏସ୍ଆଇ ଶିଶିର ସାହୁ ପ୍ରମୁଖଙ୍କ ସହ କର୍ମଚାରୀମାନେ ସହଯୋଗ କରିଥିଲେ। ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ସୂଚନାଥାଉକି, ପ୍ରାକ୍ତନ ଆଇଆଇସି ସୁକାନ୍ତ କୁମାର ପାତ୍ର ଥାନା ପରିସରରେ ଥିବା ଛୋଟ ମନ୍ଦିରକୁ ଭାଙ୍ଗି ଏହି ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ।

# ରିଟ୍ ଇଣ୍ଟର ନ୍ୟାସ୍‌ନାଲ ସ୍କୁଲରେ ରକ୍ଷାବନ୍ଧନ



**ଯାଜପୁର,୯।୮/ଏନ୍ଏନ୍ଏସ୍:** ଯାଜପୁର ଟାଉନ ନରସିଂହପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରିଟ୍ ଇଣ୍ଟର ନ୍ୟାସ୍‌ନାଲ ପରିସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡା. କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପିଲାମାନେ ଭାଇ ଭଉଣୀ ପବିତ୍ର ସମ୍ପର୍କର ଏକ ନିଚ୍ଛକ ନିର୍ଦ୍ଦଶନ ପିଲାମାନଙ୍କ ଭିତରେ ଦେଖିବାକୁ ମିଳିଥିଲା। ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ମିଠା ଖୁଇବା ସହିତ ଭାଇଙ୍କର ଦୀର୍ଘାୟୁ ଜୀବନ କାମନା କରିଥିଲେ। ସେହିପରି ଭଉଣୀର ସୁରକ୍ଷା ପାଇଁ ଭାଇମାନେ ବଦ୍ଧପରିକର ବୋଲି ଅଧ୍ୟକ୍ଷ ଡା. ବେହେରା ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ହରିହର ସ୍ୱାଇଁ, ଉପାଧ୍ୟକ୍ଷ ସ୍ମୃତି କର, ଶିକ୍ଷୟିତ୍ରୀ କାଜୁନି ବେହେରା, ସନ୍ତୋଷୀ ପଣ୍ଡା, ଜ୍ୟୋତି ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ପିଲାମାନଙ୍କୁ ରକ୍ଷା ବନ୍ଧନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତିକସ୍ୱରୂପ ସ୍ୱାଇଁ, ଶିବାଙ୍ଗି ରଣା, ଦିବ୍ୟାଂଶି ସାମଲ, ଶ୍ରୀୟାଂସୀ ରାଉତ, ଅନ୍ୱବ ତିରିୟା, ଏସ୍ କୁମାର ସାହୁ, କାହ୍ନା ସାହୁ, ଦେବବ୍ରତ ବେହେରା, ସନ୍ମିତା ରାଉତ, ରୋଶ୍ନିପ୍ରିୟ ଦର୍ଶନୀ, ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ରକ୍ଷାବନ୍ଧନ ପାଳନ କରିଥିଲେ।

# ରାଜରାସ୍ତାର ଅବସ୍ଥା ଶୋଚନୀୟ



**ପାରାଦୀପ,୯।୮/ଏନ୍ଏନ୍ଏସ୍:** ବନ୍ଦର ଓ ଶିଳ୍ପ ସହରକୁ ସଂଯୋଗ କରୁଛି ରାଜ୍ୟ ଓ ଜାତୀୟ ଦୁଇଟି ରାଜପଥ। ସମ୍ପ୍ରତି ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥର ଗୋଟିଏ ପଟେ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଅନ୍ୟପଟେ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ବିଭିନ୍ନ ଯାନ କ୍ଷତିଗ୍ରସ୍ତ ହେବା ଅଭିଯୋଗ ହେଉଥିବାବେଳେ ଏଥିଯୋଗୁଁ ଦୁର୍ଘଟଣାରେ ଅନେକ ଧନ ଜୀବନ ହାନି ହେବାରେ ଲାଗିଛି। ତେବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବାହାନାରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଅନେକ ଦିନରୁ ପୁରୁଣା ଯାତାୟତ ରାସ୍ତା ମରାମତି କରୁନଥିବାରୁ ଅନେକ ଗାଡି ଭାଙ୍ଗିବା ସହ ଦୁର୍ଘଟଣାରେ ଅନେକ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ଏହିପରି ରାସ୍ତାର ଏକ ଶୋଚନୀୟ ଚିତ୍ର ଦେଖିବାକୁ ମିଳିଛି ପାରାଦୀପ ଅଠରବାଙ୍କି ଠାରୁ ଦୁଇ ରାଜପଥର ମିଳନ ସ୍ଥଳ ଦୋଛକି ପର୍ଯ୍ୟନ୍ତ। ଟ୍ରାଫିକ ଜାମ ପ୍ରତିହତ ପାଇଁ ପାରାଦୀପକୁ ଆସୁଥିବା ଆଇରନ୍ ଟ୍ରକ୍‌ଗୁଡିକ ବାମପଟେ ଏକ ସ୍ୱତନ୍ତ୍ର ରାସ୍ତାରେ ଯିବାର ବ୍ୟବସ୍ଥା ରହିଥିବା ବେଳେ ଏହି ରାସ୍ତାରେ ପୋଖରୀ ଭଳି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଆଇରନ ବୋଝେଇ ଟ୍ରକ ଗୁଡିକ ଯିବାରେ ଘୋର ଅସୁବିଧା ସୃଷ୍ଟି ହେବା ସହ ବହୁ ଗାଡି ଜଖମ ହେବା ଯୋଗୁଁ ମାଲିକମାନେ ଘୋର ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ ହୋଇଛି। କିନ୍ତୁ ପରିତାପର ବିଷୟ ହେଉଛି ଏବାବଦରେ କୌଣସି ଟ୍ରକ୍ ସଙ୍ଘ କିମ୍ବା ଗାଡି ମାଲିକମାନେ ମିଳିତ ଭାବେ ପ୍ରଶାସନର ଦୃଷ୍ଟି ଆକର୍ଷଣ କିମ୍ବା ପ୍ରତିବାଦ କରୁନଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗାଲେଇ ଶୋଇଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଏଥିପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ଗୁଡିକର ଯୁଦ୍ଧକାଳୀନ ଭିତିରେ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ଅଧା ନିର୍ମାଣ ରାସ୍ତାକୁ ସିଲ୍ କରିବାକୁ ଦାବି

**ଧର୍ମଶାଳା,୯।୮/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଜାରକା ବୁଦ୍ଧ ଛକ ଠାରୁ ଧର୍ମଶାଳା ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଜଗନ୍ନାଥ ଶଡକ ଏବେ ମରଣ ଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତାର ପ୍ରସସ୍ତିକରଣ ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ୧୪କୋଟି ୬୪ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ଡିସେମ୍ବର ମାସ ୨୦୨୩ ମସିହାରେ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲେ ହେଁ ବହୁ ବିଳମ୍ବରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ରାସ୍ତାର ପ୍ରସସ୍ତିକରଣ ସହିତ ରାସ୍ତାର ୩ଗୋଟି ସ୍ଥାନରେ ଛୋଟ ଛୋଟପୋଲ ନିର୍ମାଣ କରିବା ଲାଗି ଠିକାଦାର ବିଭାଗ ସହିତ ଚୁକ୍ତି ମଧ କରିଥିଲା। ତେବେ ଅବଧି ସରିବାର ୯ ମାସ ପରେ ମଧ ଏହି ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହି ରାସ୍ତାର ଶାନ୍ତିବଜାର ନିକଟରେ ଦୁଇ ଗୋଟି ଛୋଟ ଛୋଟ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇ ନଥିବାରୁ ଅନେକ ସମୟରେ ବାଇକ ଓ କାରବାଲା ଜାଣି ନପାରି ପୋଲ ଉପରୁ ତଳକୁ ଖସିପଡୁଛନ୍ତି। ଏବେ ବର୍ଷା ଦିନ ହୋଇଥିବାରୁ ଲୋକେ ତଳେ ପାଣିରେ ପଡିବା ଫଳରେ ବର୍ତ୍ତି ଯାଉଛନ୍ତି । ଏହି ପୋଲକାମ ସମାପ୍ତ ହୋଇ ନଥିବାରୁ ଏହି ରାସ୍ତାରେ ନଯିବା ଲାଗି ବାରା କରିବା ଆବଶ୍ୟକ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏହା ସମ୍ଭବପର ହୋଇପାରୁ ନାହିଁ । ଗତ କିଛି ଦିନ ତଳେ ଏକ ବାଇକ ଆରୋହୀ ଉକ୍ତ ରାସ୍ତାରେ ଯାଉଥିବା ବେଳେ ହଠାତ ୨୦ ଫୁଟ ତଳକୁ ବାଇକ ସହ ଖସିପଡିଥିଲା। ତେବେ ତଳେ ପାଣି ରହିଥିବାରୁ ଯୁବକ ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ବାଇକ୍‌ଟି ଉଦ୍ଧାର କରାଯାଇଥିଲା । ଅନେକ ସମୟରେ ଧର୍ମଶାଳା ଆଡୁ ଆସୁଥିବା ଅଜଣା ଲୋକମାନେ ସିଧା ରାସ୍ତା ଭାବି ନୂତନ ପୋଲ ରାସ୍ତା ଦେଇ ଯିବା ସମୟରେ ଏଭଳି ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ବଡଧରଣର କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନଦେଲେ ଆଗକୁ ବଡଧରଣର ଅଘଟଣ ଘଟିବା ନେଇ ଆଶଙ୍କା କରାଯାଇଛି । ଯଥାଶୀଘ୍ର ଏହି ଅଧା ନିର୍ମାଣ ରାସ୍ତାକୁ ସିଲ କରିବାକୁ ସାଧାରଣରେ ଦାବି ହୋଇଛି।

# ୫୪ଗ୍ରାମ୍ ବ୍ରାଉନ୍‌ସୁଗର ଜବତ,୨ ଅଟକ

**କଣିହାଁ,୯।୮/ଏନ୍ଏନ୍ଏସ୍:** କଣିହାଁ ଥାନା ଦଣ୍ଡସିଂହା ଗ୍ରାମରେ ଜିଲ୍ଲା ପୁଲିସ ସ୍ପେଶାଲ ସ୍କାର୍ଡ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏନ୍‌ଟିପିସି ଓ କଣିହାଁ ପୁଲିସ ଏଥିରେ ସାମିଲ ହୋଇଥିଲେ। ଗତକାଲି ପୂର୍ବାହ୍ଣ ପ୍ରାୟ ୧୨ଟା ସମୟରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ବିପୁଳ ପରିମାଣର ବ୍ରାଉନସୁଗାର, ନଗଦ ଟଙ୍କା ଜବତ କରାଯାଇଛି। ପ୍ରକାଶ, ସ୍ଥାନୀୟ ପୁଲିସ ଆଖିରେ ଧୂଳି ମାରି ଦଣ୍ଡସିଂହା ଗାଁରେ ଦିର୍ଘ ମାସ ଧରି ବ୍ରାଉନସୁଗର କାରବାର ଚାଲିଥିଲା। ଏପରିକି ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୁଲିସ ନୀରବତା ଫଳରେ ଏହି ଧଳା ଜହର ବ୍ୟବସାୟ ବେଧଡ଼କରେ ଚାଲିଥିଲା। ଏପରିକି ତାଳ ଚେର, ଡେରା, ବଲଣ୍ଡା, ଗୋପାଳଗଡ଼ ଅଞ୍ଚଳର ବହୁ ନିଶାଡି ଆସି ଏହି ଧଳା ଜହର ସେବନ କରୁଥିଲେ। ଏନ୍‌ଟିପିସି, କଣିହାଁ ଓ ସମଲ ଆଦି ଥାନା ଇଲାକା ଅତିକ୍ରମ କରି ନିଶା ସେବନକାରୀ ନିତି ଯାତାୟାତ କରୁଥିଲେ। ଏହି ସମସ୍ତ ଘଟଣା ଜିଲ୍ଲା ପୁଲିସ ଜ୍ଞାନ୍ତରେ ଆସିବା ପରେ ଗତକାଲି ଜିଲ୍ଲା ପୋଲିସର ସ୍ପେଶାଲ ସ୍କାର୍ଡ ପକ୍ଷରୁ ଦଣ୍ଡସିଂହାର ଜୈନେକଙ୍କ ଘରେ ଚଢ଼ାଉ କରିଥିଲେ। ସ୍ଥାନୀୟ ପୁଲିସ ଜାଣି ଥିଲେ ମଧ ଏଭଳି ବେଆଇନ ବ୍ୟବସାୟ ଉପରେ ରୋକ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ। ଚଢ଼ଉବେଳେ ପ୍ରାୟ ୫୪ଗ୍ରାମ୍ ବ୍ରାଉନସୁଗର ସହିତ ୪୮ହଜାର ୭ ଶହ ଟଙ୍କା ଜବତ କରିଥିବା ପ୍ରକାଶ। ଏଥି ସହିତ ଅଭିଯୁକ୍ତ ପାଖରୁ ଏକ କାର୍, ବୁଲେଟକୁ ପୁଲିସ ନିଜ ହେପାଯତକୁ ଆଣିଛି। ଏଥି ସହିତ ୨ଜଣ ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିବା ବେଳେ ଥାନା ପକ୍ଷରୁ କୌଣସି ସୂଚନା ଦେବାକୁ ପୁଲିସ ଅନିଚ୍ଛା ପ୍ରକାଶ କରିଥିବା ପ୍ରକାଶ। ଅନ୍ୟପକ୍ଷରେ ଚଢ଼ଉ କରିଥିବା ଘରର ତେମୋ ଆଜି କଣିହାଁ ପୁଲିସ କରିଥିବା ଜଣାପଡ଼ିଛି।

# ଡକାୟତି ଯୋଜନା ପଣ୍ଡ, ୨ଗିରଫ



**ତାଳଚେର,୯।୮/ଏନ୍‌ଏନ୍‌ଏସ୍:** ଗତକାଲି ୫ରୁ ୬ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ରଖି ତାଳଚେର ଥାନା ଅନ୍ତର୍ଗତ ସ୍କଟଲ୍ୟାଣ୍ଡପୁର ଜଙ୍ଗଲରେ ବସି ଡକାୟତି ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ତାଳଚେର ଥାନା ଅଧିକାରୀ ଖବର ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ପୁଲିସ୍ ପହଞ୍ଚି ଦେଖିଲେ ଦୁର୍ବୃତ୍ତମାନେ ଜଙ୍ଗଲ ମଝିରେ ଅଳ୍ପ ଆଲୋକରେ ଅସ୍ତ୍ରଶସ୍ତ୍ର ଧରି ବସିବା ସହ ଚୁପଚାପ ବାର୍ତ୍ତାଳାପ କରୁଛନ୍ତି। ପୁଲିସ୍ ସେମାନଙ୍କୁ ଘେରିବା ସମୟରେ ଉକ୍ତ ଦୁର୍ବୃତ୍ତମାନେ ହାତରେ କଟରା, ଲୁହାରଡ଼ ଓ ପିସ୍ତଲ ଧରି ପୁଲିସ୍‌କୁ ଆକ୍ରମଣ କରିବାକୁ ଉଦ୍ୟମ ହେବା ସହ ଉକ୍ତ ସ୍ଥାନରୁ ଦୌଡ଼ିବାକୁ ଲାଗିଲେ। ମାତ୍ର ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଧରା ପଡ଼ିଥିବା ଦୁଇଜଣ ସ୍କଟଲ୍ୟାଣ୍ଡପୁରର କେଦାର ଗୋଚ୍ଛାୟତ(୩୨), ଅନ୍ୟଜଣେ ଖମାର ଥାନା ଅଞ୍ଚଳ କଣ୍ଟିଆପଶି ଗ୍ରାମର ଦୀପକ ପ୍ରଧାନ (୩୩) ଓ ଯେଉଁମାନେ ଫେରାର ଅଛନ୍ତି ସେମାନେ ହେଲେ ତାଳଚେର ବାଘୁଆବୋଲ ବିକାଶ ନାଏକ, ବାପୁଜୀ ନଗରର ସିପୁ ନାଏକ, ରାଧାରମଣପୁର ଗ୍ରାମର ଆଲୋକ ଭୁତିଆ ବୋଲି ଜଣାପଡ଼ିଥିବା ସହିତ ସେମାନଙ୍କର ନିକଟରୁ ଗୋଟିଏ ପିସ୍ତଲ, ଲୁହା କଟୁରୀ, ଭିଭୋ ମୋବାଇ ଓ ରିଅଲମି ମୋବାଇଲ ଜବତ କରିବା ସହ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବ ବୋଲି ପୁଲିସ ପ୍ରକାଶ କରିଛି।

# ଜିଲ୍ଲାରେ ୨ଲକ୍ଷ ୭୦ ହଜାର ୪୧୮ ସୁଭଦ୍ରାଙ୍କୁ ତୃତୀୟ କିସ୍ତି

**ଜଗତ୍‌ସିଂହପୁର,୯।୮/ଏନ୍‌ଏନ୍‌ଏସ୍:** ଶନିବାର ପବିତ୍ର ରକ୍ଷା ବନ୍ଧନ ଅବସରରେ ସମ୍ମାନ ଓ ସମୃଦ୍ଧିର ନାଁ ସୁଭଦ୍ରା ଯୋଜନାରେ ଜଗତସିଂହପୁର ଜିଲ୍ଲାର ୨ଲକ୍ଷ ୭୦ ହଜାର ୪୧୮ଜଣ ସୁଭଦ୍ରା ହିତାଧିକାରୀଙ୍କୁ ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫ହଜାର ଟଙ୍କା ଲେଖାଏ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସେଥି ମଧ୍ୟରୁ ଜିଲ୍ଲାର ବାଲିକୁଦା ବ୍ଲକ ଅଞ୍ଚଳର ୪୦ହଜାର ୬୯୦୦ ଜଣ, ବିରିଡି ବ୍ଲକ ଅଞ୍ଚଳର ୧୯ ହଜାର ୨୮୧ଜଣ, ଏରସମା ବ୍ଲକ ଅଞ୍ଚଳର ୩୭ହଜାର ୯୨୬ଜଣ, ପାରାଦୀପ ପୌରପରିଷଦ ଅଞ୍ଚଳର ୮ହଜାର ୪୫ଜଣ, କୁଜଙ୍ଗ ବ୍ଲକ ଅଞ୍ଚଳର ୪୨ ହଜାର ୯୫୩ଜଣ, ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୪୦ହଜାର ୧୩୪ଜଣ, ରଘୁନାଥପୁର ବ୍ଲକ ଅଞ୍ଚଳର ୨୦ହଜାର



୫୪୨ଜଣ, ନାଉଗାଁ ବ୍ଲକ ଅଞ୍ଚଳର ୧୯ହଜାର ୬୫୧ଜଣ, ଜଗତସିଂହପୁର ସଦର ବ୍ଲକ ଅଞ୍ଚଳର ୩୪ ହଜାର ୫୨୩ଜଣ ଓ ଜଗତସିଂହପୁର ପୌରପରିଷଦ ଅଞ୍ଚଳର ୬ହଜାର ୬୭୩ଜଣ ସୁଭଦ୍ରା ହିରାଧିକାରୀଙ୍କୁ ୩ୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ କୋରାପୁଟ ଠାରେ ରାଜ୍ୟ ସ୍ତରୀୟ ସୁଭଦ୍ରା ହିତାଧିକାରୀଙ୍କୁ ୩ୟ କିସ୍ତି ବଣ୍ଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶୁଭ ଉଦ୍‌ଘାଟନ କରିବା ପରେ, ଭିଡିଓ କନଫରେନସିଂ ଜରିଆରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଏହି ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲେ। ସେହିପରି ଜଗତସିଂହପୁର ସଦର ମହକୁମାସ୍ଥିତ ଆଦି କବି ଶାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀ ୩ୟ କିସ୍ତି ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଜିଲ୍ଲାର ସୁଭଦ୍ରା ହିତାଧିଲାରୀଙ୍କ ଉପରୋକ୍ତ ବିରରଣୀ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଜେ ସୋନାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ, ସୁଭଦ୍ରା ମାଆ ଓ ଭଉଣୀମାନଙ୍କ ଅର୍ଥିକ ସ୍ୱଚ୍ଛଳତା ଆଣିବା ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ବୋଲି ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରାଶାନ୍ତ କୁମାର ତରାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ଶ୍ରାଦ୍ଧବାର୍ଷିକୀ



**ଜଗତ୍‌ସିଂହପୁର,୯।୮/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ୬୭ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପ୍ରାଣକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ଚାତ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ପାଳିତ ହୋଇ ଯାଇଛି। ସ୍ମୃତି ପରିଷଦର ସଭାପତି ତଥା ଅବସର ପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ଗୌରାଙ୍ଗ ଚରଣ ହୋତା ଯୋଗଦେଇ ସ୍ୱର୍ଗତ ପଢିହାରୀଙ୍କ ସଂଗ୍ରାମୀ ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧରେ ଡା. ଅଜୟ କୁମାର ବିଶ୍ୱାଳ, ଅଧ୍ୟାପକ ଭଗବାନ ଦାଶ, ଡା, ନିରଞ୍ଜନ ବିଶ୍ୱାଳ, ଶିକ୍ଷକ ଅମୂଲ୍ୟ ମିଶ୍ର, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀ କେବଳ ସ୍ୱାଧିନତା ନଥିଲେ। ଜଗତସିଂହପୁରର ଶିକ୍ଷା, ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା ବୋଲି ମତବ୍ୟକ୍ତ କରି ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଭାରତର ମୁକ୍ତି ସଂଗ୍ରାମ ଓ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରି ଉପରେ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ସହିତ ପ୍ରମାଣ ପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଏଥି ସହିତ ଅଂଶ ଗ୍ରହଣ କରିଥିବା ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଭାର ପ୍ରାରମ୍ଭରେ ସ୍ୱର୍ଗତ ପଢିହାରୀଙ୍କ ଉତରଦାୟଦ ତଥା ସ୍ମୃତି ପରିଷଦର ସମ୍ପାଦକ ଶୁଭକାନ୍ତ ପଢିହାରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷାବିତ ବିଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକୁ ପରିଷଦର ସଦସ୍ୟ ସାମ୍ବାଦିକ ଶଶାଙ୍କ ପଣ୍ଡା, ଦୁର୍ଯ୍ୟୋଧନ ମହାରଣା, ଶିକ୍ଷାବିତ୍ ସରୋଜ କୁମାର ଦ୍ୱିବେଦୀ, ଶେଷ ପ୍ରକାଶ ସେଠୀ, ରମାକାନ୍ତ ପଢିହାରୀ, ଅବନିକାନ୍ତ ଦାଶ, ରୁଦ୍ର ଆଚାର୍ଯ୍ୟ ପ୍ରମୁଖ ସୁଚରିଚାଳନା କରିଥିଲେ।

# ସାନ୍ଧ୍ୟ ମହାବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ



**କେନ୍ଦ୍ରାପଡ଼ା,୯।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ କଲେଜ ଅଧ୍ୟକ୍ଷା ଆଦ୍ୟରଶ୍ମୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି କଲେଜ ପୂର୍ବ ପରିଚାଳନା ସମିତିର ସଭ୍ୟ ତଥା ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ସମ୍ମାନୀୟ ଅତିଥି ଭାବେ ମନୋରଞ୍ଜନ ମହାନ୍ତି ପ୍ରାକ୍ତନ ଅଧକ୍ଷ ଅଜୟ କୁମାର ବିଶ୍ୱାଳ, ଆଇନଜୀବୀ ବିଚିତ୍ରା ନନ୍ଦ ମହାନ୍ତି, ଆକବର ଅଲ୍ଲୀ, ପ୍ରାକ୍ତନ ଅଧକ୍ଷ ଗଙ୍ଗାଧର ସାହୁ, ପ୍ରାଧ୍ୟାପକ ଅଜୟ କୁମାର ଦାସ ପ୍ରମୁଖ ଯୋଗଦାନ କରି ମହାବିଦ୍ୟାଳୟ ଗଠନ ଏବଂ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। +୨ ଅଧକ୍ଷ ମନୋଜ କୁମାର ଜେନା ବାର୍ଷିକ ବିବରଣୀ ପାଠ ଲାରିଥିଲେ। ମହାବିଦ୍ୟାଳୟର ୨୦୨୪/୨୫ ଶିକ୍ଷା ବର୍ଷରେ ସର୍ବାଧିକ ମାର୍କ ରଖିଥିବା +୨କଳା ଛାତ୍ର ଶୁଭ୍ରାଂଶୁ ସ୍ୱାଇଁ ଓ ଭୋକେଶନାଲ +୩ କଳା ସଂମ୍ମାନ ବିଭାଗାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ସୁଧାଂଶୁ ଭୂଷଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା କର୍ମଚାରୀମାନେ ସହଯୋଗ କରିଥିଲେ।

# କ୍ରାନ୍ତି ଦିବସରେ ଯୋଗଦେଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୯।୮/ଏନ୍‌ଏନ୍‌ଏସ୍:** ଆଜି କେନ୍ଦ୍ରାପଡା ସହରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ୮୪ତମ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ହେଇଯାଇଛି। ଭାରତ ଛାଡ଼ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ଐତିହ ବହନ କରୁଥିବା ଆଜିର ଦିବସରେ ସାରା କେନ୍ଦ୍ରାପଡା ସହର ଉତ୍ସବ ମୁଖର ହୋଇଥିଲା। ଗାନ୍ଧୀଙ୍କ ପଦଯାତ୍ରା ସ୍ମାରକୀ ବହନ କରୁଥିବା ଗରାପୁର ଡାକବଙ୍ଗଳା ନିକଟ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସକାଳ ୮ଘଟିକାରେ ରାମଧୁନର ତାଳେତାଳେ ବିଭିନ୍ନ ବର୍ଗର ଶତାଧିକ ଲୋକଙ୍କୁ ନେଇ ଆରମ୍ଭ ହୋଇଥିବା ଶାନ୍ତି ପଦଯାତ୍ରା ତିନିମୁହାଣୀସ୍ଥିତ ଗାନ୍ଧୀ ପଦଯାତ୍ରା ସ୍ମାରକୀ ନିକଟରେ ପହଞ୍ଚି ଥିଲା। ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ ବିଧାୟକ ଗଣେଶ୍ୱର ବେହେରା । ଗାନ୍ଧୀ ପଦଯାତ୍ରା ସ୍ମାରକୀ ସ୍ଥଳରେ ଶାନ୍ତି ପଦଯାତ୍ରା ପହଞ୍ଚିଲା ପରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଉଦ୍‌ଘାଟନ କରିଥିଲେ ଜିଲ୍ଲାପାଳ ରଘୁରାମ ଆର୍ ଆୟର। ପ୍ରଥମେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ବିରବର ପାତ୍ରଙ୍କୁ ବିଧାୟକ ଗଣେଶ୍ୱର ବେହେରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କଲାପରେ ସଂପାଦକ ରାଜେଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନନ୍ଦକିଶୋର ପରିଡା ଅଗଷ୍ଟ କ୍ରାନ୍ତି ସଂପର୍କରେ ବିସ୍ତୃତ ଆଲୋଚନା କରି କଷ୍ଟ ଅର୍ଜିତ ସ୍ୱାଧୀନତାକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟିକା ସିପ୍ରା ମଲିକ ଓ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଧୀରେନ ସାହୁ, ଗୟାଧର ଧଳ ପ୍ରମୁଖ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ଦାସ, ଶିବପ୍ରସାଦ ଭଳ, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶୀଷ ମହାନ୍ତି, ପ୍ରିୟଦର୍ଶନୀ ତରାଇ, ରଶ୍ମୀ ରଞ୍ଜନ ରାଉତ, ମାନସ ପରିଡା,ଚିତ୍ତରଞ୍ଜନ ମଲ୍ଲିକ, ଆକବର ଅଲ୍ଲୀ, ପ୍ରଫୁଲ୍ଲ ଦାସ, ପ୍ରଦୀପ ମହାନ୍ତି, ରଶ୍ମିତା ପଣ୍ଡା,ଭାଗିରଥୀ ଜେନା, ରମଣିରଞ୍ଜନ ରାଉତରାୟ, ମାଧବ ଦାସ, ଜଗତଜୀବନ ଦାଶ, ଉପେନ୍ଦ୍ର ପରିଡା, ବୈଷ୍ଣବ ସ୍ୱାଇଁ, ପ୍ରଣବ ଜେନା,ପ୍ରକାଶ ମହାନ୍ତି,ଦୋଳଗୋବିନ୍ଦ ସାହୁ, ସୁଧୀର ମଲ୍ଲିକ, ସୂର୍ଯ୍ୟକାନ୍ତ ପରିଡା, ଲୋହିତ ମହାନ୍ତି,ପ୍ରଭାଶିଷ ପଣ୍ଡା, ପ୍ରଦୀପ ନାୟକ, ହୀରଣ୍ୟ ପଣ୍ଡା, ଯଯାତି ମହାନ୍ତି, ଆଲୋକ ସାହୁ, ଧନଞ୍ଜୟ ମହାନ୍ତି, ପୀତବାସ ବେହେରା, ଦେବାଶିଷ କୁବେର,ଭବାନୀ ଓଝା, କିଶୋର ମହାରଣା, ଅକମଲ ଅଲ୍ଲୀ, ଶେଖ ଚନ୍ଦନ, ଅବଦୁଲ ସତ୍‌ତାର,ନାରାୟଣ ପରିଡା, ସତ୍ୟରଞ୍ଜନ ସେନାପତି ପ୍ରମୁଖ। ଧନ୍ୟବାଦ ଅର୍ପଣ କରିଥିଲେ ମୁକ୍ତାର ଖାଁ।

# ବିଧାୟକଙ୍କୁ ରାଖୀ ବାନ୍ଧିଲେ ହଜାର ହଜାର ମହିଳା

**ଧର୍ମଶାଳା,୯।୮/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ରକ୍ଷାବନ୍ଧନ ଓ ସହରଠୁ ପଲ୍ଲୀ ସବୁଠି ଉତ୍ସବ ମୁଖର ଓ ଏହି ଦିନରେ ଭାଇର ଶୁଭମନାସି ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ । ଏହି ପବିତ୍ର ରାକ୍ଷାବନ୍ଧନ ଅବସରରେ ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ହଲରେ ଏକ ନିଆରା ଢଙ୍ଗରେ ରାକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରକ୍ଷାବନ୍ଧନ ଅବସରରେ ଆଜି ଜାରକା ଷ୍ଟାଡିୟମରେ ସକାଳୁ ସକାଳୁ ହଜାର ହଜାର ସଂଖ୍ୟାରେ ମହିଳା ହାତରେ ଚନ୍ଦନ, ଫୁଲ ସହ ରାଖୀ ଧରି ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପାଖରେ ପହଞ୍ଚିଥିଲେ। ଷ୍ଟାଡିୟମ ହଲରେ ଉପସ୍ଥିତ ଥିବା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମଥାରେ ମହିଳାମାନେ ଚନ୍ଦନ ଦେଇ ରାଖୀ ବାନ୍ଧି ତାଙ୍କର ଶୁଭମାନାସୀ ଥିଲେ। ଏପଟେ ନିର୍ବାଚନ ପୂର୍ବରୁ ଯେପରି ଧର୍ମଶାଳାର ଭଉଣୀମାନେ ତାଙ୍କୁ ରଖୀବାନ୍ଧି ବିଧାୟକ ଭାବେ ନିର୍ବାଚିତ କରିଥିଲେ ଓ ସେହିପରି ଭାବେ ଆଜି ଏହି ପବିତ୍ର ଦିନରେ ରାଖୀ ବାନ୍ଧି ସେହି କଥାକୁ ମନେ ପକାଇ ଦେଇଛନ୍ତି ବିଧାୟକ। ମୁଁ ସବୁବେଳେ ଭଉଣୀ ମାନଙ୍କ ସାଙ୍ଗରେ ଅଛି ଓ ଆଜିର ଭଲପାଇବା ଜୀବନରେ କେବେ ଭୁଲିପାରିବି ନାହିଁ ବୋଲି ବିଧାୟକ ହିମାଂଶୁ ଶେଖର ସାହୁ କହିଛନ୍ତି ।

# ଗଛ ଲଗାଇ ପାଳିଲେ ରକ୍ଷାବନ୍ଧନ

**ଢେଙ୍କାନାଳ,୯।୮/ଏନ୍‌ଏନ୍‌ଏସ୍:** ହିନ୍ଦୋଳ ଉପଖଣ୍ଡ ବାଉଁଶପୋଖରୀ ପଞ୍ଚାୟତର ନୂଆକୋଟ ଗ୍ରାମରେ ଥିବା ଶୁବ ନାଳ ଠାରେ ନୂଆକୋଟ ଏଫ୍‌ଆରସି ଡିହସାହି ଗ୍ରାମ ସଭା ଦ୍ୱାରା ରକ୍ଷାବନ୍ଧନ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିହସାହି ଗ୍ରାମବାସୀର ଛୋଟ ଛୋଟ ପିଲା, ଜଙ୍ଗଲ ପରିବେଶ ବିକାଶ ମଞ୍ଚ ହିନ୍ଦୋଳ ଏବଂ ଏଫ୍‌ଇଏସ ଢ଼େଙ୍କାନାଳଙ୍କ ସହଯୋଗକ୍ରମେ ପ୍ରଥମେ ପୂଜାର୍ଚ୍ଚନା କରି ଗଛରେ ରାଖୀ ବାନ୍ଧିବା ସହ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ରାଖୀ ବନ୍ଧା ଯାଇଥିଲା। ଏହା ପରେ ଶୁବ ନାଳ ଠାରେ ତାଳ, ଆମ୍ବ, ପଣସ, ନିମ୍ବ, କଷି, ତେନ୍ତୁଳି ଓ ଶାଗୁଆନି ଆଦି ବୃକ୍ଷରୋପଣ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଜଙ୍ଗଲୀ ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା। ଯାହାଫଳରେ କି ଜଙ୍ଗଲୀ ଜୀବଜନ୍ତୁ ଖାଦ୍ୟ ପାଇବା ଫଳରେ ଆଉ ଜନବସତି ମୁହାଁ ହେବେନାହିଁ ଏବଂ ପରିବେଶ ସୁସ୍ଥ ରହିବ।



# ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ



**କେନ୍ଦ୍ରାପଡ଼ା,୯।୮/ଏନ୍‌ଏନ୍‌ଏସ୍:** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ସହାୟତା ପ୍ରଦାନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ଉନ୍ନତି ସହିତ ବିକାଶ ପ୍ରକ୍ରିୟାରେ ସେମାନଙ୍କ ଭାଗିଦାରୀ ବୃଦ୍ଧି ଉପରେ ବର୍ତ୍ତମାନ ସରକାର ଗୁରୁତ୍ୱ ଦେଉଛି। ଏହା ସହିତ ଅର୍ଥ ଅଭାବରୁ ଯେଉଁ ମା'ମାନେ ନିଜ ସ୍ୱପ୍ନକୁ ଛାଡିବାକୁ ବାଧ୍ୟ ହେଉଛନ୍ତି ସେମାନଙ୍କ ପାଇଁ ଆଶାର କିରଣ ସାଜିଛି ସୁଭଦ୍ରା। ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଆମ ସରକାରର ଲକ୍ଷ୍ୟ। କୋରାପୁଟ ଜିଲ୍ଲାର ଜୟପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସୁଭଦ୍ରାର ତୃତୀୟ କିସ୍ତିରେ ୧ କୋଟି ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲା ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିପିସି ମିଶନଶକ୍ତି ଆରତୀ ସାହୁ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମମତା ଏବଂ ପିଏମଏମ ଭି ର ସଂଯୋଜକ ମନୋରଞ୍ଜନ ଦାସ ସହାୟତା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମା'ମାନେ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାଖୀ ବାନ୍ଧିଥିଲେ। ପରେ ସୁଭଦ୍ରା କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ

**ତାଳଚେର,୯।୮/ଏନ୍‌ଏନ୍‌ଏସ୍:** ଗତକାଲି ତାଳଚେର ପୌରପରିଷଦ ବାପୁଜୀନଗରର ରିକେନ ନାଏକ ନାମକ ଏକ ଯୁବକ ସେହି ନିକଟରେ ଥିବା ଧର୍ମେନ୍ଦ୍ର ବେହେରାଙ୍କ ଦୋକାନକୁ ଆସି ସିଗାରେଟ ପିଇବାକୁ ଦିଆସିଲ ମାଗିଥିଲେ। ମାତ୍ର ଦୋକାନୀ ଧର୍ମେନ୍ଦ୍ର ବେହେରା ଦିଆସିଲ୍ ଦେବାରେ ବିଳମ୍ବ ହେବାରୁ ତାଙ୍କୁ ଅକଥୀୟ ଗାଳିଗୁଲଜ କରିବା ସହିତ ମାରଧର କରିଥିଲା ବୋଲି ଦୋକାନୀ ଶ୍ରୀ ବେହେରା ତାଳଚେର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସେ ଏହା ପ୍ରକାଶ କରିଛନ୍ତି। ମାତ୍ର ୨୪ଘଣ୍ଟା ହୋଇଥିଲେ ହେଁ ତାଙ୍କୁ ଏତଲା କପିର ନକଲ ମିଳିପାରି ନଥିବା ବେଳେ ଅଭିଯୁକ୍ତ ଗିରଫ ହୋଇପାରି ନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି ସେଠାରୁ ଯାଇ ସେହି ଅଭିଯୁକ୍ତ ଦୋକାନୀଙ୍କ ପଡ଼ୋଶୀଙ୍କୁ ମଧ ମାରପିଟ୍ କରିବାରୁ ସୌଭାଗିନୀ ବେହେରା (୩୬)ଙ୍କ ଡ଼ାହାଣ ହାତ ଭାଙ୍ଗି ଯାଇଛି ବୋଲି ସେ କହିବା ସହ ଥାନାରେ ଏସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଦୁଇଦିନ ବିତିଯାଇଥିଲେ ମଧ ପୁଲିସ କାହିଁକି ଉକ୍ତ ଦୁଇଜଣଙ୍କୁ ଏତଲାର ନକଲ ଦେଇ ନାହିଁ ଓ ଅଭିଯୁକ୍ତକୁ ଗିରଫ କରିନାହିଁ ଉକ୍ତ ଦୁଇ ପରିବାର ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ତାଳଚେର ଏସଡିପିଓ ଏହାର ତଦନ୍ତ କରନ୍ତୁ ବୋଲି ଦାବି କରିଛନ୍ତି।

# ଶାରୀରିକ ଶିକ୍ଷା ସଂଗଠନ କାର୍ଯ୍ୟକାରିଣୀ ବୈଠକ

**ଯାଜପୁର,୯।୮/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ବିଦ୍ୟାଳୟସମୂହ ଶାରୀରିକ ଶିକ୍ଷା ସଂଗଠନ କାର୍ଯ୍ୟକାରିଣୀ ବୈଠକ ଯାଜପୁର ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଭାରପ୍ରାପ୍ତ ଶାରିରୀକ ଶିକ୍ଷା ଅଧିକାରୀ ରାଜେଶ୍ କୁମାର ସେଠୀ ୨୦୨୪-୨୫ ମସିହାର ବିବରଣୀ ପାଠ କରିବା ସହିତ ୨୦୨୫ପ୨୬ ମସିହାର ଜିଲ୍ଲା କ୍ରୀଡା ନିମନ୍ତେ ବ୍ୟୟ ଅଟକଳ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁରମା ମହାପାତ୍ର ଓ ସବିତା ସାହୁ, ଅବସରପ୍ରାପ୍ତ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦଶ ଯୋଗଦାନ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସାହୁ ଜିଲ୍ଲାସ୍ତରୀୟ ଖେଳକୁଦରେ କିପରି ଗ୍ରାସ ରୁଟରୁ ବଛା ବଛା କ୍ରୀଡାବିତ୍ ଆସିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ୧୦ଗୋଟି ମଣ୍ଡଳରୁ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଦେବିଲାଲ ମଲ୍ଲିକ ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, ମଣ୍ଡଳ ପ୍ରଧାନ ଶିକ୍ଷକ , ମଣ୍ଡଳ ସମ୍ପାଦକ ଶଙ୍କର୍ଷଣ ବେହେରା, ଗଗନ ବାରିକ, ହରିହର ଜେନା, ସେଖ ସମିମ୍ , ସତ୍ୟସୁନ୍ଦର ମହାପାତ୍ର , କାଳନ୍ଦୀ ସାହୁ , ଅବିନାଶ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ମହାନ୍ତି , ସୁବାସ ବିଶ୍ୱାଳ , ଉକ୍ତ ବୈଠକକୁ ବିକାଶ କୁମାର ସାହୁ ଓ ନିରଞ୍ଜନ ଶତପଥୀ ପରିଚାଳନା କରିଥିଲେ।

# ବଜ୍ରାଘାତରେ ବୃଦ୍ଧ ମୃତ

**ଢେଙ୍କାନାଳ,୯।୮/ଏନ୍‌ଏନ୍‌ଏସ୍:** ହିନ୍ଦୋଳ ବ୍ଲକ୍ କନ୍ତାମିଲା ପଞ୍ଚାୟତ ଅନ୍ତର୍ଗତ ଗୋହିରାଛୋଡ ଗ୍ରାମ ଶାଳବଣି ସାହିର ସହଦେବ ନାଏକ ଓରଫ ବଙ୍ଗୁଆ (୭୨) ଗାଈ ଚରାଇବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଯାହାଫଳରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଅନୁଗୁଳ ଡାକ୍ତରଖାନା ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଗତକାଲି ଶୁକ୍ରବାର ଅପରାହ୍ନ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଶନିବାର ଦିନ ଶବ ବ୍ୟବଚ୍ଛେଦ କରିବା ସହ ଗାଁ ଶ୍ମଶାନରେ ଶବଦାହ କରାଯାଇଥିଲା। ଏ ଦୁଃଖଦ ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଘଟ ହେବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ରାଖୀ ପୂର୍ଣ୍ଣିମାରେ ମୁଖ୍ୟମନ୍ତ୍ରୀଙ୍କ 'ସୁଭଦ୍ରା'ଭେଟି

**ଯାଜପୁର,୯।୮/ଏନ୍‌ଏନ୍‌ଏସ୍:** ସମ୍ମାନ ଓ ସମୃଦ୍ଧିର ନାଁ ସୁଭଦ୍ରା ଯୋଜନା। ଏହି ଯୋଜନାର ସଫଳତା ମା'ମାନଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ରହିଛି। ସୁଭଦ୍ରା ଯୋଜନାକୁ ଆହୁରି ତ୍ୱରାନ୍ୱିତ କରି ମା' ଓ ଭଉଣୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ କୋରାପୁଟ ଜିଲ୍ଲାର ଜୟପୁର ଠାରେ ତୃତୀୟ କିସ୍ତି ସୁଭଦ୍ରା ସହାୟତା ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲାରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଆୟୋଜିତ ସିଧାପ୍ରସାରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକସଭା ସାଂସଦ, ଡ. ରବୀନ୍ଦ୍ର ନାରାୟଣ ବେହେରା ସମସ୍ତଙ୍କୁ ବଳଭଦ୍ର ଜନ୍ମ ତଥା ରାଖୀ ପୂର୍ଣ୍ଣିମା ଓ ସୁଭଦ୍ରା ଯୋଜନା ତୃତୀୟ କିସ୍ତି ପ୍ରଦାନର ଶୁଭେଚ୍ଛା ଜଣାଇଥିଲେ। ବିକଶିତ ଭାରତର ଅର୍ଥ ହେଉଛି ଯୁବଶକ୍ତି ର ବିକାଶ, କୃଷକ ଭାଇ ତଥା ଅନ୍ନଦାତାଙ୍କ ବିକାଶ ସର୍ବୋପରି ନାରୀଶକ୍ତି ତଥା ମାତୃଶକ୍ତି ର ବିକାଶ। ମହିଳା ମାନଙ୍କର ଉନ୍ନତି ହେଲେ ଦେଶର ପ୍ରଗତି ହେବ। ସୁଭଦ୍ରା ଯୋଜନା ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରିଛି। ମହିଳା ବିକାଶର ଅର୍ଥ ଦେଶର ବିକାଶ। ସୁଭଦ୍ରା ଯୋଜନା ରାଜ୍ୟସରକାର ଙ୍କ ଏକ ଅଭିନ୍ନ ପ୍ରୟାସ। ପାଞ୍ଚହଜାର ଟଙ୍କା ପାଇ ଛୋଟ ଛୋଟ ବ୍ୟବସାୟ ମାଧ୍ୟମରେ ସଦବିନିଯୋଗ କରିପାରିଲେ ଜୀବନରେ ଉନ୍ନତି କରିପାରିବେ। ଯାଜପୁରକୁ ରେଳ ସଂଯୋଗ ହେବାସହ ଯେତେ ଯେତେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇ ବିରଜା କ୍ଷେତ୍ର ଯାଜପୁରକୁ ବିକଶିତ ଜିଲ୍ଲାରେ ପରିଣତ କରାଯିବ। ଆଜି ଜିଲ୍ଲାର ୪,୬୨,୭୫୧ ଜଣ ହିତାଧିକାରୀ ସୁଭଦ୍ରା ତୃତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ତିନିଜଣ ସୁଭଦ୍ରା ହିତାଧିକାରୀ ବାସନ୍ତୀ ପଣ୍ଡା, ଅନୁପମା ରଣା ଓ ପ୍ରଜ୍ଞାନ ଲତା ସ୍ୱାଇଁ ସେମାନଙ୍କର ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ବିଡିଓ ହେମନ୍ତ କୁମାର ମହନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବୁଦ୍ଧିଜୀବୀ,ଏସ୍‌ଏଚ୍‌ଜି ମହିଳାମାନେ, ଅଙ୍ଗନବାଡ଼ି କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**AFFIDAVIT**

I, Sujata Samal , D/o Sadhu Charan Samal and wife of Ranjan Kumar Mohanty, At - Kanika Road, PS - Lalbag, Town & Dist - Cuttack - 753008, Odisha declare by this affidavit No.279, dtd. - 02/08/2025 that now onwards I shall be known as **SUJATA MOHANTY** for all future purposes.

**AFFIDAVIT**

By virtue of an sworn before the Notary Public, Bhubaneswar, dtd. 02.08.2025, I, Puspalata Samantaray, W/o- Surendra Samantaray, permanent resident of Mali Sahi, Tangi Sahi, Ps-Bolagarh, Dist- Khurdha - 752066, Odisha hereby declare that I have changed my name from Puspanjali Mohapatra to Puspalata Samantaray. Henceforth, I shall be known as **Puspalata Samantaray** for all purposes.

**AFFIDAVIT**

I, Ranjan Mohanty , S/o Late Udaya Charan Mohanty, At - Kanika Road, PS - Lalbag, Town & Dist - Cuttack - 753008, Odisha declare by this affidavit No. 278 dtd. - 02/08/2025 that now onwards I shall be known as **Ranjan Kuamr Mohanty** for all future purposes.

## ପ୍ରଥମରୁ ପୃଷ୍ଠାରୁ

# ଛାତ୍ର ପରିଷଦର ଶପଥ ପାଠ

**ସୋର,୯।୮/ଏନ୍‌ଏନ୍‌ଏସ୍:** ସୋର ଉତ୍ତରେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରାଙ୍ଗଣରେ ଛାତ୍ର ପରିଷଦର ବିଭିନ୍ନ ବିଭାଗର ନିର୍ବାଚିତ ପ୍ରତିନିଧିଙ୍କର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ସଭାରେ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଦାୟିତ୍ୱବାନ, କର୍ମନିଷ୍ଠ ଓ ଶୃଙ୍ଖଳିତ ଭାବେ କର୍ତ୍ତବ୍ୟ ନିର୍ବାହ କରିବାକୁ ପ୍ରେରଣା ଦେଇଥିଲେ। ଉପାଧ୍ୟକ୍ଷ ନିର୍ବାଚିତ ପ୍ରତିନିଧିମାନଙ୍କର ନାମ ଘୋଷଣା କରିଥିଲେ। ସବ୍ୟସାଚୀ ସାହୁ (ହେଡ୍‌ବୟ), ସଞ୍ଜୀନା ତିଆଡ଼ (ହେଡ ଗାର୍ଲ) ଶପଥ ଗ୍ରହଣ କରିଥିଲେ। ୪ଟି ବିଭାଗର କ୍ୟାପ୍‌ଟେନ୍- ଶିକ୍ଷକ ଚିତ୍ତରଞ୍ଜନ ରାଉଳ(ବ୍ରହ୍ମାସ), ଶିକ୍ଷୟିତ୍ରୀ ଶୈଳେନ୍ଦ୍ର ନାରାୟଣ ପଣ୍ଡା(ଅଗ୍ନି ହାଉସ), ଶିକ୍ଷୟିତ୍ରୀ ଝାନ୍ସିରାଣୀ ପତି(ପୃଥ୍ୱୀ ହାଉସ), ଶିକ୍ଷୟିତ୍ରୀ ଅହଲ୍ୟା ବେହେରା (ଆକାଶ ହାଉସ) ର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅଧ୍ୟକ୍ଷ ଶ୍ରୀ ନାୟକ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ।

# ୧ କୋଟି ମହିଳା ପାଇଲେ ...

ନାରୀ ସମାଜ ପାଇଁ ଅପମାନ। ଆମ ସରକାର ଆସିବାର ପ୍ରାୟ ଏକ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହାର ଉଦାହରଣ ହେଉଛି, 'ଲକ୍ଷପତି ଦିଦି'। ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ପରିକଳ୍ପିତ ଏହି ସଶକ୍ତିକରଣ କାର୍ଯ୍ୟକ୍ରମରେ ଆଜି ପର୍ଯ୍ୟନ୍ତ ଆମ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସୁଭଦ୍ରା ଯୋଜନା ଅଧିନରେ ଆମର ମା'ମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ପ୍ଲସ୍, ଉଦ୍ୟୋଗୀ କରିବା ପାଇଁ ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକାରୀ କରାଯାଇଥିବା ବେଳେ କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୂହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କୋରାପୁଟର କୋଟିଆ ଗ୍ରାମପଞ୍ଚାୟତରେ ମୋଟ ୨୦୭୮ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି। ଆଜି ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି। ଖୁସିର କଥା ଆମ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମପଞ୍ଚାୟତର ମହିଳାମାନେ ମଧ୍ୟ ଆମ ସୁଭଦ୍ରା ଯୋଜନା ସହିତ ଯୋଡ଼ି ହୋଇଛନ୍ତି। ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ। ସୁଭଦ୍ରା ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତାକୁ ପୁଞ୍ଜି ଭାବେ ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଛୋଟ ବଡ଼ ବ୍ୟବସାୟ ଆରମ୍ଭ କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ଅଭିଭାଷଣରେ କହିଛନ୍ତି। ଗୋଟିଏ ବର୍ଷ ତଳେ ମହିଳାଙ୍କ ଆଖିରେ ଯେଉଁ ବିଶ୍ୱାସ ଆମେ ଦେଖିଥିଲୁ, ସେ ବିଶ୍ୱାସ ଆଜି ଫଳପ୍ରଦ। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା। ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ସେମାନଙ୍କ ସାମାଜିକ ଅବସ୍ଥାକୁ ମଜବୁତ କରିବା, ସଫଳତା ପାଇଁ ସାଧନ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ଼ ସଂକଳ୍ପକୁ ପ୍ରତିପାଦନ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଅବସରରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାକ୍ଷୀ ବାନ୍ଧି ଏହି ସମାରୋହକୁ ପାରମ୍ପାରିକ ଭାବେ ଅନୁଷ୍ଠାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଏକ କୋଟି ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଥିଲେ। ଏଥି ସହିତ ମଞ୍ଚ ଉପରେ ସୁଭଦ୍ରା ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହି ଯୋଜନାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ, ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଷ୍ଟିଲ୍ ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝୀ, ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରମୁଖ ଶାସନ ସଚିବ, ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଭାସିଯାଇ ୨ ନାବାଳିକା ...

ଯାଇଥିଲେ। ପରେ ଅନ୍ୟ ୨ଜଣ କୂଳକୁ ପଳାଇ ଆସିଥିବାବେଳେ ନନ୍ଦିତା ଓ ନନ୍ଦିନୀ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ଜଳେଶ୍ୱର ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପତ୍ତା ମିଳିନି।

# ୩୩୪ ଆର୍‌ୟୁପିପିଙ୍କ ...

ରାଜନୈତିକ ଦଳ ପଞ୍ଜିକରଣ ପାଇଁ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି। ୧୯୫୧ ମସିହାର ଜନପ୍ରତିନିଧି ଆଇନର ଧାରା ୨୯ (କ) ଅନୁଯାୟୀ ଦଳଗୁଡ଼ିକୁ ସେମାନଙ୍କର ପଞ୍ଜୀକରଣ ସମୟରେ ସମସ୍ତ ବିବରଣୀ ପ୍ରଦାନ କରିବାକୁ ପଡ଼ିବ, ଯେଉଁଥିରେ ଦଳର ନାମ, ଠିକଣା ଏବଂ ପଦାଧିକାରୀଙ୍କ ନାମ ଅନ୍ତର୍ଭୁକ୍ତ। ଏପରିକି ଦଳଗତ ଯେକୌଣସି ପରିବର୍ତ୍ତନ କିମ୍ବା ନିଷ୍ପତ୍ତି ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ଜଣାଇବା ବାଧ୍ୟତାମୂଳକ ରହିଛି। ତେବେ ଶନିବାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ହୋଇଥିବାରୁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଅନ୍ୟପକ୍ଷେ ଶନିବାର ୩୩୪ଟି ରାଜାନୈତିକ ଦଳ ସେମାନଙ୍କ ମାନ୍ୟତା ହରାଇବା ପରେ ଦେଶରେ ଏବେ ମୋଟ୍ ୨,୮୫୪ଟି ପଞ୍ଜିକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ମଧ୍ୟରୁ ଏବେ ୨୫୨୦ଟି ଦଳ ନିଜ ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ସେହିପରି ଦେଶରେ ଏବେ ୬ଟି ଜାତୀୟ ଦଳ ଏବଂ ୬୭ଟି ଆଞ୍ଚଳିକ ଦଳ ରହିଛନ୍ତି। ଆର୍‌ୟୁପିପିର ଅର୍ଥ ହେଉଛି ଯେଉଁ ଦଳଗୁଡ଼ିକ ନିର୍ବାଚନ କମିସନଙ୍କ ନିକଟରେ ପଞ୍ଜିକୃତ ହୋଇଛନ୍ତି ମାତ୍ର ସେଗୁଡ଼ିକୁ ରାଜ୍ୟ କିମ୍ବା ଜାତୀୟ ସ୍ତରରେ ମାନ୍ୟତା ମିଳିନାହିଁ। ରାଜନୈତିକ ଦଳଭାବେ ପଂଜୀକରଣ କରିବାପରେ କେତେକ ଟିକସ ରିହାତି ମିଳୁଥିବାରୁ ଏପରି ଦଳଙ୍କ ସଂଖ୍ୟା ବଢିଚାଲିଛି। ଫଳରେ କମିସନ ଏମାନଙ୍କ ଉପରେ କଡ଼ା ନଜର ରଖିଛନ୍ତି ଓ ଆବଶ୍ୟକ ପଡ଼ିଲେ ପଞ୍ଜିକରଣ ରଦ୍ଦ କରୁଛନ୍ତି।

# ଭୂମିହୀନଙ୍କୁ ଜାଗା ଦେବାକୁ ...

ପଟ୍ଟା, ବେବନ୍ଦୋବସ୍ତ ଜମି ପାଇଁ ସର୍ବମୋଟ ୬୪୮୦ଟି ପଟ୍ଟା ପ୍ରସ୍ତୁତ କରାଯାଇଛି। ସେହିଭଳି ବସୁନ୍ଧରା ଅଧୀନରେ ମୋଟ ୨୨୫ଟି ପଟ୍ଟା ବିତରଣ ନିମନ୍ତେ ପ୍ରସ୍ତୁତ କରାଯାଇଛି। ଭୂମିହୀନ ୧୫ଟି ବିଦ୍ୟାଳୟକୁ ପଟ୍ଟାଦେବା ନିମନ୍ତେ ଚିହ୍ନଟ କରାଯାଇଛି। ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଭୁକ୍ତ ଟାଙ୍ଗୀ ଚୌଦ୍ୱାର, ତିଗିରିଆ ଓ ଆଠଗଡ଼ର ୨୦ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଆଜି ୧୫୦ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ଅବସରରେ କଟକ ଜିଲ୍ଲାର ନବନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡ଼ିକର ଆଜି ଶୁଭ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଭରଚୁଆଲ୍ ମାଧ୍ୟମରେ ବାରଙ୍ଗ ତହସିଲ କୁରାଙ୍ଗ ପ୍ରଧାନ, କଟକ ସଦର ତହସିଲ ଅନ୍ତର୍ଗତ ବିସନାବର ଏବଂ ବାଙ୍କୀ ତହସିଲ ଅନ୍ତର୍ଗତ କଳାପଥର ଓ ବରପୁଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡ଼ିକର ଶୁଭ ଉଦ୍‌ଘାଟନ କରିଥିଲେ।

# କାନ୍ଥ ଭୁଶୁଡ଼ି ୮ ମୃତ ...

ଏବଂ ୨ ଶିଶୁ (୬/୭ ବର୍ଷ) ଅଛନ୍ତି। ସେମାନେ ହେଲେ ମୃତକଙ୍କ ନାମ ଶାବିବୁଲ (୩୦), ରାବିବୁଲ (୩୦), ମୁତୁ ଅଲି (୪୫), ରୁବିନା (୨୫), ଡଲି (୨୫), ହାସିବୁଲ, ରୁଖସାନା (୬) ଏବଂ ହସିନା (୭) ବୋଲି ଜଣାପଡ଼ିଛି। ରିପୋର୍ଟ ଅନୁସାରେ ହରିନଗର ଗାଁ ପଛରେ ଥିବା ଏକ ସମାଧି ସ୍ଥଳ (ଶ୍ମଶାନ)ରେ ନିର୍ମିତ ଏହି ପ୍ରାଚୀର ଭୁଶୁଡ଼ି ପଡ଼ିଥିଲା। ତେବେ ପ୍ରାଚୀରଟି ସେହିପଟକୁ ଭୁଶୁଡ଼ି ପଡ଼ିଥିଲା ଯେଉଁପଟକୁ କିଛି ପରିବାର ବସ୍ତି କରି ରହୁଥିଲେ। ପ୍ରାଚୀରଟି କିଛି ବସ୍ତିବାସିନ୍ଦାଙ୍କ ଘର ଉପରେ ଭୁଶୁଡ଼ି ପଡ଼ିବାରୁ ଏତେ ସଂଖ୍ୟକ ଲୋକ ପ୍ରାଣ ହରାଇଥିବା କୁହାଯାଉଛି। ଘଟଣା ସମ୍ପର୍କରେ ସୂଚନା ପାଇ ଉଦ୍ଧାରକାରୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଅନ୍ୟ ଆହତଙ୍କୁ ଏମ୍ସ ଟ୍ରମା ସେଣ୍ଟର୍ ଏବଂ ସଫଦରଜଙ୍ଗ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର ଯାଞ୍ଚ ଜାରି ରହିଛି। ପ୍ରକାଶ, ଲଗାଣ ବର୍ଷା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍ ଏବେ ଜଳବନ୍ଦି ହୋଇପଡ଼ିଛି। କାଳନ୍ଦୀ କୁଞ୍ଜ, ମଥୁରା ରୋଡ୍, ରିଙ୍ଗରୋଡ୍, ଜିଟି କର୍ଣ୍ଣାଲ୍ ରୋଡ୍, ରୋହିଣୀ, ମଧୁବନଚୌକ୍, ଆନନ୍ଦବିହାର ଭଳି ଆହୁରି ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି।

# ମିଳିଲା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି




**କେନ୍ଦୁଝର,୯।୮/ଏନ୍‌ଏନ୍‌ଏସ୍:** ଶନିବାର କେନ୍ଦୁଝର ପାର୍କଲାଇନ ସ୍ଥିତ ପ୍ରେକ୍ଷାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିର ସୁଦୃଢ଼ୀକରଣ ନିମନ୍ତେ ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା ବାବଦରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ ଶ୍ରୀ ମହାପାତ୍ର ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ଯୋଜନା ନୁହେଁ ବରଂ ଏହା ମହିଳାମାନଙ୍କ ପାଇଁ ସ୍ୱାବଲମ୍ବନ ଏବଂ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ପାଇଁ ଏକ ମାଧ୍ୟମ ବୋଲି କହିଥିଲେ। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କର ଜୀବିକା କାର୍ଯ୍ୟକଳାପ ଆରମ୍ଭ କିମ୍ବା ବିସ୍ତାର କରିବା ପାଇଁ ସମୟୋଚିତ ସହାୟତା ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ବଦ୍ଧ ଓ ସୁଭଦ୍ରା ଯୋଜନାର ସୁଫଳ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦୁଝର ଜିଲ୍ଲା ବେଶ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରଶାସନକୁ ମନ୍ତ୍ରୀ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ପ୍ରମୁଖ ଯୋଗ ଦେଇ ଜିଲ୍ଲା ସାରା ମହିଳା ଏବଂ ପରିବାର ଉପରେ ଯୋଜନାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍ସବର ଅଂଶ ସ୍ୱରୂପ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଭଦ୍ରା ଯୋଜନାର ଅନେକ ହିତାଧିକାରୀ ମଞ୍ଚ ଉପରେ ନିଜ ପ୍ରେରଣାଦାୟକ ସଫଳତା କାହାଣୀ ବାଣ୍ଟିଥିଲେ। ଏହି ଯୋଜନା କିପରି ସେମାନଙ୍କୁ ସେମାନଙ୍କର ଜୀବିକା ନିର୍ବାହ ଏବଂ ପରିବାର ପାଇଁ ଯୋଗଦାନ ଦେବାରେ ସଶକ୍ତ କରିଥିଲା ତାହା ବର୍ଣ୍ଣନା କରିଥିଲେ। କୋରାପୁଟରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା, ଯାହା ଫଳରେ କେଉଁଝରର ଲୋକମାନେ ରାଜ୍ୟସ୍ତରୀୟ ଉତ୍ସବ ଏବଂ ଯୋଜନା ସହିତ ଜଡ଼ିତ ଘୋଷଣାଗୁଡ଼ିକୁ ଦେଖିପାରିଥିଲେ।

# ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ



**ସୋର,୯।୮/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୋର ବିଧାୟକ ମାଧବ ଧଡ଼ା ସୋର ଗୋପୀନାଥ ପୁର ପଞ୍ଚାୟତ ଅଧୀନସ୍ଥ ମଙ୍ଗଳ ପୁର ଭାଗବତ ମାନସିକ ଅନଗ୍ରସର ଓ ବାକଶକ୍ତି ହୀନ ସ୍ୱତନ୍ତ୍ର ବିଦ୍ୟାଳୟ ରେ କୁନି କୁନି ପିଲାଙ୍କ ସହିତ ବଡ଼ ଧୂମଧାମରେ ରକ୍ଷା ବନ୍ଧନ ପାଳନ କରିଛନ୍ତି। ସେ ସେହି ସ୍କୁଲରେ ରହୁଥିବା ଦିବ୍ୟାଙ୍ଗ ପିଲାମାନଙ୍କ ସହିତ ଆଜି ଅନେକ ସମୟ ବିତାଇବା ସହିତ ସେମାନଙ୍କ ହାତରୁ ରାକ୍ଷୀ ବାନ୍ଧିଥିଲେ। ସ୍ନେହପୂର୍ଣ୍ଣ ଭାବରେ ସମସ୍ତଙ୍କୁ ଚକୋଲେଟ ଓ ମିଷ୍ଟାନ ବାଣ୍ଟିବା ସହିତ ସେମାନଙ୍କ ଦୁଃଖ ସୁଖ ପଚାରି ବୁଝିଥିଲେ। ସ୍କୁଲ ର ସମ୍ପାଦକ ଘନଶ୍ୟାମ ନାୟକ ଏକ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ ସମାଜସେବୀ ଶ୍ରୀ ଜୟନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ମାଧବ ଧଡ଼ା ନିଜର ବକ୍ତବ୍ୟରେ ସ୍କୁଲର ଅଗ୍ରଗତିରେ ସମସ୍ୟାର ଆଶୁ ସମାଧାନ ଓ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ବାରିକ, ପୂର୍ବତନ ଜିଲ୍ଲା ପରିଷଦ ପ୍ରାର୍ଥୀ କମଳାକାନ୍ତ ଘଡ଼େଇ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ଏହି ସ୍କୁଲ ର ଦିବ୍ୟାଙ୍ଗ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଶିକ୍ଷକ ପ୍ରଦୀପ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

ସେହିପରି ବ୍ରହ୍ମାକୁମାରୀ ସେବା କେନ୍ଦ୍ର ତରଫରୁ ସୋର ଉପକାରାଗାରରେ ରକ୍ଷା ବନ୍ଧନ ଉପଲକ୍ଷେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଗିନୀ ସୁନିତା ରକ୍ଷା ବନ୍ଧନ ଉତ୍ସବ କେବେଠୁ ଏବଂ କାହିଁକି ପାଳନ କରାଯାଉ ଅଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାର କରୁଣାକର ଆତ୍ମା ପରମାତ୍ମା ଶିବ ଙ୍କର ପ୍ରକୃତ ପରିଚୟ ପ୍ରଦାନ କରିବା ସହ କର୍ମଯୋଗର ଅନେକ ଗୁହ୍ୟ ତଥ୍ୟ ସମ୍ବନ୍ଧରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ବ୍ରହ୍ମା କୁମାର ମୁକ୍ତିକାନ୍ତ ରାଜ ଯୋଗ ଦ୍ୱାରା ସଂସାରର କିପରି ପରିବର୍ତ୍ତନ ହୋଇପାରିବ ସେ ବିଷୟରେ ବର୍ଣ୍ଣନା କରିଥିଲେ। ସୁଧାକର, ରମାକାନ୍ତ, ବିନୋଦିନୀ ଓ ମାଳା ସହଯୋଗ କରିଥିଲେ। ପରେ ସୋରର ତହସିଲ ଅଫିସ୍‌ରେ ତହସିଲଦାର ଦୈତାରୀ ମଲ୍ଲିକଙ୍କୁ ପରମାତ୍ମାଙ୍କର ପରିଚୟ ପ୍ରଦାନ ପୂର୍ବକ ରାକ୍ଷୀ ବନ୍ଧା ଯାଇଥିଲା। ସୋର ପୌରପାଳିକା ସୋର ଥାନା ସୋର ରେଲୱେ ଅଫିସ, ସୋର କୋର୍ଟ, ସୋର ବ୍ଲକ, ସତ୍ୟାନନ୍ଦ ହାଇସ୍କୁଲ ମହିଳା ମହାବିଦ୍ୟାଳୟ, ଷ୍ଟେଟ ବ୍ୟାଙ୍କ ଇଣ୍ଡିଆ, କାନାଡ଼ା ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଡାକଘର, ସୋର ଡାକ୍ତରଖାନା, ଆର୍‌ଆଇ ଅଫିସ ଏବଂ ସୋର ସେବା କେନ୍ଦ୍ର ଅଧିନରେ ଥିବା ସାଉଡ଼ ଉପସେବା କେନ୍ଦ୍ର, ଦୁର୍ଗାପୁର, କୁରୁଡ଼ା, ପୁତଡିହା, ପିତାକାଳିଆ, ଅରଡ଼ା, ଅନନ୍ତପୁର, ସାଧୁଆ ପଡା, ଆଦି ଗୀତା ପାଠଶାଳାରେ ସୋର ସେବା କେନ୍ଦ୍ରର ମୁଖ୍ୟ ସାବାଳିକା ସୁନିତା ଏବଂ ଭାଇଭଉଣୀମାନେ ରାକ୍ଷୀ ବାନ୍ଧିଥିଲେ।

# ଯୌତୁକ ଜୁଇରେ ଜଳିଗଲେ ନବବଧୂ, ସ୍ୱାମୀ ଗିରଫ

**ବାହାନଗା,୯।୮/ଏନ୍‌ଏନ୍‌ଏସ୍:** ମାଂସ ଖାଇବାକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହେଲା। ଏହା ପରେ ସ୍ତ୍ରୀର ମୃତ୍ୟୁ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟ ପକ୍ଷରେ ଝିଅକୁ ହତ୍ୟା କରାଯାଇଥିବା ବାପଘର ଲୋକ ଅଭିଯୋଗ ଆଣିଛନ୍ତି। ସ୍ୱାମୀକୁ ପୁଲିସ ଅଟକ ରଖି ପୁଲିସ ତଦନ୍ତ କରୁଛି। ପ୍ରକାଶ ଯେ ସୋର ପୌରପାଳିକା ତୁଣ୍ଡୁପଡା ଗ୍ରାମର ହିମାଂଶୁ ବେହେରା ଗତ ୫ ମାସ ତଳେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବାଜିପୁର ଗ୍ରାମର ନିରଞ୍ଜନ ଦାସଙ୍କ ଝିଅ ସସ୍ମିତାକୁ ବୈଦିକ ରୀତି ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଉଭୟ ପରିବାର ସହମତିରେ ହିମାଂଶୁ ଓ ଝିଅ ସସ୍ମିତାଙ୍କୁ ବାପଘର ପକ୍ଷରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା ସହିତ ୨ ଲକ୍ଷ ଟଙ୍କା ଯୌତୁକ ପ୍ରଦାନ କରାଯାଇଥିଲା। ହିମାଂଶୁ ରେଳ ବିଭାଗରେ ଗେଟ୍‌କିପର୍ ଭାବେ କାର୍ଯ୍ୟ କରନ୍ତି। ବିବାହ ପରେ ଉଭୟ ଖୁସିରେ ରହୁଥିଲେ ମଧ୍ୟ ମତାନ୍ତର ଓ ମନାନ୍ତର ଲାଗି ରହୁଥିଲା। ଏହା ସାଙ୍ଗକୁ ସସ୍ମିତାଙ୍କ ଶ୍ୱଶୁରଘର ଲୋକ ଅଧିକ ଯୌତୁକ ଦାବିରେ କଷଣ ଦେଉଥିଲେ। ଆଜି ହିମାଂଶୁ ଭୋଜି ଖାଇବାକୁ ବାଗୁଡ଼ିକୁ ଯାଇଥିଲେ। ସେହି ଘଟଣାକୁ ନେଇ ହିମାଂଶୁ ଓ ସସ୍ମିତା ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ପରେ ସସ୍ମିତା ଶ୍ୱଶୁର ଘର ତୁଣ୍ଡୁପଡ଼ାରେ ଶୋଇବା ଘରେ ଫ୍ୟାନ୍‌ରେ ଏପ୍ରିନ ଲଗାଇ ଝୁଲିପଡ଼ିଥିବା ନେଇ ହିମାଂଶୁ ଶ୍ୱଶୁର ଘରକୁ ଫୋନ କରି ଖବର ଦେଇଥିଲେ। ସସ୍ମିତାର ଶବ ସୋର ଡାକ୍ତରଖାନାରେ ରହିଛି। ମୃତ ସସ୍ମିତାଙ୍କ ବାପଘର ଲୋକ ଡାକ୍ତରଖାନାରେ ପହଞ୍ଚି ଦେଖିବା ସହିତ ଆମ ଝିଅକୁ ପରିବାର ଲୋକମାନେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣା ବାବଦରେ ତଦନ୍ତ ଜାରି ରଖିଛି।

# ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଲେ ରାଜସ୍ୱ ଅମଲା କର୍ମଚାରୀ

**ବାଲେଶ୍ୱର,୯।୮/ଏନ୍‌ଏନ୍‌ଏସ୍:** ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଜିଲ୍ଲାର ରାଜସ୍ୱ ଅମଲା କର୍ମଚାରୀ। ଏଥିସହ ସମସ୍ତ କର୍ମଚାରୀ ସାମୁହିକ ଛୁଟିରେ ରହିବେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ରାଜସ୍ୱ ଅମଲା କର୍ମଚାରୀମାନେ ତାଙ୍କର ବହୁ ପ୍ରତୀକ୍ଷିତ ୧୦ ଦଫା ଦାବିଗୁଡିକ ପୂରଣ ପାଇଁ ବହୁବାର ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। କିନ୍ତୁ ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବାର ଜିଲ୍ଲା ଅମଲା ସଂଘର ସଭାପତି ରୁପକ କୁମାର ଦାସ, ସମ୍ପାଦକ ସ୍ୱସ୍ତିକ ଦାସ ପ୍ରମୁଖ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଯେତେ ପର୍ଯ୍ୟନ୍ତ ସରକାର ଦାବିଗୁଡିକ ପୂରଣ କରି ନୋଟିଫିକେସନ ବାହାର କରି ନଥିବେ, ସେ ସମୟ ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ଏବଂ ଜନ ସାଧାରଣଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଉଭୟ ଚେତାବନୀ ଦେଇ ଅଛନ୍ତି।

ଉଲ୍ଲେଖଯୋଗ୍ୟ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ଗୁହାରି କରିବା ପରେ ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ରାଜ୍ୟ ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଫଳସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲାମାନଙ୍କ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବାର ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏ ଯାବତ୍ ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡିକୁ ପୂରଣ କରିବା ତ ଦୂରର କଥା ସେମାନଙ୍କର ପଦୋନ୍ନତିକୁ କୁଠାରଘାତ କରି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ତାଙ୍କର ପଦବି ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପ୍ରମୋଶନକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ କେତେକ ଅବସର ନେଇ ଗଲେଣି। ଅଥଚ ତାଙ୍କର ନ୍ୟାର୍ଯ୍ୟ ପ୍ରାପ୍ତିରୁ ତାଙ୍କୁ ବଞ୍ଚିତ କରାଯାଉଛି। ସେମାନେ କାର୍ଯ୍ୟ ଦକ୍ଷତାସମ୍ପନ୍ନ ଥାଇ ତୃଣମୂଳ ସ୍ତରରେ ସରକାରଙ୍କ ବ୍ୟାପକ ଯୋଜନାଗୁଡ଼ିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି। ସେମାନଙ୍କର ଦାବି ଗୁଡିକ ମଧ୍ୟ ରେ ପ୍ରମୁଖ ଦାବିଗୁଡିକ ହେଲା, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ୍-୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା ୮୮୯୮ ତାରିଖ- ୧୫-୦୩-୨୪ ଅନୁଯାୟୀ ତଥା ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା,ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନା ରେ ଅନ୍ତର୍ଭୁକ୍ତ କରାଯିବା ପ୍ରଭୃତି।

# ମନ୍ଦିରରୁ ଚୋରି ଘଟଣାରେ ଜଣେ ଗିରଫ

**ଧାମନଗର,୯।୮/ଏନ୍‌ଏନ୍‌ଏସ୍:** ଧାମନଗର ଥାନା ଆନନ୍ଦପୁର, ସେଣ୍ଡପୁର, ବେଦପୁର, ଖଡ଼ିପଦା ଓ ଭଣ୍ଡାରିପୋଖରୀରେ କେତେକ ସ୍ଥାନରେ ମନ୍ଦିରରୁ ଚୋରି ହୋଇଥିବାବେଳେ ଧାମନଗର ଥାନା ଅଧିକାରୀ ଗୋପାଳ ଜେନା ଓ ଭଣ୍ଡାରି ପୋଖରୀ ଥାନା ଅଧିକାରୀ କମଳା କାନ୍ତ ଦାସ ଚଡ଼ଉ କରି ୩ ଜଣଙ୍କୁ ଗିରଫ କରିଛନ୍ତି। ଏ ନେଇ ଧାମନଗର ଥାନାରେ କେସ ନଂ-୨୮୨/୨୫ ମାମଲା ରୁଜୁ ହୋଇଛି। ମାତ୍ର ଅଭିଯୁକ୍ତମାନଙ୍କଠାରୁ ଅଧିକ ତଥ୍ୟ ଆଦାୟ ପାଇଁ ନାମ ଗୁପ୍ତ ରଖାଯାଇଛି। ଅପର ପକ୍ଷରେ ବ୍ୟାଟେରୀ ଚୋରି ଘଟଣାରେ ମିର ସବିର ଓ ସେକ କଲିମଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ମାତ୍ର ମନ୍ଦିର ଚୋରି ଘଟଣାରେ ବିପୁଳ ପୂଜା ସାମଗ୍ରୀ ସହିତ ପିତଳ ସାମଗ୍ରୀ ପୁଲିସ ଜବତ କରିଥିବା ବେଳେ ସାମ୍ବାଦିକ ସମ୍ମିଳନୀ କରି ତଥ୍ୟ ଓ ଚୋରି ସାମଗ୍ରୀ ତଥ୍ୟ ଦିଆଯିବ ବୋଲି ତଦନ୍ତ କରୁଥିବା ଭଣ୍ଡାରିପୋଖରୀ ଥାନା ଅଧିକାରି କମଳାକାନ୍ତ ଦାଶ କହିଥିଲେ। ହେଲେ ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶ୍ରୀ ଦାସ ସାମ୍ବାଦିକଙ୍କୁ କୌଣସି ସୂଚନା ନ ଦେଇ ଭଣ୍ଡାରିପୋଖରୀ ପଳାଇଥିଲେ। ଏ ଦିଗରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ କୁହା ଯାଇଥିଲା ସୂଚନା ଦେବା ପାଇଁ। ତେବେ ଥାନା ଅଧିକାରୀ ସୂଚନା ନ ଦେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# 'ଭାଇ ପରି ଗଛଟିଏ, ତା' ପାଇଁ ରାକ୍ଷୀଟିଏ' କାର୍ଯ୍ୟକ୍ରମ

**ବାରିପଦା,କପ୍ତିପଦା,୯।୮/ଏନ୍‌ଏନ୍‌ଏସ୍:** ଗଛ ଆମର ଭାଇ, ଭାଇ ଯେପରି ଭଉଣୀର ସୁରକ୍ଷା କରେ ଠିକ୍ ସେମିତି ଗଛଟିଏ ବି ଜଣେ ଭାଇଠାରୁ କମ୍ ନୁହେଁ। ଭାଇ ପରି ପ୍ରତ୍ୟେକ ସମୟରେ ଆମ ପାଖରେ ଛିଡା ହେଇ ଆମକୁ ସୁରକ୍ଷା ପ୍ରଦାନ କରେ। ଆମକୁ ବଞ୍ଚିବା ପାଇ ଅମ୍ଳଜାନ ଦେବା ସହ ବିଷାକ୍ତ ଅଙ୍ଗାରକାମ୍ଳକୁ ଗ୍ରହଣ କରେ। ଗଛଟିଏ ତାର ସାରା ଜୀବନ କେବଳ ଦେଇ ଆସିଛି, କେବେ କାହାକୁ କିଛି ମାଗିନି। କେତେବେଳେ ଫୁଲଟିଏ ଦିଏ ଦେବତାଙ୍କ ପାଖରେ ଲାଗେ ତ କେତେବେଳେ ତାର ଫଳକୁ ଖାଇ ଜୀବଜଗତ ଜୀବିତ ରହେ ଆଉ କେତେବେଳେ ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣକୁ ତା' ପିଠିରେ ନେଇ ଆମକୁ ଛାଇ ପ୍ରଦାନ କରେ। ଏହି କଥାକୁ ପ୍ରସାର କରିବା ପାଇଁ କପ୍ତିପଦା ବନାଞ୍ଚଳ ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ- ୨ ଅନ୍ତର୍ଗତ ବିଭିନ୍ନ ବନସୁରକ୍ଷା ସମିତିର ଆନିମେଟର୍‌ମାନଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଭାଇ ପରି ଗଛଟିଏ ତା' ପାଇଁ ରାକ୍ଷୀଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷଙ୍କୁ ରାକ୍ଷୀ ବାନ୍ଧିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ବିତରଣ ପ୍ରକ୍ରିୟାକୁ ସହଜ ଓ ସରଳ କରିବାକୁ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ




**ବାଲେଶ୍ୱର,୯।୮/ଏନ୍‌ଏନ୍‌ଏସ୍:** ବିତରଣ ପ୍ରକ୍ରିୟାକୁ ସହଜ ଓ ସରଳ କରିବାକୁ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଏବଂ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଟିପିଏନଓଡ଼ିଏଲ ଯୋଜନା କରୁଛି ବୋଲି ଏକ ପ୍ରେସବାର୍ତ୍ତାରେ କୁହାଯାଇଛି।

ଖବର ମୁତାବକ କୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮/ ୧୯୧୨ ସୁବିଧା କରାଯିବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି। ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ ପଇଠ କରିବାର ସୁବିଧା ପାଉଛନ୍ତି। ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯.୩୦ ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକ୍ସନ, ସବ-ଡିଭିଜନ୍ ଓ ଡିଭିଜନ ଅଫିସରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି। ସେହିପରି ବିଦ୍ୟୁତ ବିଲ ପଇଠ ପ୍ରକ୍ରିୟାକୁ ସହଜ କରିବା ପାଇଁ ଟିପିଏନଓଡିଏଲର ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ ଗ୍ରହଣ କରୁଥିବାବେଳେ ସ୍ୱାଇସ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଏସବିଆଇ କଷ୍ଟମର ଟଚ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ ପାଇଁ ସୁବିଧା ଉପଲବ୍ଧ କରିଛି। ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ 'ମାଇଁ ଟାଟା ପାୱାର ଆପ'କୁ ବ୍ୟବହାର କରିବାକୁ ଟିପିଏନଓଡିଏଲ ନିଜର ଉପଭୋକ୍ତାମାନଙ୍କୁ ପରାମର୍ଶ ଦେଇଛି। ଅପରପକ୍ଷେ ସଚେତନତାକୁ ଗୁରୁତ୍ୱ ଦେଇ ଟିପିଏନଓଡିଏଲ୍ ପକ୍ଷରୁ 'ଡିଜିଟାଲ୍ ଦିବସ' ପାଳିତ ହୋଇଯାଇଛି। ବିଦ୍ୟୁତ୍ ସେବା କ୍ଷେତ୍ରରେ ଡିଜିଟାଲ୍ ମାଧ୍ୟମଗୁଡ଼ିକୁ ପ୍ରୋତ୍ସାହନ ଦେବା ଓ ଉପଭୋକ୍ତା ତଥା କର୍ମଚାରୀଙ୍କ ମଧ୍ୟରେ ଏ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଡିଜିଟାଲ ମାସ' ମଧ୍ୟ ପାଳିତ ହୋଇଥିଲା। ଏହି ଅବସରରେ କମ୍ପାନୀର ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ଉଲ୍ଲେଖ କରି ସିଇଓ ଗଜାନନ କାଲେ କହିଥିଲେ ଯେ, ଉପଭୋକ୍ତାଙ୍କୁ ଏକ ଆଧୁନିକ, ସହଜ ତଥା ସୁବିଧାଜନକ ବି ଦ୍ୟୁତ୍ ସେବା ବିତରଣ ପାଇଁ ଟିପିଏନଓଡ଼ିଏଲ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଉପଭୋକ୍ତାଙ୍କ ପାଖରେ ବିଦ୍ୟୁତ୍ ସେବା ସମ୍ପର୍କିତ ସବୁ ସୁବିଧା ହାତ ପାଆନ୍ତାରେ ପହଞ୍ଚାଇବା ପାଇଁ ଟିପିଏନଓଡ଼ିଏଲ ପ୍ରତିଶ୍ରୁତିବଦ୍ଧ ଏବଂ ଏଥି ଲାଗି କାର୍ଯ୍ୟ ଜାରି ରଖିଛି ବୋଲି ସେ ଦର୍ଶାଇଥିଲେ। ଡିଜିଟାଲ୍ ମାସରେ ଆଭ୍ୟନ୍ତରୀଣ ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ୀକରଣ ଉଦ୍ଦେଶ୍ୟରେ ଟିପିଏନଓଡିଏଲ୍ କର୍ମଚାରୀଙ୍କ ପାଇଁ ଜ୍ଞାନ-ବିନିମୟ କର୍ମଶାଳା ଆୟୋଜନ ସହ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜନ କରିଥିଲା।

# ମେହେର ସାହିତ୍ୟରେ ବିଚାର ଓ ବିବେକର ସ୍ୱର



ଡ. ସୁଶୀଳ କୁମାର ବାଗ୍

**ବିଚାର ଓ ବିବେକର ସ୍ପନ୍ଦନ ମଣିଷର ଆତ୍ମାକୁ ବିକଶିତ କରେ ନିରନ୍ତର। ମନ ଓ ହୃଦୟକୁ କରେ ସ୍ୱଚ୍ଛ ଓ ନିର୍ମଳ। ବାସ୍ତବିକ ଯେଉଁ ମଣିଷର ବିବେକ ନଥାଏ ତା'ର ଜୀବନ ବଞ୍ôବା ହେଉଛି ଅସାର ଓ ଅର୍ଥହୀନ। ଏକଦା ଡେନ୍‌ମାର୍କର ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ସୋରେନ୍ କିର୍‌କେଗାର୍ଡ କହିଥିଲେ 'ବିବେକବିହୀନ ମଣିଷ ହେଉଛି ପୋଲା ବାଦାମ ପରି।' ମଣିଷ ଯେ ଅନ୍ୟ ଇତର ଜୀବଙ୍କଠାରୁ ଭିନ୍ନ ଏକଥା ପ୍ରମାଣିତ ହୋଇଯାଏ ତା'ର ବିଚାର ଶକ୍ତି ଦ୍ୱାରା। ବିଚାର ଓ ବିବେଚନା କରିବାର ସାମର୍ଥ୍ୟ ଯାହାର ନଥାଏ ତା'ଭିତରେ ପ୍ରକୃତ ମନୁଷ୍ୟତ୍ୱର ଉଦୟ ହୋଇଛି ବୋଲି କୁହାଯାଇ ନପାରେ। ପୃଥିବୀର ପ୍ରତ୍ୟେକ ସାହିତ୍ୟ ସ୍ରଷ୍ଟା ମର୍ମେମର୍ମେ ଉପଲବ୍ଧି କରିଛନ୍ତି ଯେ ଏଇ ବିଚାରଶକ୍ତିର ମୂଲ୍ୟ କେତେ ଅମାପ। ଏହାରି ବଳରେ ହିଁ ମଣିଷ ଯେ ବିବର୍ତ୍ତନଶୀଳ ଏକଥା ପ୍ରମାଣିତ ହୋଇଆସିଛି ପ୍ରତିଟି ଯୁଗରେ।**

ସ୍ୱଭାବକବି ଗଙ୍ଗାଧର ମେହେର ଜଣେ ମାନବବାଦୀ କବି। ବିଚାରବନ୍ତ ଓ ବିବେକବାନ ସାହିତ୍ୟ ସ୍ରଷ୍ଟା। ତେଣୁ ତାଙ୍କ କୃତିଗୁଡ଼ିକରେ ବିଚାର ଓ ବିବେକର ସ୍ୱର ଅତ୍ୟନ୍ତ ସ୍ପଷ୍ଟ ଓ ତେଜୋଦୀପ୍ତ। ବିଚାରବନ୍ତ ଲୋକଙ୍କ ପ୍ରତି ଗଭୀର ସମ୍ମାନ ପ୍ରକଟ ହୋଇଛି ଗଙ୍ଗାଧର ସାହିତ୍ୟରେ। ଭଲ ମନ ଚିହ୍ନିବାର ଶକ୍ତି ନଥିଲେ ମଣିଷକୁ - ମଣିଷ ବୋଲି କୁହାଯାଇପାରିବ ନାହିଁ। ଗଙ୍ଗାଧର ତାଙ୍କ କାବ୍ୟରେ ବର୍ଣ୍ଣିତ ନାୟକନାୟିକାମାନଙ୍କୁ ସେଥିପାଇଁ ବିଚାରବନ୍ତ କରି ତୋଳିଛନ୍ତି। 'ତପସ୍ୱିନୀ' କାବ୍ୟରେ 'ରାମଚନ୍ଦ୍ର' ହେଉଛନ୍ତି ବିଚାରଶୀଳତାର ଏକ ମୂର୍ତ୍ତିମନ୍ତ ବିଗ୍ରହ। ଏହି କାବ୍ୟର ତୃତୀୟ ସର୍ଗରେ ପ୍ରେମିକ ରାମଚନ୍ଦ୍ର ଓ ରାଜା ରାମଚନ୍ଦ୍ରଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ହୋଇଛି ଓ ରାମଚନ୍ଦ୍ର ଯେପରି ସୀତାଙ୍କ ପ୍ରତି ତାଙ୍କ ପ୍ରେମର ପରିଚୟ ଦେବା ସଙ୍ଗେସଙ୍ଗେ ପ୍ରଜାବତ୍ସଳତାର ଦୃଢ଼ ପରିଚୟ ପ୍ରଦାନ କରିଛନ୍ତି ତାହା ତାଙ୍କ ବିଚାରବୁଦ୍ଧିର ପରିପକ୍ୱତାକୁ ପ୍ରମାଣିତ କରିଦେଇଛି। ରାମଚନ୍ଦ୍ର ଅନୁଭବ କରିଛନ୍ତି:

**ହୃଦପଦ୍ମେ ଜ୍ୱଳେ ବିଦ୍ୟୁତ୍-ଅନଳେ**
**ଜଳଦାନେ ଘନ ବାଧ୍ୟ, ସୁଖତେଜି ରାଜା**
**ତୋଷିବ ପରଜା ତେବେ ତ ପରମାରାଧ୍ୟ। (ତପସ୍ୱିନୀ)**

ହୃଦୟ ଶତଧା ବିଦୀର୍ଣ୍ଣ ହେଉଥିଲେ ମଧ୍ୟ ନିଜ କର୍ତ୍ତବ୍ୟ ପାଳନରେ ଯିଏ ନିଷ୍ପାପର ସିଏ ହିଁ ବାସ୍ତବରେ ବିଚାରବନ୍ତ। ଗଙ୍ଗାଧର ସାହିତ୍ୟରେ ଏଇଭଳି ପରିପକ୍ୱ ବିଚାରର ସ୍ଥାନ ଅତି ଉଚ୍ଚରେ। ସମସ୍ତେ ନିଜନିଜ କର୍ମ ଏପୃଥିବୀରେ କରିଯାଆନ୍ତି। ଏ ପୃଥିବୀ ଏକ ରଙ୍ଗମଞ୍ଚ ପରି। ଯାହାର ଅଭିନୟ ସରିଯାଏ ସେ ଅନ୍ତର୍ହିତ ହୁଏ ଏଇ ଜଗତରୁ। କବିବର ରାଧାନାଥ ରାୟ ସେଥିପାଇଁ ଲେଖିଥିଲେ: 'କେହି ରହିନାହିଁ ରହିବ ନାହିଁଟି/ ଭବ-ରଙ୍ଗ-ଭୂମି ତଳେ ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ।' (ପାର୍ବତୀ) କିନ୍ତୁ ଗଙ୍ଗାଧର ରାଧାନାଥଙ୍କଠାରୁ ଆହୁରି ଊର୍ଦ୍ଧ୍ୱକୁ ଯାଇ କହିଛନ୍ତି:

**କେ ରହିଛି ଭବେ ବାସ୍ତବ ବିଭବେ**
**ସୁବର୍ଣ୍ଣ-ମୁକୁଟ ବାନ୍ଧି ? ଯଶ ଅପଯଶ ବୋହି କାଳବଶ**
**ହୁଅନ୍ତି ତା ପ୍ରତିବାଦୀ। (ତପସ୍ୱିନୀ)**

ସମସ୍ତେ ତ ସଂସାରରୁ ଯାଆନ୍ତି ସତ। କିନ୍ତୁ ମଣିଷ ଏପୃଥିବୀରେ ଯେଉଁ ଆଚରଣ ପ୍ରଦର୍ଶନ କରିଥାଏ, ଯେଉଁ ବାକ୍ୟ ଉଚ୍ଚାରଣ କରିଥାଏ; ଯେଉଁ ଯଶ ବା ଅପଯଶ ଅର୍ଜନ କରିଥାଏ ତାହା କେବେହେଲେ ଲିଭିଯାଏନା। ଗଙ୍ଗାଧର ରାଧାନାଥଙ୍କଠାରୁ ଆଉ ପାଦେ ଆଗକୁ ଯାଇଛନ୍ତି ସତ; ତେବେ ଏହା ରାଧାନାଥଙ୍କ ପ୍ରତି ତାଙ୍କର ଆସ୍ପର୍ଦ୍ଧା ନୁହେଁ। କବିଗୁରୁ ରାଧାନାଥଙ୍କ ପ୍ରତି ଗଙ୍ଗାଧରଙ୍କ ଥିଲା ଗଭୀର ଭକ୍ତି ଓ ସମ୍ମାନ। ତେବେ ଗଙ୍ଗାଧର ଜଗତ କଲ୍ୟାଣ ପାଇଁ, ମଣିଷ ଜାତିର ହିତ ନିମନ୍ତେ ତଥା ଜୀବନର ଚରମ ସତ୍ୟକୁ ଉଦ୍‌ଘାଟନ କରିବା ପାଇଁ ଏଭଳି ଏକ କଥା କହିଛନ୍ତି।

ମନୁଷ୍ୟର ଆୟୁଷ ଅଳ୍ପ। କିନ୍ତୁ ମହନୀୟ ବିଚାର ଅମର ଓ ଚିରକାଳ ତେଜୋଦୀପ୍ତ। ଯେଉଁ ମହାପୁରୁଷମାନେ ଆଜି ପୂଜନୀୟ ହୋଇ ସାରା ପୃଥିବୀରେ ରହିଛନ୍ତି, ସେମାନେ ତାଙ୍କର ମହାନ୍ ବିଚାରଧାରା ପାଇଁ ହିଁ ପ୍ରତି ମୁହୂର୍ତ୍ତରେ ଚିର ଆରାଧ୍ୟ ହୋଇ ରହିଥିବେ - ଏଥିରେ ସନ୍ଦେହ ନାହିଁ। ଦୁଃଖରେ ଭାରାକ୍ରାନ୍ତ ମନ ଓ ହୃଦୟ ଏଇ ବିଚାର ବଳରେ ହିଁ ଶାନ୍ତ ଓ ସ୍ଥିତ ହୋଇ ରହିପାରେ। ସେଥିପାଇଁ 'ତପସ୍ୱିନୀ' କାବ୍ୟରେ ନିର୍ବାସିତା ସୀତାଙ୍କ ଭିତରେ ମଧ୍ୟ ଏଇ ବିବେକର ବୀଜପବନ କରିଛନ୍ତି ଗଙ୍ଗାଧର। ତାଙ୍କୁ ଆତ୍ମ ନିରୀକ୍ଷା କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି। ଦୁଃଖରେ, କ୍ରନ୍ଦନରେ କେବଳ ଭାସି ନଯାଇ ସେ କେଉଁ କାରଣରୁ ଏଭଳି ଅବସ୍ଥାରେ ଆସି ଉପନୀତ ହୋଇଛନ୍ତି ତାହା ହିଁ ଚିନ୍ତା କରିଛନ୍ତି। ନିଜ ହୃଦୟକୁ ବିଷାକ୍ତ କରିବାକୁ ଦେଇନାହାନ୍ତି ସେ। ରାମଚନ୍ଦ୍ରଙ୍କ ଉପରେ ଦୋଷାରୋପ ନକରି ନିଜର ଭୁଲ୍‌କୁ ଅନ୍ୱେଷଣ କରିଛନ୍ତି ଓ ସକଳ ଦୁର୍ଦ୍ଦଶା ମଧ୍ୟରେ କଲ୍ୟାଣମୟୀ ହୋଇ ହିଁ ରହିଛନ୍ତି ଅନ୍ତିମ କାଳ ପର୍ଯ୍ୟନ୍ତ। ରଘୁବଂଶର ଶୁଭ ମନାସିବାରେ ହିଁ ଅତିବାହିତ ହୋଇଛି ଜୀବନ ତାଙ୍କର। ସେଇପରି 'ପ୍ରଣୟବଲ୍ଲରୀ' କାବ୍ୟରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ଚରିତ୍ରରେ ବିଚାରର ଆଲୋକ ଫୁଟି ଉଠିଛି। ଶକୁନ୍ତଳାଙ୍କୁ ତ ପ୍ରଥମେ ଦୁଷ୍ମନ୍ତ ପ୍ରତ୍ୟାଖ୍ୟାନ କରିଦେଲେ। ଦୁର୍ବାଶା ଋଷିଙ୍କ ଅଭିଶାପ ବଳରେ ଏପରି ଦୁର୍ଘଟଣା ଘଟିଥିଲା। କିନ୍ତୁ ନିଜ ନାମାଙ୍କିତ ମୁଦ୍ରା ଧୀବରଠାରୁ ପାଇଲା ପରେ ଦୁଷ୍ମନ୍ତଙ୍କ ଭିତରେ ଚେତନାର ଉଦୟ ହୋଇଯାଇଛି। ସ୍ମୃତି ଶକ୍ତି ଫେରି ପାଇଛନ୍ତି ସେ। ସେତେବେଳେ ତାଙ୍କ ଭିତରେ ବିବେକ ହିଁ କହିଛି:

**ଯେଉଁ ରାଜା ଯେଉଁ ଦୋଷେ ଲିପ୍ତ ଥାଇ**
**ପରକୁ ଦଣ୍ଡେ ସେ ଦୋଷେ,**
**ଧର୍ମରାଜ ତାକୁ ତହୁଁ ଶତଗୁଣ**
**ଦଣ୍ଡ ଦେଇଥାନ୍ତି ରୋଷେ। (ପ୍ରଣୟବଲ୍ଲରୀ)**

ମହର୍ଷି କଣ୍ୱ ଶକୁନ୍ତଳାଙ୍କ ସହ ଦୁଷ୍ମନ୍ତଙ୍କ ଗାନ୍ଧର୍ବ ରୀତିରେ ବିବାହ ହୋଇଯାଇଥିବା ଜାଣି ଯେପରି ସାଧାରଣ ଅଭିଭାବକଙ୍କ ପରି ବିଚାର ଭ୍ରଷ୍ଟ ନହୋଇ ଉଚ୍ଚ ବିବେକୀତାର ପରିଚୟ ଦେଇଛନ୍ତି। ଶ୍ୱଶୁରାଳୟ ଗମନ ବେଳେ ସେ ଶକୁନ୍ତଳାକୁ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି ତାହା ତାଙ୍କ ଉଚ୍ଚ ଆଦର୍ଶ ବିଚାରର ପ୍ରତିଫଳନ। ପ୍ରେମଶିଳା ଶକୁନ୍ତଳାଙ୍କୁ ସେ ବିବେକଶୀଳ ହେବା ପାଇଁ ଯେଉଁ ପ୍ରେରଣା ପ୍ରଦାନ କରିଛନ୍ତି ତାହା ଅନବଦ୍ୟ।


'ତପସ୍ୱିନୀ', 'ପ୍ରଣୟବଲ୍ଲରୀ' ବ୍ୟତୀତ ଅନ୍ୟାନ୍ୟ କାବ୍ୟରେ ମଧ୍ୟ ଏଇ ବିଚାରର ମହକ ଆଘ୍ରାଣ କରିହୁଏ। ତେବେ ଏଇ ଦୁଇ କାବ୍ୟରେ ଏହି ଭାବର ସ୍ଫୁରଣ ଅତି ଶକ୍ତିଶାଳୀ। 'ଇନ୍ଦୁମତୀ' କାବ୍ୟରେ 'ଇନ୍ଦୁମତୀ'ଙ୍କ ବିୟୋଗ ପରେ 'ଅଜ' ଦୁଃଖରେ ମୁହ୍ୟମାନ ହୋଇପଡ଼ିଛନ୍ତି। ଋଷି ବଶିଷ୍ଠଙ୍କ ଶିଷ୍ୟ ଯେଉଁ ବିଚାର ତାଙ୍କ ଆଗରେ ଉପସ୍ଥାପନ କରିଛନ୍ତି ସେଇ ଦର୍ଶନ ପ୍ରେମିକ ଅଜଙ୍କୁ ସ୍ପର୍ଶ କରିନାହିଁ ଆଦୌ। ତାହା ଗଙ୍ଗାଧରଙ୍କ ପ୍ରଥମ ପ୍ରକାଶିତ କାବ୍ୟ। କିନ୍ତୁ ପରବର୍ତ୍ତୀ କାବ୍ୟ ରଚନାରେ ଗଙ୍ଗାଧରଙ୍କ ଚରିତ୍ରମାନେ ବିଚାରଶୀଳ ହୋଇ ଉଠିଛନ୍ତି। ସେଥିପାଇଁ ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟରେ ନବ ପ୍ରେରଣା ତାଙ୍କ ଅନ୍ତରରୁ ସ୍ଫୁରିତ।

ଗଙ୍ଗାଧରଙ୍କ କବିତାଗୁଡ଼ିକରେ ମଧ୍ୟ ଏଇ ବିବେକ ଓ ବିଚାରର ସ୍ୱର ବେଶ ବଳିଷ୍ଠ ଭାବେ ପ୍ରସ୍ଫୁଟିତ। ତାଙ୍କ ରଚିତ 'ତାକୁ ମଧ୍ୟ ବୋଲି ଥାନ୍ତି ଧର୍ମ ଅବତାର', 'ଖଦ୍ୟୋତର ଖେଦ', 'ମାତୃଭୂମି', 'ଈଶ୍ୱର ଦ୍ରୋହୀ' ପ୍ରଭୃତି କବିତାରେ ବିଚାର ଓ ବିବେକର ସ୍ୱର ଅତ୍ୟନ୍ତ ମାର୍ମିକ ଭାବେ ପ୍ରସ୍ଫୁଟିତ। ସମସ୍ତ ସଂସାରକୁ ଏକ ମନେ କରୁଥିବା ମଣିଷ ହିଁ ପ୍ରକୃତରେ ମାତୃଭୂମିର ଯଥାର୍ଥ ପୂଜକ। ଗଙ୍ଗାଧର ତାଙ୍କ 'ମାତୃଭୂମି' କବିତାରେ ତେଣୁ ଉଲ୍ଲେଖ କରିଛନ୍ତି:

**ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ ଜନକ ଜଗତି ପତି,**
**ସହୋଦର ଜ୍ଞାନ କରେ ଅବନୀର**
**ମାନବ ସମାଜ ପ୍ରତି। (ମାତୃଭୂମି)**

ଯିଏ ଯେତେ ଲୋକଙ୍କର ଉପକାର କରିପାରେ ଏଇ ବିଶ୍ୱଗୃହରେ ସେ ବିଶ୍ୱପତିଙ୍କ ଉପଯୁକ୍ତ ଯୋଗ୍ୟ କୁମର ହୋଇପାରେ ବୋଲି ଗଙ୍ଗାଧରଙ୍କ ବିଶ୍ୱାସ ପ୍ରକଟିତ ହୋଇଛି।

ସେଭଳି 'ଶିକ୍ଷିତ ଅଶିକ୍ଷିତ ଓ ଶିକ୍ଷାଭିମାନୀ' ଶୀର୍ଷକ ପ୍ରବନ୍ଧରେ ମଧ୍ୟ ଶିକ୍ଷିତ ବ୍ୟକ୍ତିଙ୍କର ଯେଉଁ ଗୁଣ ସେ ବ୍ୟାଖ୍ୟାନ



କରିଛନ୍ତି। ତାହା ବିବେକୀ ମଣିଷର ପରିଚୟ ହିଁ ବହନ କରେ। ସ୍ୱଭାବକବି ଗଙ୍ଗାଧର ବାସ୍ତବ ଜୀବନରେ ନିଜେ ଜଣେ ବିଚାରବନ୍ତ ବ୍ୟକ୍ତି ଥିଲେ, ତେଣୁ ନିଜ କାବ୍ୟକବିତାରେ ସେ ମଣିଷ ହୃଦୟର ବିଚାର ଓ ବିବେକର ଆହ୍ୱାନକୁ ଠିକ୍ ଭାବେ ରୂପାୟିତ କରିପାରିଛନ୍ତି।

ବିଚାର ଗଭୀର ହେଲେ ବିବେକ ଉଜ୍ଜ୍ୱଳ ହୋଇ ଉଠିଲେ। ମଣିଷର ହୃଦୟ ପ୍ରସାରିତ ହୋଇଯାଏ। ଗଙ୍ଗାଧରଙ୍କ ହୃଦୟରେ ଏଇ ବିଚାର ଶକ୍ତି ଦୀପ୍ତିମନ୍ତ ହୋଇଉଠିଥିଲା। 'ଈଶ୍ୱର ଦ୍ରୋହୀ' କବିତାରେ କବି ଗଙ୍ଗାଧର କହିଛନ୍ତି;

**ବିବେକ ଯେ ଲଭିଥାଏ ସେ ଏକା ମାନବ,**
**ବିବେକବିହୀନ ଜ୍ଞାନ କରଇ ଦାନବ। (ଈଶ୍ୱର ଦ୍ରୋହୀ)**

ବିବେକ ଲାଭ କରିଥିବା ମାନବକୁ ମର୍ଯ୍ୟାଦା ଦେବା ସତ୍ କବିର ଲକ୍ଷ୍ୟ। ମାନବିକତାର ପୂଜାରୀ ସ୍ୱଭାବକବି ଗଙ୍ଗାଧର ମେହେର ଜ୍ଞାନର ଊର୍ଦ୍ଧ୍ୱରେ ଥିବା ବିବେକବନ୍ତ ମଣିଷକୁ ସେହି ମର୍ଯ୍ୟାଦା ଅର୍ପଣ କରିଛନ୍ତି। ଆଉ ବିଚାରଶୀଳ ଓ ବିବେକବାନ ଚରିତ୍ରର ମହନୀୟତାକୁ ତାଙ୍କ କାବ୍ୟକବିତାରେ ପ୍ରସ୍ଫୁଟିତ କରିଛନ୍ତି। ପ୍ରକୃତରେ ସତ୍ କବି, ଲେଖକ ମଣିଷ ହୃଦୟର ମହନୀୟ ଉପଲବ୍ଧିକୁ ଲିପିବଦ୍ଧ କରିବା ପାଇଁ ପ୍ରୟାସ କରିଆସିଛନ୍ତି ଯୁଗେଯୁଗେ।

**ପ୍ଲଟ୍ ନଂ: ୨୮୬, ସେକ୍ଟର-୫**
**ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧,**
**ମୋ:୯୪୩୭୨୬୩୮୨୬**

## କୁଆଡ଼େ ଗଲେ ସେମାନେ !



ଅମରେନ୍ଦ୍ର ମାଧବ ଦାଶ

ଯେଉଁମାନେ ବାହାରି ଥିଲେ
ରାତି ଦଖଲରେ
କୁଆଡ଼େ ଗଲେ ସେମାନେ.. ?

ରାଜଧାନୀର ଛାତିଉପରେ ଦିନେ
ଉଡ଼ାଇବାକୁ ବିଜୟଜୈତ୍ର
ହାତରେ ଧରିଥିଲେ ଧାପେ ନିଆଁ
ଓଠରେ ମନ୍ତ୍ରିତ କରିଥିଲେ
ସମ୍ମୋହନ କଳାଭଳି କିଛି ଶବ୍ଦ
ସମୟ ଦାଢ଼ରୁ ଖସାଇ ଆଣିବାକୁ
କୌଶଳରେ ନିଜ ନିଜର ମୁକ୍ତି
ରାତି ଅନ୍ଧାରରୁ ଟେକି ଆଣିଥିଲେ
ନିଜ ପାଇଁ କିଛି ଚିକ୍‌ମିକ୍ ଆଲୁଅ...

ସେମାନଙ୍କ ଆଖି ଉପକୂଳରୁ
ବହିପଡୁଥିଲା ଥପ୍‌ଥପ୍ ଲୁହ
ଲୁହ ନୁହେଁ ତ ତାଜା, ତଟକା ରକ୍ତ,
ସେଇ ରକ୍ତରେ ବତୁରି ପଡୁଥିଲା ତାଙ୍କ ଓଢ଼ଣି
ଚିତ୍କାରରେ କମ୍ପୁଥିଲା ଗଗନପବନ
କବିତାର ଧାଡ଼ିରେ ଭାଙ୍ଗି ଚୂରମାର
ହୋଇପଡୁଥିଲା ବିଧିବ୍ୟବସ୍ଥା
ଆଇନକାନୁନ ଉପରେ ଉଠୁଥିଲା
ପ୍ରଶ୍ନ ପରେ ପ୍ରଶ୍ନ...

ସେମାନଙ୍କ ଆପାଦ ମସ୍ତକରେ
ଦୌଡୁଥିଲା ଅଜବ ଶିହରଣ
ଦମ୍ଭ, ଦାମ୍ଭିକତାରେ ଝଟକୁଥିଲା
ଗୋଟିଏ ଗୋଟିଏ ଜାଜ୍ଜ୍ୱଲ୍ୟମାନ ମୁହଁ
ନ୍ୟାୟ, ନିଷ୍ପାପ ଦାବିରେ
ଅଧିକାର ଓ ସମ୍ବିଧାନକୁ ନେଇ
ଦେଉଥିଲେ ବି ଘନଘନ ଆହ୍ୱାନ...

ବେଶ କିଛି ଝଟକିଥିଲେ
ଖବରର ଶିରୋନାମାରେ
ଟେଲିଭିଜନ କ୍ୟାମେରା ସାମ୍ନାରେ
ବ୍ୟବସ୍ଥାର ଅଳିନ୍ଦନିଳୟରେ...

ଦେଶକୁ ମାଗିଥିଲେ କୈଫିୟତ
ସମାଜକୁ କରିଥିଲେ ଉତ୍ତରଦାୟୀ
ପୁରୁଷକୁ ଠିଆକରିଥିଲେ କାଠଗଡ଼ାରେ
ସ୍ଲୋଗାନର ଚାବୁକ ମାଡ଼ରେ ଫଟାଇଥିଲେ ପିଠି
ମାନବିକତାର ମୃତ୍ୟୁକୁ ନେଇ ଲେଖିଥିଲେ
ଚମ ଉତୁରା କବିତାର ଧାଡ଼ି
ଶବ୍ଦରେ ଶବ୍ଦରେ ଫୁଟାଇଥିଲେ ଦିନାକେତେ ବୋମା...

ଏବେ କୁଆଡ଼େ ଗଲେ ସେମାନେ
ଯେଉଁମାନେ ବାହାରିଥିଲେ
କାହା ପାଇଁ ନ୍ୟାୟ ଯାତ୍ରାରେ
ରାତି ଦଖଲରେ
ଘନଘଟାକୁ ଦୂରେଇ ପାଛୋଟି
ଆଣିବେ ବୋଲି ନୂଆ ସୂର୍ଯ୍ୟୋଦୟ... ?
**ମୋ-୯୪୩୭୩୫୯୯୪୫**

## ବର୍ଷା



ବନ୍ଦନା ପଣ୍ଡା


ଝର୍କା ସେପାଖରେ ଅଥୟ ବର୍ଷା
ଟାଣିଆଣୁଛି କାହିଁ କେତେ ଅପସ୍ୟୟମାନ ଇଚ୍ଛା...
ମିଳନର ରାଗ ଉଙ୍କିମାରେ ଝାପସା ଝାପସା ।
ସେ କି ଜାଣେ ପ୍ରେମରେ କ୍ଷତାକ୍ତ ଛାତିରୁ
ବର୍ଷା ଯଦି ଝରେ ରକ୍ତ ହୋଇ ଝରେ !
ସେ ବି କଣ ବୁଝୁଥିବ ଜଳିଯିବା ଜରଜର,
ଝରିଗଲେ ମୁମୂର୍ଷୁ ସ୍ୱପ୍ନଙ୍କ ଅଙ୍ଗପ୍ରତ୍ୟଙ୍ଗରେ!!
ବର୍ଷା କି ବୁଝିପାରେ ରାସ୍ତା କଡେ ଶୋଇଥିବା
ହାଡୁଆ ଭୋକିଲା ଆଖିର ନିଦ !
ପ୍ରଳୟର ରୋମାଞ୍ଚରେ ବନ୍ଦୀ କରି ସମସ୍ତଙ୍କୁ ଭେଟିଦିଏ
ଉପହାର ନାଁରେ ହାହାକାର ଅନ୍ଧକାର
ଶୂନ୍ୟ କାରାଗାର।

ବର୍ଷା କେବେ ଦେଖିଛିକି
ପ୍ରେମିକାର ଖୋଲା କେଶ ଭିଜେ ନା ବତୁରେ..
ଦେଖିଛିକି ଚଉରା ମୂଳରେ ଜଳୁଥିବା ଆଶାର ସଳିତା
କାହାପାଇଁ ଝୁରେ ?
ଦେଖିଛି କି ଧାନକ୍ଷେତ ବୁଡିଗଲେ
ଚାଷୀଟିଏ ଅଭିମାନେ ମରେ କି ଆତ୍ମହତ୍ୟା କରେ!
ଉପେକ୍ଷିତ ରଜନୀଗନ୍ଧା
ବିସର୍ଜନ ହୁଏ କେଉଁ ନଈର ଭଉଁରୀରେ ?
ଝରା ଗଙ୍ଗଶିଉଳି ସ୍ୱର୍ଗକୁ ଯାଏ କି
ପାଦ ଛୁଇଁ ମିଶିଯାଏ ମାଟିରେ ମାଟିରେ....!

ବର୍ଷା ଆଖିରେ ଲୁହ ଭରେ
ଦୋଷୀ ସାଜେ ଦୁନିଆଁ ଆଖିରେ
କେହି ହେଲେ ବୁଝି ପାରନ୍ତା ତାକୁ,
କାହା ଛାତିରେ କଷ୍ଟ ଦେବାକୁ ନୁହେଁ
ବାଦଲକୁ ଛାଡି ସେ ଦୂରକୁ ଆସିଛି
ମାଟିର କବିତା ଗାଇବାକୁ ସମସୁରେ
ବିରହ ରାଗିଣୀର ତାଳେ ତାଳେ...।

**ଲୁମ୍ବିନୀ ବିହାର, ଭୁବନେଶ୍ୱର**
**ମୋ-୯୪୩୭୪୨୮୬୪୯**

## ବୋଝ



ଦେବେନ୍ଦ୍ର କର

ରୋଗୀଙ୍କ ପ୍ରତିକ୍ଷା ହଲ୍‌ରେ ପ୍ରାୟ ସବୁ ସିଟ୍ ଫିଲପ୍ ହୋଇ ସାରିଥାଏ। ରୋଗୀଙ୍କ ଅପେକ୍ଷା ଏଠି ସେମାନଙ୍କ ସଂପର୍କୀୟ ଅଧିକ ନଜର ଆସୁଥିଲେ। ଧୋତି କୁର୍ତ୍ତା ପିନ୍ଧା ବୃଦ୍ଧ ମଉସା ଜଣଙ୍କ ଗୋଟେ କଡ଼କୁ ନୀରବ ନିଶ୍ଚଳ ମୁଦ୍ରାରେ ବସିଥିଲେ। ବୟସ ସତୁରୀ ପାଖାପାଖି ହେବ। ପତଳା ଶରୀର, ମୁଣ୍ଡରେ ଧୋବ ଫରଫର ଚୁଟି ଆଉ ଆଖିରେ ଯବକାଚ ପରି ମୋଟା ଚଷମା। ହାତରେ ଥିଲା ଖଣ୍ଡେ ବଙ୍କୁଲି ବାଡ଼ି। ତାଙ୍କୁ ଲକ୍ଷ୍ୟ କଲେ ମନେ ହେଉଥିଲା ଯେମିତି ଦୁଃଖର ବିରାଟ ବୋଝ ତାଙ୍କ ମୁଣ୍ଡରେ ଲଦି ହେଇଛି। ଏଇ ସମୟରେ କାନ୍ଥରେ ଲାଗିଥିବା ସ୍ପିକରରେ ବୃଦ୍ଧଙ୍କ ନାମ ଘୋଷଣା ହେଲା, ଏଥର ଡ଼ାକ୍ତର ବାବୁଙ୍କ ଚାମ୍ବର ଆଡ଼କୁ ସେ ଅଗ୍ରସର ହେଲେ। ଚାରିକଡରୁ ଆବଦ୍ଧ ଶୀତତାପ ନିୟନ୍ତ୍ରିତ କକ୍ଷ। ଡ଼ାକ୍ତର ବାବୁଙ୍କ ସାମ୍ନା ଚେୟାରରେ ବୃଦ୍ଧ ମଉସା ଆସନ ଗ୍ରହଣ କଲେ। ଡ଼ାକ୍ତର ବାବୁ ପ୍ରଶ୍ନ କଲେ ମଉସା ତୁମେ କଣ ଏକୁଟିଆ ଆସିଛ ? ବୃଦ୍ଧଙ୍କ ମୁହଁରେ କୌଣସି ଉତ୍ତର ନଥିଲା। ଡ଼ାକ୍ତର ବାବୁ ବୃଦ୍ଧଙ୍କ ଛାତିରେ ଷ୍ଟେଥୋ ରଖୁରଖୁ ପୁଣି ପ୍ରଶ୍ନ ଦୋହରାଇଲେ ମଉସା ତୁମ ସହିତ କଣ କେହି ଆସି ନାହାନ୍ତି। ବୃଦ୍ଧ ଏବେ ବି ନୀରବ। ଡ଼ାକ୍ତର ବାବୁ କିନ୍ତୁ ତାଙ୍କ କାମ ଆରମ୍ଭ କରିଦେଲେ। ବ୍ଲଡପ୍ରେସର୍ ମାପିଲେ ଆଉ କାନ୍ଥରେ ଲାଗିଥିବା ବାକ୍ସରେ ବୃଦ୍ଧଙ୍କ ଏକ୍ସରେ ଫଟୋକୁ ନେଇ ଦେଖିଲେ। ଏଥର ପ୍ରେସ୍‌କ୍ରିପସନ୍ ଲେଖୁ ଲେଖୁ କହିଲେ ମଉସା ତୁମ ଛାତିରେ ପାଣି ଜମିଛି। ଅଳ୍ପ ଚାଲିଲେ ତୁମର ପେଲା ଉଠୁଥିବ ଆଉ ନିଦ ବି ଭଲ ହେଉ ନଥିବ। ଆଜ୍ଞା ସାର ବୃଦ୍ଧ ଏବେ ଯାଇଁ ମୁହଁ ଖୋଲିଲେ। ଡ଼ାକ୍ତର ବାବୁ କହିଲେ ଏସବୁ ଲକ୍ଷଣ ତ ଅନେକ ଦିନର, ଲୁଚେଇ ଥିଲ କାହିଁକି ? ରୋଗ ପୁରୁଣା ହେଲେ ଖର୍ଚ୍ଚାନ୍ତ ଯେତିକି ନୁହେଁ କଷ୍ଟ ଯନ୍ତ୍ରଣା ଢେର୍ ଅଧିକ। ହଉ ମଉସା ଆପଣ ଏଥର ବାହାରେ ଅପେକ୍ଷା କରନ୍ତୁ ମୁଁ ପ୍ରେସ୍‌କ୍ରିପସନ୍ ଲେଖିକି ପଠେଇବି। ବୃଦ୍ଧ ମଉସା ଚେୟାରରୁ ଉଠି ଛିଡ଼ାହେଲେ। କଣ ଭାବିଲେ କେଜାଣି ଡ଼ାକ୍ତର ବାବୁଙ୍କ ଟିକେ ପାଖକୁ ଆସିଲେ। ଥରଥର ଗଳାରେ କହିଲେ ମୋ ସହିତ ଝିଅଜ୍ୱାଇଁ ଆସିଛନ୍ତି ଦିହେଁ ପଦାରେ ଅଛନ୍ତି। ଡ଼ାକ୍ତର ବାବୁ ପ୍ରଶ୍ନ କଲେ ଆଉ ମଉସା ଆପଣଙ୍କର କଣ କେହି ପୁଅ ନାହାଁନ୍ତି। କାନ୍ଧରୁ ଗାମୁଛାଟା ଟାଣି ନେଇ ବୃଦ୍ଧ ମୁହଁ ପୋଛିଲେ ଆଉ କହିଲେ କଣ ଆଉ ମୋ ଦୁଃଖ କାହାଣୀ କହିବି। ତିନି ତିନିଟା ପୁଅ, ପାଳି ପୋଷି ମଣିଷ କଲି। ଘରଦ୍ୱାର ତୋଳିତାଳି ଦେଲି, ବିଲାବାରି କାଗଜ ବି ସେମାନଙ୍କ ହାତକୁ ଟେକିଦେଲି। ଆଉ ଏବେ କହୁଛନ୍ତି ମୁଁ ସେମାନଙ୍କ ପାଇଁ ବୋଝ। ପୁଅ ମାନେ ରୋକଠୋକ୍ କହିଦେଲେ ଆମ ଠାରୁ ସବୁ ଆଶା ଛାଡ଼ିଦିଅ। ଆଉ ବୋହୂମାନଙ୍କ କଥା ନକହିଲେ ଭଲ। ଦିନକ ପାଇଁ ବିସ୍କୁଟ ଖଣ୍ଡେ ବି ମାଗିନାହିଁ କାହାରିକି। ସେଥିରେ ପୁଣି ଏତେ କଥା। ଭତ୍ତା ଟଙ୍କାରେ କଷ୍ଟେମଷ୍ଟେ ଚଳୁଚୁ ଆମେ ଦୁଇ ପ୍ରାଣୀ। ଆମେ ବୁଢ଼ାବୁଢ଼ୀ କୋଉ ବାଟେ ତୁମ ଉପରେ ବୋଝ ହେଇଗଲୁ ବା। ଜୀବନ ତମାମ ତ ନିଜକୁ ନିଜେ ବୋହିଛି ଆଉ କେଜାଏ ବା ଦିନ ବଞ୍ଚିବୁ ଯେ। ବୃଦ୍ଧଙ୍କ କଣ୍ଠସ୍ୱର କ୍ଷୀଣ ହୋଇ ଆସିଲା। ଡ଼ାକ୍ତର ବାବୁ ଚେୟାର ରୁ ଉଠିପଡ଼ି ଶାନ୍ତ୍ୱନା ଦେଇ କହିଲେ ମଉସା ଧୌର୍ଯ୍ୟହରାନ୍ତୁ ନାହିଁ, ସମୟ ନିଶ୍ଚିତ ସେମାନଙ୍କୁ ଶାସ୍ତି ଦେବ। ଆପଣ ସବୁକଥା ମୁଣ୍ଡରୁ କାଢ଼ି ଦିଅନ୍ତୁ। ଔଷଧ ସମୟରେ ଖାଆନ୍ତୁ, ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଔଷଧ ଚିଠାରେ ମୋ ଫୋନ ନମ୍ବର ଅଛି ଆଉ ଯେବେ କିଛି ଦରକାର ପଡେ ଫୋନ୍ କରିବେ। ବୃଦ୍ଧ ଧୀରେ ଧୀରେ ବାହାରକୁ ପାଦ ବଢ଼େଇଲେ। ଚାମ୍ବର ଭିତରେ ଏକ ପ୍ରକାର ନିରବତା ଖେଳିଗଲା। ଡ଼ାକ୍ତର ବାବୁ ଏବେ ଖୁବ୍ ଅନ୍ୟମନସ୍କ ଦିଶୁଥିଲେ। ଲାଗୁଥିଲା ଯେମିତି ବୃଦ୍ଧଙ୍କ କୋହ ଭରା ଶବ୍ଦସବୁ ତାଙ୍କ ମନକୁ ବି ଚହଲାଇ ଦେଇଛି।

**ମଙ୍ଗଳାବାଗ, କଟକ,**
**ଫୋନ-୯୯୩୭୯୬୩୯୧୦**

## ରାତି




ଶରତ କୁମାର ଦାସ

ଏ ରାତିକୁ
ଜମା ବିଶ୍ୱାସ ନାହିଁ।
ଭରସା ନାହିଁ
ତା' ଦେହର
କା' ଉପର ଅନ୍ଧାରକୁ
ତା' ସ୍ୱପ୍ନର
ନୀଳଜହ୍ନ ହସକୁ।
ତା' ଜୁଡ଼ାରେ ଖୋଷିଥିବା
ଦୁଲାଭିଣା ଗଜରାର ବାସ୍ନା
କେତେବେଳେ ଯେ ଆମକୁ ଭୁଲେଇ
ଷ୍ଟେସନରୁ ସମୁଦ୍ରକୂଳ ନନେଇଯିବ
କିଏ କହିପାରେ ?
ଏ ରାତିଠୁ ଜମା
ଉଦ୍ଧାର ଆଣନା ରତି
ଫସିଯିବ ତା'କାଉଁରି ସ୍ପର୍ଶରେ
ସୁଝି ନପାରି
ତା' କରଜର ସୁଧ
ତଳିତଳାନ୍ତ ହବ।
ଏ ରାତିର
ବହଳ ଅରଣ୍ୟରେ
ଯିଏ ଥରେ ପଥ ହୁଡ଼ିଛି
ତା'ପାଦ କଣ୍ଟାରେ ଫୁଟିବା ହିଁ ଥୟ।
ଜାଣି ନପାରି
ଧାପେ ସୁଖ ପାଇଁ
ଯିଏ ତା' ଅନ୍ଧକୂପରେ ଝାସ ଦେଇଛି
ସେ ଉହଳ ବିକଳ ହୋଇ
ଶ୍ୱାସରୁଦ୍ଧ ହବାଟା ସୁନିଶ୍ଚିତ।
ଜମା ବିଶ୍ୱାସ କରନା
ଏ ଚତୁରୀ ରାତିର
ମନ୍ତୁରା ପାଣିକୁ, ଚକ୍ଷୁ ବନ୍ଧନକୁ
ତା' ଦେହର
ଗୋରୀ ଜହ୍ନ ଆକାଶକୁ।
ପାରୁଛ ଯଦି
ଧୋବଲା ଚଷମା ପିନ୍ଧି
ଟର୍ଚ୍ଚ ମାରି ଦେଖ
କେତେ ପାପର ଅଳନ୍ଧୁ
ସାଇତି ରଖିଛି ସେ
ତା' ଦେହର
ପ୍ରତିଟି ଲୋମକୂପରେ।
**ମୋ-୯୪୩୭୪୨୩୯୮୫**

## 'ପ୍ରେମାର୍ଦ୍ଧଶତକ'

ଲେଖକ- ଡ. କୁଳମଣି ବିଶ୍ୱାଳ
ପ୍ରକାଶକ-ସମ୍ୟକ ପ୍ରକାଶନ,
ତୁଳସୀପୁର, କଟକ
ମୂଲ୍ୟ-୨୬୫/-



ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାପାଇଁ ରୀତିଯୁଗୀୟ ସାହିତ୍ୟକୁ ଆହୁରି ଟିକେ ସ୍ମରଣ କରିଥିବା 'ପ୍ରେମାର୍ଦ୍ଧଶତକ' କବିତା ପୁସ୍ତକ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପ୍ରକାଶିତ ହୋଇଅଛି। କଳଙ୍କିନୀ ଠାରୁ ଆରମ୍ଭ କରି ପ୍ରେମରତ୍ନ ପର୍ଯ୍ୟନ୍ତ ପ୍ରାୟ ପଚାଶଟି କବିତା ସ୍ଥାନିତ ହୋଇଛି। ରୀତିଯୁଗରେ ପ୍ରେମ କିପରି ବାସ୍ତବ ରୂପ ପାଇଥିଲା ସେଇଭଳି ଭାବରେ ଏଇ ସଙ୍କଳନରେ ନିଜସ୍ୱ ଢଙ୍ଗରେ ଡ. କୁଳମଣି ବିଶ୍ୱାଳ ପ୍ରସ୍ଫୁଟିତ କରିବାକୁ ଚାହିଁଛନ୍ତି। ଓଡ଼ିଆ କବି, ସାହିତ୍ୟିକ, ଲେଖକ, ଚିତ୍ରଶିଳ୍ପୀ ଡ. କୁଳମଣି ବିଶ୍ୱାଳଙ୍କ 'ପ୍ରେମାର୍ଦ୍ଧଶତକ' ପୁସ୍ତକରେ ନିଜସ୍ୱ ଚିତ୍ରକଳା ମଧ୍ୟ ପ୍ରସ୍ଫୁଟିତ ହୋଇଛି। କେବଳ ସେତିକି ନୁହେଁ ଏହି ପୁସ୍ତକର କବିତା ଗୁଡିକ ମଧ୍ୟ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସୁସ୍ମିତା ଦାସଙ୍କ ଦ୍ୱାରା ସ୍ୱର ଦିଆଯାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଓମ ପ୍ରକାଶ ମହାନ୍ତି। ବିତ୍ତୀୟ କ୍ଷେତ୍ର, ପ୍ରଶାସନିକ କ୍ଷେତ୍ର, ସାହିତ୍ୟିକ କ୍ଷେତ୍ର, ଚିତ୍ରଶିଳ୍ପୀ କ୍ଷେତ୍ରକୁ ସମାନ୍ତରାଳ ଭାବରେ ପରିଚାଳନା କରି ଅର୍ଦ୍ଧଶତକ କବିତା ପୁଞ୍ଜକୁ ସେମିତି ଗୋଟିଏ ମାତ୍ର ପୁସ୍ତକରେ ସୀମିତ ନରଖି ପ୍ରତିମୁହୂର୍ତ୍ତରେ ତାଙ୍କର ସୃଷ୍ଟିକୁ ସୁନ୍ଦର, ସୁମଧୁର କରି ଜନମାନସରେ ବାଣ୍ଟିବା ପାଇଁ ଚେଷ୍ଟା କରିଛନ୍ତି। ଯାହାର ଫଳସ୍ୱରୂପ ହିନ୍ଦୀ ଅନୁବାଦ ସଙ୍ଗୀତ ଏବେ ରୀତି ଯୁଗର କବିମାନଙ୍କର ଅମୂଲ୍ୟ ସୃଷ୍ଟିକୁ ମଧ ଆଗାମୀ ପିଢ଼ି ପାଇଁ ଚେତନାଯୁକ୍ତ କରିଛନ୍ତି। 'ପ୍ରେମାର୍ଦ୍ଧଶତକ' ପୁସ୍ତକ ପ୍ରକାଶିକା ମିନତୀ ସ୍ୱାଇଁଙ୍କ ଦ୍ୱାରା ପ୍ରକାଶିତ ହୋଇଥିବାବେଳେ ମିହିର ପରିଡ଼ାଙ୍କ ଅକ୍ଷରସଜ୍ଜା ଏବଂ ଶଶୀକାନ୍ତ ରାଉତଙ୍କ ଅଳଙ୍କରଣ ପୁସ୍ତକଟିକୁ ସୁସଜ୍ଜିତ କରିଥିବାବେଳେ ହିନ୍ଦୀ ପୁସ୍ତକଟିକୁ ସମୟ ଡିଜାଇନ ଲାବ ପ୍ରାଇଭେଟ ଲି.ର ସୁଶ୍ରୀ ଶୁଚିସ୍ମିତା ବିଶ୍ୱାଳଙ୍କ ନିର୍ଦ୍ଦେଶନା ଖୁବ ଉଚ୍ଚକୋଟୀର ହୋଇପାରିଛି।

## କବିତା ଲେଖିବା



ଲିଙ୍ଗରାଜ ମହାନ୍ତି

କବିତା ଲେଖିବା ସହଜ ନୁହେଁ !

ଅତଳ ସାଗର ବକ୍ଷରେ
ହୁଲି ଡ଼ଙ୍ଗାରେ ଯାତ୍ରାପରି
କବିତାର ଯାତ୍ରା।

ଶବ୍ଦ ପାଖରେ ଶବ୍ଦ ଯୋଡ଼ି
ଭାବର ଧାଡି ତିଆରିବା
ମୁହଁରେ ପାଉଡର ମାଖିଲା ପରି
ଉପମାର ପୁଟ ଦେଇଥିବା
ରୂପସୀ ଚଢେଇ ଉଡାନ ହୋଇଯିବା
ଦୁଃଖରେ ଆଉଟି ପାଉଟି ହୁଏ କବି।

ସଫେଦ କାଗଜ ପିଠିରେ
ଜହ୍ନରାତି, ନଈପଠା, ତୋଟାମାଳ,
ଝରଣାର କଳକଳ ନାଦରେ
ବିଭୋର କବି ଇନ୍ଦ୍ରଧନୁ ଅଙ୍କିଲା ବେଳକୁ
ଲାଜବତୀ ଯୁବତୀ ପରି
ବାଦଲ ସେପାଖେ ମୁହଁ ଲୁଚାଏ କବିତା।

ଥରକୁଥର ହାରି ଯିବାର ଗ୍ଲାନିରେ
ଉବୁଟୁବୁ ହେଲା ବେଳେ
ପୁଣି କିଛି ଶବ୍ଦ, କିଛି ଭାବ
କାଗଜ ପିଠିକୁ ନୂଆ ରୂପର
ସ୍ୱତଃ ଓଲ୍ଲେଇ ଆସିବାକୁ
ବାଟ ଖୋଜୁଥାନ୍ତି ଆପଣା ଛାଏଁ।
**ଅରଡିଆପଦା, ମହୀଧରପଡା, କଟକ**
**ମୋ-୯୪୩୮୬୩୪୭୭୩**

# ବିଭିନ୍ନ ସ୍ଥାନରେ ଗହ୍ମାଡିଆଁ ପର୍ବ



**ନୟାଗଡ଼,୯।୮/ଏନ୍ଏନ୍ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ କ୍ରିଡାଶପୁର ପଞ୍ଚାୟତର କଞ୍ଚନବିଲି ବାଲୁଙ୍କେଶ୍ୱର ମନ୍ଦିର ଠାରେ ପାରମ୍ପରିକ ଗହ୍ମାଡିଆଁ ପର୍ବ ପାଳିତ ହୋଇଯାଇଛି। ଗ୍ରାମ କମିଟିର ସଭାପତି ଶହଦେବ ପ୍ରଧାନ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ଗହ୍ମାଡିଆଁ ପର୍ବ ଆରମ୍ଭ ହୋଇଥିଲା। ଗହ୍ମା ଡେଇଁବା ପାଇଁ ତିନୋଟି ବର୍ଗରେ ପିଲାମାନଙ୍କୁ ବିଭକ୍ତ କରାଯାଇ ପର୍ଯ୍ୟାୟ କ୍ରମେ ଗହ୍ମା ଡେଇଁବାର ସୁଯୋଗ ଦିଆଯାଇଥିଲା। ଦୁଇଟି ବାଉଁଶକୁ ପୋତାଯାଇ ସେଥିରେ ଆଉ ଗୋଟିଏ ବାଉଁଶକୁ ବନ୍ଧାଯାଇ ଥିଲାବେଳେ ସେହି ବାଉଁଶରେ ବିଭିନ୍ନ ପ୍ରକାରର ଜିନିଷ ବନ୍ଧା ଯାଇଥିଲା। ଆଗ୍ରହୀ ପିଲାମାନେ ଢୋଲବାଦ୍ୟରେ ଡେଇଁ ସେହି ଜିନିଷକୁ ଛିଣ୍ଡେଇ ଆଣିବାର ଦୃଶ୍ୟ ଅତିବ ଚମତ୍କାର ଥିଲା। ଏହି ଗହ୍ମାଡିଆଁ ଦେଖିବାକୁ ଦର୍ଶକମାନଙ୍କ ଭିତରେ ବେଶ୍ ଉତ୍ସୁକତା ଦେଖାଦେଇଥିଲା।

**କଣ୍ଟିଲୋ:** ଖଣ୍ଡପଡ଼ା ବ୍ଲକ ସିଧାମୂଳା ଅଞ୍ଚଳରେ ଗହ୍ମାଡିଆ ପର୍ବ ଶନିବାର ପାଳିତ ହୋଇଯାଇଛି। ଚାଷୀମାନେ ନିଜ ନିଜ ବଳଦ ଓ ଗାଈମାନଙ୍କୁ ଗାଧୋଇବା ସହ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲଙ୍ଗଳକୁ ଧୁଆଧୋଇ କରି ସଜାଇ ରଖିଥିଲେ। ଗୁହାଳମାନଙ୍କରେ ଗାଈ, ବଳଦଙ୍କୁ ଚନ୍ଦନ ସିନ୍ଦୁର ଫୁଲମାଳ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ସିଧାମୂଳା ନୋଡାଲ ଉପ୍ରା ବିଦ୍ୟାଳୟ ସାମନାରେ ଏହି ଗହ୍ମାଡିଆଁ ପ୍ରତିଯୋଗିତା ମହାଆଡମ୍ବର ସହକାରେ ପାଳନ କରାଯାଇଥିଲା। ସିଧାମୂଳା ଗ୍ରାମବାସୀ ତଥା ଡିବିଏସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଗହ୍ମାଡିହାଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ବିଜେପି କଣ୍ଟିଲୋ ମଣ୍ଡଳ ସଭାପତି ଟିଟନ ସାହୁ ଓ କଣ୍ଟିଲୋ ସହକାରୀ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡା, ଗ୍ରାମ ସଭାପତି ଯୁଗଳ କିଶୋର ନାୟକ, ସମ୍ପାଦକ ଜୟକୃଷ୍ଣ ମହାଳିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ନରସିଂହପୁର, ଏକତାଳ ଓ ଆଖପାଖ ଅଞ୍ଚଳର ହଜାର ହଜାର ମହିଳା ଏବଂ ପୁରୁଷ ସମାଗମ ହୋଇ ପ୍ରତିଯୋଗିତାକୁ ଉପଭୋଗ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଓ ବିଭିନ୍ନ ସରକାରୀ ତଥା ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇଥିବା ଯୁବକମାନେ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀ ସୂର୍ଯ୍ୟକାନ୍ତ ବେହେରାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ଓଡ଼ଗାଁ:** ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମାରେ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଚାଷୀମାନେ ଗୋ-ଜାତିର ପାଳନକର୍ତ୍ତା ବଡ଼ଠାକୁରଙ୍କର ଜନ୍ମଦିନ ସହିତ ପରମ୍ପରା ଅନୁସାରେ ଆଜି ଗାଈ ବଳଦଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ହିନ୍ଦୁ ସଂସ୍କୃତି ଅନୁଯାୟୀ ଭାଇ ହାତରେ ଭଉଣୀ ରାଖୀବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ। ଆଉ ଭାଇ ମଧ୍ୟ ଭଉଣୀକୁ ସବୁ ସମୟରେ ରକ୍ଷାକରିବାର ସଂକଳ୍ପ ନେଇଥାଏ। ଭାଇ ହାତରେ ରାକ୍ଷୀ ବାନ୍ଧିବାକୁ ଭଉଣୀ ବର୍ଷସାରା ଅପେକ୍ଷା କରିରହିଥାଏ ଏହି ଦିନକୁ। ଓଡ଼ଗାଁରେ ରକ୍ଷାବନ୍ଧନଙ୍କୁ ନେଇ ଗାଆଁଠୁ ସହର ସବୁଠି ଉତ୍ସବର ମାହୋଲ୍। ଘରେ ଘରେ ପିଠା ପଣାର ମହକ। ଏଥି ସହିତ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥଜିଉ, କୁରାଳ ଶ୍ରୀଦଧିବାମନ ଜିଉ, ଭାଗବତ ଜିଉ, ଲକ୍ଷ୍ମୀନାରାୟଣ, ରାଧାକାନ୍ତ ମଠ ଓ ସତ୍ୟନାରାୟଣ ଜିଉଙ୍କ ପବିତ୍ର ଝୁଲଣଯାତ୍ରା ଉଦ୍‌ଯାପିତ ହୋଇଥିବା ଜଣାପଡ଼ିଛି।

### ସୁଭଦ୍ରା ଯୋଜନାର ତୃତୀୟ କିସ୍ତି

# ପ୍ରଦାନ କରାଗଲା ୨୦୩ କୋଟିରୁ ଊର୍ଦ୍ଧ୍ୱ

**ପୁରୀ,୯।୮/ଏନ୍ଏନ୍ଏସ୍:** ଆଜି ପୁରୀ ଜିଲ୍ଲାର ୪୦୭୨୦୩ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ୨୦୩,୬୦,୧୫୦୦୦ ଟଙ୍କା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଅର୍ଥ ପ୍ରଦାନ କରାଯାଇଛି। କୋରାପୁଟର ଜୟପୁରରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନଲାଇନ ମାଧ୍ୟମରେ ଓଡ଼ିଶାର ଏକ କୋଟି ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ। ପୁରୀ ଟାଉନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଲୋକସଭା ସଂସଦ ଡା. ସମ୍ବିତ ପାତ୍ର ଯୋଗ ଦେଇ ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ନିଜ ଅଭିଭାଷଣରେ ସେ କହିଥିଲେ ଯେ ସରକାର ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରୁଛନ୍ତି ଯାହାର ଉଦାହରଣ ଏହି ସୁଭଦ୍ରା ଅର୍ଥ ପ୍ରଦାନ ବୋଲି କହିଥିଲେ। କୌଣସି ଅର୍ଥ ଛୋଟ ନୁହେଁ। ଏହାକୁ ଉପଯୋଗ କରିବାର ମାନସିକତା ହିଁ ଏହାକୁ ଶ୍ରେଷ୍ଠ କରେ। ଲିଜ୍ଜତ ପାମ୍ପଡର ଉଦାହରଣ ଦେଇ ଏହାର ପ୍ରୟାସ ମଧ୍ୟ ଏକ କ୍ଷୁଦ୍ର ଅନୁଦାନରୁ ଆରମ୍ଭ ହୋଇଥିଲା ବୋଲି କହିଥିଲେ। କିନ୍ତୁ ଦୃଢ଼ ସଂକଳ୍ପ, ନିଷ୍ଠା ଓ ପରିଶ୍ରମର ଫଳ ସବୁବେଳେ ମଧୁର ଓ ଶ୍ରେଷ୍ଠ ହୋଇଥାଏ। ସୁଭଦ୍ରା ଅର୍ଥ ପାଉଥିବା ସମସ୍ତ ହିତାଧିକାରୀ ଏହାର ସଦୁପଯୋଗ କରି ସମାଜ ପାଇଁ ଆଦର୍ଶ ଓ ପ୍ରେରଣା ସୃଷ୍ଟି କରନ୍ତୁ ବୋଲି ଡା. ପାତ୍ର କହିଥିଲେ। ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ସଦର ବିଧାୟକ ସୁନିଲ କୁମାର ମହାନ୍ତି କହିଥିଲେ ଯେ ସୁଭଦ୍ରା ଯୋଜନା ଆଜି ମହିଳା ମାନଙ୍କ ଆର୍ଥିକ ଅଭିବୃଦ୍ଧି ସହ ଆତ୍ମବିଶ୍ୱାସ ସୃଷ୍ଟିରେ ସହାୟକ ହୋଇପାରିଛି। ସୁଭଦ୍ରା ଯୋଜନା ମାଧ୍ୟମରେ ଲକ୍ଷପତି ହେବାରେ ସମଗ୍ର ଦେଶରେ ଓଡ଼ିଆ ଶ୍ରେଷ୍ଠ ହୋଇଛି। ତୃତୀୟ କିସ୍ତି ଅର୍ଥ ର ସଫଳ ବିନିଯୋଗ ପାଇଁ ସେମାନେ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ସୁଭଦ୍ରା ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁଭଦ୍ରା ଯୋଜନାର ସଫଳ ହିତାଧିକାରୀ କଣାସ ବ୍ଲକର ସୁଭଦ୍ରା ଜେନା ଓ ପିପିଲି ବ୍ଲକର ଲିଲି ଖଟୋଇ ନିଜ ସଫଳତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ୍ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥିମାନଙ୍କ ହାତରେ ରାଖୀ ବନ୍ଧା ଯାଇଥିବା ବେଳେ ସମସ୍ତ ଜାତୀୟ ପତାକା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ମମତାର ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତିର ଡିପିସି ସ୍ୱାଗତିକା ପରିଡ଼ା, ପୋଷଣ ଡିସି ସସ୍ମିତା କର୍ମକାର, ସୁପରଭାଇଜର୍ ବାଲ୍ୟବତୀ ମହାନ୍ତି ଓ ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଭାପୁର,୯।୮/ଏନ୍ଏନ୍ଏସ୍:** ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ପଞ୍ଚାୟତ ଅଧୀନ ଜହରକୋଟ ଗ୍ରାମର ସ୍ୱର୍ଗତ ଯୁଗଳ ବିହାରୀଙ୍କ ଧର୍ମପତ୍ନୀ ହାର ବିହାରୀ (୭୫) ଅପରାହ୍ନ ସମୟରେ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ପୋଖରୀରେ ତାଙ୍କ ଗୋଡ଼ ଖସିଯିବାରୁ ପାଣି ଭିତରେ ପଡ଼ି ବୁଡି ଯାଇଥିଲେ। ଘରକୁ ଫେରିବା ବିଳମ୍ବିତ ହେବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀ ପାଣି ଭିତରୁ ତାଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କାର୍ଯ୍ୟରତ ଡକ୍ଟର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ଭାପୁର ବିଟ୍ ହାଉସ ଅଧିକାରୀ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଶବ ବ୍ୟବଚ୍ଛେଦ କରିବା ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ କରାଯିବା ପରେ ଘର ଲୋକଙ୍କୁ ସତ୍କାର କରିବା ପାଇଁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି।

## ଗୋପବନ୍ଧୁ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କ୍ରାନ୍ତି ଦିବସ

**ଚାରିଛକ,୯।୮/ଏନ୍ଏନ୍ଏସ୍:** ଚାରିଛକସ୍ଥିତ ଗୋପବନ୍ଧୁ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଅଗଷ୍ଟ ୯ ତାରିଖକୁ କ୍ରାନ୍ତି ଦିବସ ଭାବେ ପାଳନ କରାଯାଇଛି। ଆଜି ସକାଳୁ ସଂଘର ସମସ୍ତ ସଭ୍ୟ ଏକତ୍ର ହୋଇ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବଜାର ପରିକ୍ରମା କରାଯାଇଥିଲା। ସଂଘର ସଭାପତି ବ୍ରହ୍ମାନନ୍ଦ ସେନାପତି ସଂଘୀୟ ପତାକା ଉତ୍ତୋଳନ କରାଯାଇଥିଲା। ସଂଘର ସଭାପତି ଶ୍ରୀ ସେନାପତିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଅଜୟ କୁମାର ସାହୁ, ସମ୍ପାଦକ ରାଜେଶ କୁମାର ସାହୁ,ସହ ସମ୍ପାଦକ ବିଜୟ କୁମାର ସେନାପତି, କୋଷାଧ୍ୟକ୍ଷ ପର୍ଶୁରାମ ସାହୁ, ମାଧବ ମହାପାତ୍ର, ବିଜୟ ସେନାପତି, ମନୋଜ ସାହୁ, ଅରୁଣ ସାହୁ, ଦିଲ୍ଲୀପ ସାହୁ, ପ୍ରମୋଦ ସାହୁ, ମଦନ ମୋହନ ସେନାପତି, ବସନ୍ତ ସାହୁ, ନରେନ୍ଦ୍ର ସାହୁ, କାହ୍ନା ସାହୁଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ କ୍ରାନ୍ତି ଦିବସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ମାଧବ ମହାପାତ୍ର ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ କରାଯାଇଥିଲା। କ୍ରାନ୍ତି ଦିବସ ଅବସରରେ ଚାରିଛକ ବଜାରରେ ଥିବା ସମସ୍ତ ଜୁଏଲାରୀ ଓ ଅଳଙ୍କାର ଦୋକାନଗୁଡ଼ିକ ବନ୍ଦ ରହିଥିଲା।

## ରାଖୀ ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

**ପୁରୀ,୯।୮/ଏନ୍ଏନ୍ଏସ୍:** ପୁଣ୍ୟତୋୟା ଭାର୍ଗବୀ ଆଳତି ପ୍ରତିମାସ ପୂର୍ଣ୍ଣିମାରେ ମାଆ ପଞ୍ଚମୁଖୀ ଘାଟ କପିଳେଶ୍ୱରପୁରଠାରେ ଅନୁଷ୍ଠିତ ହେଉଛି। ରାଖୀ ପୂର୍ଣ୍ଣିମାରେ ପଣ୍ଡିତ ଶୁଭାଶିସ କରଙ୍କ ଦ୍ୱାରା ଆଳତି ସମ୍ପାଦନ କରାଯାଇଥିଲା। ଏହି ସଭାରେ ଆଳତି ମଞ୍ଚର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଡ଼. ବଦ୍ରୀ ମିଶ୍ରଙ୍କ ପ୍ରେରଣା ଓ ଆଶୀର୍ବାଦ ଆଳତି ମଞ୍ଚର ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲା। ଆଜି ବିଶାଳ ପଟୁଆରରେ ଆଜ୍ଞାମାଳ ଯାଇ ଭାର୍ଗବୀ ନଦୀରେ ଖିର ମହାପ୍ରସାଦ ଲାଗି କରାଯାଇଥିଲା। ଏହାପରେ ହୁଳ ହୁଳି ହରିବୋଲ ଭିତରେ ଆଳତି ହୋଇଥିଲା। ଆଜିର ସଭାରେ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଦ୍ୱାରିକାନାଥ ବିଶ୍ୱାଳ, ରବି ନାରାୟଣ ପ୍ରଧାନ, ଶ୍ରୀରଙ୍ଗାଧର କର, ଗୋପାଳ କର, ବିରଞ୍ଚି ମିଶ୍ର, ଭବାନୀ ଶଙ୍କର ତ୍ରିପାଠୀ, ତ୍ରିଲୋଚନ ଦଳାଇ, ଶୁସାନ୍ତ ଯେନା, ଶରତ ଦେଓ, ସତ୍ୟ ସୁନ୍ଦର କର, ବାନାମ୍ବର ପରିଡ଼ା, ଶ୍ରୀନିବାସ ପତି, ଗଣେଶ ବେହେରା ଓ ଗ୍ରାମର ସମସ୍ତ ଭକ୍ତ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ମଞ୍ଚ ପରିଚାଳନା କରିଥିଲେ। ପ୍ରତିମାସର ପୂର୍ଣ୍ଣିମାରେ ଏହି ଆଳତି ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସଭାର ଉପଦେଷ୍ଟା ବଦ୍ରୀ ମିଶ୍ର କହିଛନ୍ତି।

## ତିରୁଣାରୁ ବଉଲାଙ୍ଗ ରାସ୍ତା ଶୋଚନୀୟ



**ନୟାହାଟ,୯।୮/ଏନ୍ଏନ୍ଏସ୍:** ଗ୍ରାମ ଉନ୍ନୟନ ଅଧୀନରେ ଥିବା ତିରୁଣାରୁ ବାଉଙ୍ଗ ରାସ୍ତା ଦୀର୍ଘ ୩ କି.ମି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ୨ଫୁଟ ଗଭୀର ଗାତ ହୋଇ ସେଥିରେ ବର୍ଷା ଜଳ ଜମିରହୁଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଅଜଣା ବ୍ୟକ୍ତି ବାଇକ୍‌ରେ ଗଲେ ସେହି ଗାତରେ ପଡ଼ି କ୍ଷତବିକ୍ଷତ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ବଉଲାଙ୍ଗ, ସୋରଭା ପଞ୍ଚାୟତର ଲୋକମାନେ ଯିବାଆସିବା କରୁଥିବା ବେଳେ ରାତିରେ ଖାଲିପାଦରେ ଯାଉଥିବା ବାଟୋଇ ଯିବାକୁ ନିରାପଦ ମଣୁନାହାନ୍ତି। ଉକ୍ତ ରାସ୍ତା ଦେଇ ଲୋକେ କାଳିଆ ଗାଦି, କୋଣାର୍କ ଓ ପୁରୀ କୁ ମଧ୍ୟ ଯାନବାହାନ ଯାତାୟାତ କରୁଥିବା ବେଳେ ଗତ କେଇ ମାସ ହେଲା ରାସ୍ତା ଅବସ୍ଥା ଖରାପ ହେବାରୁ ଗାଡ଼ି ଚଳାଚଳ ବନ୍ଦ ଅଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବା ପାଇଁ ସୋରଭା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ଓ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳା କାନ୍ତ କଅଁର ଦାବି କରିଛନ୍ତି।

## ୧୪ ବର୍ଷର ନାବାଳିକାକୁ ଅପହରଣ ଅଭିଯୋଗ

**ଓଡ଼ଗାଁ,୯।୮/ଏନ୍ଏନ୍ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରୁ ଏକ ୧୪ ବର୍ଷର ନାବାଳିକାକୁ ନିକଟସ୍ଥ ଗ୍ରାମର ଜଣେ ଯୁବକ ଅପହରଣ କରି ନେଇଥିବା ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ନବମ ଶ୍ରେଣୀରେ ପାଠ ପଢୁଥିବା ୧୪ ବର୍ଷର ନାବାଳିକା ତାଙ୍କ ସହପାଠୀଙ୍କ ଜନ୍ମଦିନ କେକ୍ କାଟିବାକୁ କହି ଘରୁ ବାହାରି ଯାଇଥିଲା। ରାତି ବିଳମ୍ବ ହେବାରୁ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ସାହିପଡିଶା, ବନ୍ଧୁବାନ୍ଧବ ସବୁଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ଝିଅର ସନ୍ଧାନ ମିଳିନଥିଲା। ଏପଟେ ଝିଅର ବାପା ବାହାର ରାଜ୍ୟରେ କାମ କରୁଥିବାରୁ ନାବାଳିକା ନିରୁପାୟ ହୋଇପଡ଼ିଥିଲେ। ନିକଟସ୍ଥ ପାଣ୍ଡରିପଡ଼ା ଗ୍ରାମର ବିଜୟ ନାହାକଙ୍କ ପୁଅ କୁନା ନାହାକ (୧୮) ଅପହରଣ କରି ନେଇଥିବା ପରିବାର ଲୋକେ ଜାଣିବା ପରେ ନାବାଳିକାର ମାଆ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ଗାଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ଅପହରଣକାରୀର କୌଣସି ସନ୍ଧାନ ମିଳିପାରି ନାହିଁ। ଏପଟେ ନାବାଳିକା ଝିଅକୁ ନପାଇ ପରିବାର ଲୋକେ ଚିନ୍ତାରେ ପଡ଼ିଥିବା ଜଣାପଡ଼ିଛି।

## ଜନ ସୁରକ୍ଷା ପରିପୂର୍ତ୍ତି ସମାବେଶ

**ଟାଙ୍ଗୀ,୯।୮/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ପଞ୍ଚାୟତ ଏବଂ ଓଳସିଂହ ପଞ୍ଚାୟତଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଜନ ସୁରକ୍ଷା ପରିପୂର୍ତ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିରିଶ ଚନ୍ଦ୍ର ମୁର୍ମୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ମୁମ୍ବାଇ, ଡଃ ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିର୍ଦ୍ଦେଶକ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏଡି ରନ୍ ତେଜା, ମୁଖ୍ୟ ମହାପ୍ରବନ୍ଧକ, ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର ଗୌତମ ପାତ୍ର, ମୁଖ୍ୟ ମହାପ୍ରବନ୍ଧକ ୟୁକୋ ବ୍ୟାଙ୍କ ଓଡ଼ିଶା ଅନିତା ପଟ୍ଟନାୟକ, ମହାପ୍ରବନ୍ଧକ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ରେଣୁ ସେଠୀ, ସରପଞ୍ଚ ବଡ଼ପୋଖରିଆ ପଞ୍ଚାୟତ, ଶୁଭଦର୍ଶିନୀ ଭୋଳ, ସରପଞ୍ଚ ଓଳସିଂହ ପଞ୍ଚାୟତ ମଞ୍ଚାସୀନ ଥିଲେ। ଏହି ସମାବେଶରେ ସାମାଜିକ ସୁରକ୍ଷା ଯୋଜନା ଗୁଡିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୁରୁଣା ବ୍ୟାଙ୍କ ଖାତାରେ କିପରି କେଓ୍ୱାଇସି କରିବେ, ଅଚଳ ଖାତାକୁ କିଭଳି ପୁନଃ ବ୍ୟବହାର କରିବା, ଅଦାବି ଥିବା ଜମାରାଶି କିଭଳି ପାଇବେ ଏବଂ ସାଇବର ଠକେଇରୁ କିଭଳି ସୁରକ୍ଷା ପାଇବେ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ସମାବେଶକୁ ଭଗତ ବେହେରା କ୍ଷେତ୍ରୀୟ ପ୍ରବନ୍ଧକ ଭାରତୀୟ ଷ୍ଟେଟ ବ୍ୟାଙ୍କ ଖୋର୍ଦ୍ଧା, ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷଶ୍ରୀ ହରିଶଙ୍କର ତ୍ରିପାଠୀ ସଭା ସଂଯୋଜନା ଓ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ୟାଙ୍କର କର୍ମ କର୍ତ୍ତା ଯୋଗଦେଇ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ।

# ଇଣ୍ଡିଆ ଜାପାନ୍ ଫ୍ରେଣ୍ଡସିପ୍ ସେଣ୍ଟର୍‌ରେ ରାଖୀ ପୂର୍ଣ୍ଣିମା

**ପୁରୀ ସଦର,୯।୮/ଏନ୍ଏନ୍ଏସ୍:** ଇଣ୍ଡିଆ ଜାପାନ୍ ଫ୍ରେଣ୍ଡସିପ୍ ସେଣ୍ଟର୍‌ରେ ରାଖୀ ପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି। ପୁରୀ, ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର୍ ପରିସରରେ ଜାପାନ ମହିଳାମାନେ ସେଣ୍ଟର୍ ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ହାତରେ ରାଖୀ ବାନ୍ଧିଥିଲେ। ଏହି ଅବସରରେ ଶ୍ରୀ ଦାଶ ଜାପାନିମାନଙ୍କୁ ଆଜିର ଦିନରେ ଓଡ଼ିଆ ପର୍ବର ପରମ୍ପରା ସମ୍ପର୍କରେ ଜାପାନୀ ଭାଷାରେ ଅନୁବାଦ କରି ସେମାନଙ୍କୁ ଅବଗତ କରାଇବା ପରେ ସେମାନେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ଏହି ଅବସରରେ ସେଣ୍ଟର୍‌ରେ ରହିଥିବା ସମସ୍ତ ସଦସ୍ୟଙ୍କ ହସ୍ତରେ ରାଖୀ ବାନ୍ଧିଥିଲେ। ଅନ୍ୟପକ୍ଷରେ ଓଡ଼ିଶାର ଐତିହ୍ୟ, କଳା ଓ ସଂସ୍କୃତିକୁ ଦେଖି ଆନନ୍ଦିତ ହୋଇ ଜାପାନରୁ



ଆସିଥିବା ଏକ ଦମ୍ପତି ତାଙ୍କ ଦୁଇ ସନ୍ତାନ ଭାଇ ଓ ଭଉଣୀ ପବିତ୍ର ବନ୍ଧନର ସାକ୍ଷୀ ରାଖୀ ପୂର୍ଣ୍ଣିମା ପାଳିଥିଲେ। ସୁଦୂର ଜାପାନରୁ ଆସି ପର୍ଯ୍ୟଟକମାନେ ଏହି ପର୍ବରେ ସାମିଲ ହୋଇ ଭାଇ ଓ ଭଉଣୀ ମଧ୍ୟରେ ରହିଥିବା ଭଲ ପାଇବା ଦେଖି ବହୁତ ଖୁସି ପ୍ରକଟ କରିଥିବା ନେଇ ସେଣ୍ଟର୍ ସଭାପତି ଶ୍ରୀ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ରାଖୀ ବାନ୍ଧିଲେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

**କୋଣାର୍କ,୯।୮/ଏନ୍ଏନ୍ଏସ୍:** ପବିତ୍ର ରାକ୍ଷୀପୂର୍ଣ୍ଣିମା ଅବସରରେ ଶନିବାର କୋଣାର୍କ ଭଗବତୀ ବିହାର ସ୍ଥିତ ପିଏମ୍ ଶ୍ରୀ ଜବହାର ନବୋଦୟ ବିଦ୍ୟାଳୟ ପରିସରରେ ରକ୍ଷା ବନ୍ଧନ ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଭକ୍ତିଲତା ସ୍ୱାଇଁଙ୍କ ତତ୍ତ୍ୱାବଧନରେ ଆଜି ଛାତ୍ରଛାତ୍ରୀମାନେ ପ୍ରଥମେ ପ୍ରଭୁ ବଳଭଦ୍ର ଓ ଜଗନ୍ନାଥଙ୍କୁ ରାଖୀ ବାନ୍ଧିଥିଲେ। ପରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱନାଥ ଖିଲାରଙ୍କୁ ରାକ୍ଷୀ ବାନ୍ଧିବା ପରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକାଠି ହୋଇ ପାରମ୍ପରିକ ରୀତିନୀତିରେ ଝିଅମାନେ ପ୍ରଥମେ ଧାଡ଼ି ହୋଇ ଫୁଲ ଚନ୍ଦନ ଟୋପା ସମ୍ମୁଖରେ ଛିଡ଼ାହୋଇଥିବା ଭାଇମାନଙ୍କୁ ଲଗାଇ ନିଜର ସୁରକ୍ଷା ଓ ଭାଇଙ୍କ ଶୁଭ ମନାସି ରାଖୀ ବାନ୍ଧି ମିଠା ଖୁଆଇ ମୁଣ୍ଡିଆ ମାରି ଭାଇଙ୍କ ଆଶୀର୍ବାଦ ନେବା ସହିତ ପରସ୍ପରକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ଏକ ସୁସ୍ଥ ସମାଜ ଗଠନ ପାଇଁ ଭାଇମାନେ ନିଶା ନିବାରଣ କରିବା ସହ ସମାଜରେ ନିଶା ନିବାରଣ ପାଇଁ କାର୍ଯ୍ୟ କରିବାକୁ ରାଖୀକୁ ସାକ୍ଷୀ ରଖି ଶପଥ କରି ସାମୂହିକ ଶପଥ ନେଇଥିଲେ। ନିଶା ମୁକ୍ତ ଏକ ସୁସ୍ଥ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ମୁଖ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜିର ଏହି ରାକ୍ଷୀ ବନ୍ଧନ ସମାହାରରେ ନିଆରା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କୋଣାର୍କ ପିଏମ୍ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ରମେଶ ଚନ୍ଦ୍ର ଯାଦବ, ସଂଗୀତା ରାଣୀ ସାହୁ, ହୀରାଧାର ମାଝୀ, ପ୍ରତାପ କୁମାର ସାହୁ, ସେଲିନା ସେନ ଗୁପ୍ତା ପ୍ରମୁଖ ପରିଚାଳନା କରିଥିଲେ ।

## ବଳଙ୍ଗା ଅଞ୍ଚଳରେ ନଡ଼ିଆ ଲଢ଼େଇ

**ବଳଙ୍ଗା,୯।୮/ଏନ୍ଏନ୍ଏସ୍:** ବଳଙ୍ଗା ଅଞ୍ଚଳରେ ପବିତ୍ର ରକ୍ଷାବନ୍ଧନ ଓ ଗହ୍ମାପୂର୍ଣ୍ଣିମା ଆନନ୍ଦ ଉଲ୍ଲାସର ପାଳନ ହୋଇଯାଇଛି। କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଶ୍ରୀ ବଳଭଦ୍ରଙ୍କ ପୂଜାର୍ଚ୍ଚନା ଓ ଗୋ-ମାତା ଙ୍କୁ ଗାଧେଇ ଦେବା ସହିତ ସୁସଜ୍ଜିତ କରି ବିଭିନ୍ନ ଖାଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ଘରେ ପିଠା ପଣା କରି ଖୁସି ମନେଇଥାନ୍ତି। ଏହି ପର୍ବରେ ଭଉଣୀମାନେ ଭାଇମାନଙ୍କ ହାତରେ ରାଖି ବାନ୍ଧି ଦୀର୍ଘାୟୁ କାମନା କରନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଦୁଇଦିନି ଧରି ଗହ୍ମାପୂର୍ଣ୍ଣିମା ପାଳନ କରିବା ଅବସରରେ ବଳଙ୍ଗା, କୋଠକୁସାଙ୍ଗ, ଗୋପୀନାଥପୁର, ସାଇଶଁସାଶନ, ଗୋପୀନାଥପୁର, ନୂଆସନ୍ଥ, ରୂପଦେଇପୁର, ଭୀମବଜାର ଆଦି ସ୍ଥାନମାନଙ୍କରେ ଚିତ୍ତାକର୍ଷକ ନଡ଼ିଆ ଲଢେଇ ପ୍ରତିଯୋଗିତା ହୋଇଥାଏ। ବିଭିନ୍ନ ସ୍ଥାନରେ କବାଡ଼ି, ଚାଷ ଖେଳ ହୋଇଥାଏ। ବିଭିନ୍ନ ବ୍ରାହ୍ମଣ ଶାସନରେ ନାଲି ଗାମୁଛା ପରିଧାନ କରି ଲୋକମାନେ ନଡ଼ିଆ ଲଢେଇରେ ସାମିଲ୍ ହୋଇଥାନ୍ତି। ବିଶେଷ କରି ଟାଣ ନଡ଼ିଆଗୁଡ଼ିକର ଅଧିକ ଦାମ୍ ବିକ୍ରୟ ହୋଇଥାଏ। ଏହି ନଡ଼ିଆ ଲଢ଼େଇ ଦୁଇ ଜଣଙ୍କ ମଧ୍ୟରେ ହୋଇଥାଏ ଯେଉଁ ନଡ଼ିଆଟି ଭାଙ୍ଗିଯାଏ ତା'ର ମାଲିକ ହାରିଗଲା ବୋଲି ଜଣାଯାଏ।

## ଝଲସିଲା ସୂର୍ଯ୍ୟ ମନ୍ଦିର

**କୋଣାର୍କ,୯।୮/ଏନ୍ଏନ୍ଏସ୍:** କୋଣାର୍କର ବିଶ୍ୱଐତିହ୍ୟ ସୂର୍ଯ୍ୟ ମନ୍ଦିର ସମେତ ରାଜ୍ୟର ତିନିଟି ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଓ ରାମେଶ୍ୱର ମନ୍ଦିରରେ ଏଏସ୍ଆଇ ପକ୍ଷରୁ 'ହର ଘର ତିରଙ୍ଗା' ପର୍ବ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏ ନେଇ ଆଜି କୋଣାର୍କ ସୂର୍ଯ୍ୟମନ୍ଦିରକୁ ଭାରତର ଜାତୀୟ ପତାକା ତ୍ରିରଙ୍ଗାର ତିନି ରଙ୍ଗ ଆଲୋକରେ ଆଲୋକିତ କରାଯାଇଥିବା ଏଏସ୍ଆଇ ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଡିବି. ଗଡନାୟକ ସୂଚନା ଦେଇଛନ୍ତି।

## ଦେଉଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବୟାଳିଶମୌଜା,୯।୮/ଏନ୍ଏନ୍ଏସ୍:** ପବିତ୍ର ରକ୍ଷା ବନ୍ଧନ ଉପଲକ୍ଷେ ଦେଉଳି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଏକ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳର ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଦେଉଳି ବାଲୁଙ୍କେଶ୍ୱର ଟିମ୍ ୫-୪ ଗୋଲରେ ସ୍ୱସ୍ତିକ ଫୁଟବଲ ଟିମ୍(ବୋଧପୁର)କୁ ହରାଇ ଚାମ୍ପିଅନ ହୋଇଛି। ଏହି ପ୍ରତିଯୋଗିତାକୁ ବ୍ରହ୍ମାନନ୍ଦ ଭୋଇ, ସଞ୍ଜୀବ ଦାସ, ଲକି ହେମ୍ବ୍ରମ ଓ ଶୁଭସ୍ମିତ ରାଉତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ଷୀରୋଦ ଦାସ, ଅଶୋକ ରାଉତରାୟ, ରାମ ଚନ୍ଦ୍ର ଗୋଛାୟତ, ଅସିତ୍ ଦାସ, ବିଳାସ ଚନ୍ଦ୍ର ବେହେରା, ମହେଶ୍ୱର ବେହେରା, ମିହିର ରଞ୍ଜନ ପତି, ଅସୀମି ଦାସ, ଜୟନ୍ତ ଦାସ ଓ ଶିକ୍ଷାବିତ୍ ମନୋଜ କୁମାର ନାୟକ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୬ ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ।

# ମାହାଙ୍ଗା ବ୍ଲକ ଓଷ୍ଟାର କର୍ମକର୍ତ୍ତା ମନୋନୀତ

**ମାହାଙ୍ଗା,୯।୮/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଓଷ୍ଟାର ସାମ୍ବିଧାନିକ ଓ ବ୍ଲକ କନଭେନ୍‌ସନ୍ ବୈଠକ ବାଜପୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ ଜିଲ୍ଲା ସମ୍ପାଦକ ବିଜୟ କୁମାର ଛତ୍ର, ମୁଖ୍ୟବକ୍ତାଭାବେ କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ରାଜ୍ୟ ଓଷ୍ଟାର ସଭ୍ୟ ପ୍ରଣବ କିଶୋର ନାୟକ, କଟକ ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସିଂହ, ଓଷ୍ଟାର ଉପସଭାପତି ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବୈଠକର ଆଭିମୁଖ୍ୟ ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିବା ସହ ନୂତନ ଚୟନ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସର୍ବସମ୍ମତି ନିଷ୍ପତି କ୍ରମେ ନୂତନ ସଭାପତି ଭାବେ ଅନନ୍ତ କିଶୋର ସାହୁ,ଉପସଭାପତି ଭାବେ ସନ୍ତୋଷ କୁମାର ମହାନ୍ତି, ସାରଦା ପ୍ରସନ୍ନ ଦାସ, ଗୀତାଞ୍ଜଳି ଖୁଣ୍ଟିଆ, ସମ୍ପାଦକ ଭାବେ ଚକ୍ରଧର ନାୟକ, ସହସମ୍ପାଦକ ଭାବେ ଧୀରେନ୍ଦ୍ର କୁମାର ମିଶ୍ର, ସୁକାନ୍ତ କୁମାର ଦାସ,



ସଂଯୁକ୍ତା ନାଥ ଶର୍ମା, ଜିଲ୍ଲା ପରିଷଦ ସଭ୍ୟ ଭାବେ ସୁଶାନ୍ତ କୁମାର ନାୟକ, ରବୀନ୍ଦ୍ର କିଶୋର ସାହୁ, ପବିତ୍ର କୁମାର ସିଂହ, ପ୍ରଦୀପ୍ତ କୁମାର ସିହ୍ନା, ପବିତ୍ର କୁମାର ସିଂହ, ନିରଞ୍ଜନ ସାହୁ, ରାଜ୍ୟ ସଭାପତି ସଭ୍ୟ ଭାବେ ସୁବାସ ଚନ୍ଦ୍ର ଶତପଥି, ସମ୍ପଦ କୁମାର ଲେଙ୍କା ଓ ରାମକୃଷ୍ଣ ମହାପାତ୍ର ପ୍ରମୁଖ ମନୋନୀତ ହୋଇଥିଲେ। ପ୍ରଣବ କିଶୋର ନାୟକ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିବାବେଳେ ନଟବର ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

# ବେଙ୍ଗାଲୁରୁରେ ମହିଳା ବିଶ୍ୱକପ୍ ମ୍ୟାଚ୍ ଉପରେ ସଂକଟ

## ରାଜ୍ୟ ସଂଘକୁ ମିଳିଲାନି କର୍ଣ୍ଣାଟକ ସରକାରଙ୍କ ମଞ୍ଜୁରୀ



**ବେଙ୍ଗାଲୁରୁ,୯।୮/ଏଜେନ୍ସି:** ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କା ଆୟୋଜନରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୩୦ରେ ଆରମ୍ଭ ହେବ ଏବଂ ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨ରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ତେବେ ଏହି ମ୍ୟାଚ୍ ଉପରେ ଏବେ ସଂକଟ ଦେଖାଦେଇଛି। କ୍ରିକ୍‌ବଜ୍‌ର ଏକ ରିପୋର୍ଟ ଅନୁସାରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ)କୁ ଏବେ ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଷ୍ଟାଡିୟମ୍‌ରେ ମ୍ୟାଚ୍ ଆୟୋଜନ ପାଇଁ ମଞ୍ଜୁରୀ ମିଳିନାହିଁ। ଏଠାରେ ଖେଳାଯିବାକୁ ଥିବା ମ୍ୟାଚ୍ ମଧ୍ୟରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ବ୍ୟତୀତ ଗୋଟିଏ ସେମିଫାଇନାଲ୍ ମଧ୍ୟ ସାମିଲ।

ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବଡ଼ ଆୟୋଜନକୁ ନେଇ ନିକଟରେ ଗୁରୁତର ପ୍ରଶ୍ନ ଉଠିଥିଲା। ଚଳିତ ବର୍ଷ ଜୁନ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ଟ୍ରଫି ବିଜୟ ସମାରୋହ ବେଳେ ଷ୍ଟାଡିୟମ୍ ନିକଟରେ ହୋଇଥିବା ଦଳାଚକଟା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଥିଲା। ଏହି ଦୁର୍ଘଟଣାରେ ୧୧ ଜଣ ପ୍ରାଣ ହରାଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଅନ୍ୟପକ୍ଷରେ କେଏସ୍‌ସିଏକୁ ମହାରାଜା ଟି-୨୦ ଟୁର୍ଣ୍ଣାମେଣ୍ଟକୁ ବେଙ୍ଗାଲୁରୁରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡ଼ିଥିଲା।

ମହିଳା ବିଶ୍ୱକପ୍‌ରେ ୨୮ ଲିଗ୍ ମ୍ୟାଚ୍ ଏବଂ ତିନି ନକ୍‌ଆଉଟ୍ ମ୍ୟାଚ୍ ପାଞ୍ଚ ଭେନ୍ୟୁ ବେଙ୍ଗାଲୁରୁ, ଇନ୍ଦୋର, ଗୁଆହାଟୀ, ବିଶାଖାପାଟଣା ଏବଂ କଲମ୍ବୋରେ ଖେଳାଯିବ। ସେହିପରି ପ୍ରଥମ ସେମିଫାଇନାଲ୍ ଅକ୍ଟୋବର ୨୯ରେ ଗୁଆହାଟୀ କିମ୍ବା କଲମ୍ବୋରେ (ପାକିସ୍ତାନ ପହଞ୍ଚିଥିଲେ) ଏବଂ ଦ୍ୱିତୀୟ ସେମିଫାଇନାଲ୍ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ଫାଇନାଲ୍ ମ୍ୟାଚ୍ ନଭେମ୍ବର ୨ ତାରିଖରେ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଖେଳାଯିବ। ପାକିସ୍ତାନର ସମସ୍ତ ମ୍ୟାଚ୍ ହାଇବ୍ରିଡ୍ ମଡେଲ୍‌ରେ ଶ୍ରୀଲଙ୍କାରେ ଖେଳାଯିବ। ବିସିସିଆଇ ଓ ପିସିବି ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ପାକିସ୍ତାନ ଟିମ୍ ନିଜର ସମସ୍ତ ମ୍ୟାଚ୍ ନିରପେକ୍ଷ ଭେନ୍ୟୁ କଲମ୍ବୋରେ ଖେଳିବ। ଏହା ମଧ୍ୟରେ ବାଂଲାଦେଶ (ଅକ୍ଟୋବର ୨), ଇଂଲଣ୍ଡ (ଅକ୍ଟୋବର ୧୫), ନ୍ୟୁଜିଲାଣ୍ଡ (ଅକ୍ଟୋବର ୧୮), ସାଉଥ୍ ଆଫ୍ରିକା (ଅକ୍ଟୋବର ୨୧) ଏବଂ ଶ୍ରୀଲଙ୍କା (ଅକ୍ଟୋବର ୨୪) ବିପକ୍ଷ ମ୍ୟାଚ୍ ସାମିଲ।

# କର୍ଣ୍ଣାଟକରେ ନିର୍ମାଣ ହେବ ଦେଶର ୨ୟ ସର୍ବବୃହତ୍ କ୍ରିକେଟ୍ ଷ୍ଟାଡିୟମ୍

## ୮୦ହଜାର ଦର୍ଶକଙ୍କ ପାଇଁ ରହିବ କ୍ଷମତା



**ନୂଆଦିଲ୍ଲୀ,୯।୮/ଏଜେନ୍ସି:** ବେଙ୍ଗାଲୁରୁରେ ନିର୍ମାଣ ହେବ ଦେଶର ୨ୟ ସର୍ବବୃହତ୍ କ୍ରିକେଟ୍ ଷ୍ଟାଡିୟମ୍। ଏନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କର୍ଣ୍ଣାଟକ ହାଉସିଂ ବୋର୍ଡର ସୂର୍ଯ୍ୟା ସିଟି, ବୋମ୍ମାସନ୍ଦ୍ରାରେ ଏକ ଷ୍ଟାଡିୟମ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଷ୍ଟାଡିୟମ ନିର୍ମାଣ ପାଇଁ ୧୬୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଷ୍ଟାଡିୟମକୁ ଏକକାଳୀନ ୮୦ ହଜାର ଦର୍ଶକଙ୍କ ପାଇଁ କ୍ଷମତାସମ୍ପନ୍ନ କରାଯିବ। ସୁତରାଂ ଦର୍ଶକ କ୍ଷମତା ଦୃଷ୍ଟିରୁ, ଏହା ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ ପରେ ଦେଶର ଦ୍ୱିତୀୟ ବୃହତ୍ କ୍ରିକେଟ୍ ଷ୍ଟାଡିୟମ ହେବ।

ଏହି ନୂଆ ଷ୍ଟାଡିୟମ୍ ପାଇଁ ପ୍ରସ୍ତାବିତ ଜମି ପୂର୍ବରୁ ଥିବା ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମଠାରୁ ୨୨ କିଲୋମିଟର ଦୂରରେ ଅବସ୍ଥିତ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ସମୟରେ ଦଳାଚକଟା ଘଟଣା ପରେ ଏହାକୁ ନିର୍ମାଣ କରିବାର ନିଷ୍ପତ୍ତି ନିଆଯାଇଛି। ଆଇପିଏଲ୍ ଇତିହାସରେ ପ୍ରଥମ ଥର ପାଇଁ ଆରସିବି ଆଇପିଏଲ୍ ଟ୍ରଫି ଜିତିଥିଲା। ଏହି ବିଜୟକୁ ପାଳନ କରିବା ପାଇଁ, ଆରସିବି ପକ୍ଷରୁ ଜୁନ୍ ୪ରେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଏକ ବିଜୟ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତେବେ ଏହି ସମୟରେ ଦୁର୍ଭାଗ୍ୟଜନକ ଭାବେ ଦଳାଚକଟା ପରିସ୍ଥିତି ଉତ୍ପନ୍ନ ହୋଇଥିଲା ଏବଂ ୧୧ ଜଣଙ୍କ ପ୍ରାଣହାନୀ ହୋଇଥିଲା। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ କ୍ଷମତା ପ୍ରାୟ ୩୨ହଜାର ଲୋକଙ୍କ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବିଜୟ ଉତ୍ସବ ଦିନ ୨ଲକ୍ଷରୁ ଅଧିକ ଲୋକ ଏଠାରେ ରୁଣ୍ଡ ହୋଇଯାଇଥିଲେ।

ରିପୋର୍ଟ ଅନୁସାରେ ଏହି ନୂଆ ଷ୍ଟାଡିୟମ୍ ୧୦୦ ଏକର ଜମିରେ ନିର୍ମିତ ହେବ। ଏହି ୧,୬୫୦ କୋଟି ଟଙ୍କାର ପ୍ରକଳ୍ପର ସମ୍ପୂର୍ଣ୍ଣ ଖର୍ଚ୍ଚ କର୍ଣ୍ଣାଟକ ହାଉସିଂ ବୋର୍ଡ ବହନ କରିବ। ଏଥିରେ କେବଳ ଏକ କ୍ରିକେଟ୍ ପଡ଼ିଆ ରହିବ ନାହିଁ ବରଂ ୮ଟି ଇନଡୋର ଏବଂ ୮ଟି ଆଉଟ୍‌ଡୋର ଖେଳ ପାଇଁ ସୁବିଧା, ଏକ ଆଧୁନିକ ଜିମ୍, ତାଲିମ କେନ୍ଦ୍ର, ସୁଇମିଂ ପୁଲ୍, ଅତିଥି ଗୃହ, ହଷ୍ଟେଲ, ହୋଟେଲ ଏବଂ ଆନ୍ତର୍ଜାତୀୟ ଇଭେଣ୍ଟ ପାଇଁ ଏକ କନ୍‌ଭେନ୍‌ସନ୍ ହଲ୍ ମଧ୍ୟ ରହିବ। ଏହି ଷ୍ଟାଡିୟମଟି ବେଙ୍ଗାଲୁରୁରେ ବିସିସିଆଇର ନୂତନ ଜାତୀୟ କ୍ରିକେଟ୍ ଏକାଡେମୀ ପରି ହୋଇପାରେ ବୋଲି ଅନୁମାନ କରାଯାଉଛି। ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଦଳାଚକଟା ଘଟଣାରେ ତଦନ୍ତକାରୀ ଜଷ୍ଟିସ୍ ଜନ୍ ମାଇକଲ୍ କୁନ୍‌ହା ଆୟୋଗ ପରାମର୍ଶ ଦେଇ କହିଥିଲେ ଯେ, ୩୨,୦୦୦ ଦର୍ଶକଙ୍କ କ୍ଷମତା ସମ୍ପନ୍ନ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଯାହାକି ମାତ୍ର ୧୭ ଏକର ପରିମିତ ଜମିରେ ପରିବ୍ୟାପ୍ତ ରହିଛି ବଡ ଆୟୋଜନ ପାଇଁ ଆଦୌ ଅନୁକୂଳ ନୁହେଁ। ସୁତରାଂ କ୍ରିକେଟ୍ ଭଳି ହାଇ ଫିଭର ମ୍ୟାଚ୍ ପାଇଁ ଅଧିକ ସ୍ଥାନ ଏବଂ ଅଧିକ ସୁବିଧା ତଥା ପାର୍କିଂ ସୁବିଧା ଥିବା ସ୍ଥାନ ଯୋଗାଇ ଦିଆଯିବା ଉଚିତ୍।

ସୂଚନାଯୋଗ୍ୟ, ଭାରତର ଶୀର୍ଷ ୫ ଷ୍ଟାଡିୟମ୍ ମଧ୍ୟରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ (ଅହମଦାବାଦ୍, ୧,୩୨,୦୦୦ ଦର୍ଶକ) ରହିଥିବା ବେଳେ ଇଡେନ୍ ଗାର୍ଡେନ୍ (କୋଲକାତା, ୬୮,୦୦୦ ଦର୍ଶକ) ୨ୟ ସ୍ଥାନରେ, ସହିଦ୍ ବୀର ନାରାୟଣ ସିଂହ ଷ୍ଟାଡିୟମ୍ (ନୂଆ ରାୟପୁର, ୬୫,୦୦୦ ଦର୍ଶକ) ୩ୟ ସ୍ଥାନରେ, ଇକାନା କ୍ରିକେଟ୍ ଷ୍ଟାଡିୟମ୍ (ଲକ୍ଷ୍ନୌ, ୫୦,୦୦୦ ଦର୍ଶକ) ୪ର୍ଥ ସ୍ଥାନରେ ଏବଂ ଗ୍ରୀନ୍ ଫିଲ୍ଡ ଷ୍ଟାଡିୟମ୍ (ଥିରୁଅନନ୍ତପୁରମ୍, ୫୦,୦୦୦ ଦର୍ଶକ) ୫ମ ସ୍ଥାନରେ ରହିଛନ୍ତି।

# ଦେଶ ବିଦେଶ

## ୨ ଯବାନ ସହିଦ୍, ଆତଙ୍କୀ ନିହତ

**କୁଲଗାମ୍, ୯।୮/ଏଜେନ୍ସି:** ଜମ୍ମୁ କାଶ୍ମୀରର କୁଲଗାମ୍ ଅଖଲ୍ ପ୍ରାନ୍ତରେ ଆତଙ୍କବାଦୀଙ୍କ ବିରୋଧରେ ଆରମ୍ଭ ହୋଇଥିବା ଅପରେସନ୍‌କୁ ୯ମ ଦିନ ବିତିଛି। ତେବେ ୯ମ ଦିନରେ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଗତକାଲି ବିଳମ୍ବିତ ରାତିରେ ସେନା ଯବାନ୍ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଭୟଙ୍କର ଗୁଳିବିନିମୟ ହୋଇଥିବା ବେଳେ ଏଥିରେ ୨ ଯବାନ ସହିଦ ହୋଇଛନ୍ତି। ଆତଙ୍କବାଦୀଙ୍କ ଗୁଳିରେ ସହିଦ ହୋଇଥିବା ଯବାନଙ୍କ ନାମ ପ୍ରିତପାଲ ସିଂହ ଏବଂ ସିପାହୀ ହରମିନ୍ଦର ସିଂହ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ ୪ ଯବାନ୍ ଆହତ ହୋଇଥିବା ବେଳେ ଯବାନ୍‌ଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଘନ ଜଙ୍ଗଲ ଏବଂ ପ୍ରାକୃତିକ ଗୁମ୍ଫା ଭଳି ଆଡୁଆର ସୁଯୋଗ ନେଇ ଅତିକମ୍‌ରେ ତିନି କିମ୍ବା ତା'ଠାରୁ ଅଧିକ ଆତଙ୍କବାଦୀ ଏବେ ବି ଲୁଚି ରହିଥିବା ସନ୍ଦେହ କରାଯାଉଛି। ଜମ୍ମୁ ଏବଂ କାଶ୍ମୀରର କୁଲଗାମରେ ଆତଙ୍କବାଦୀଙ୍କୁ ଖୋଜିବା ପାଇଁ ଭାରତୀୟ ସୁରକ୍ଷା ବାହିନୀ ଅଗଷ୍ଟ ୧ ତାରିଖରେ 'ଅପରେସନ୍ ଅଖଲ' ଆରମ୍ଭ କରିଛି।



ନୂଆଦିଲ୍ଲୀ: ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରକ୍ଷା ବନ୍ଧନ ଦିବସରେ କୋମଳମତୀ କୁନିକୁନି ଛାତ୍ରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ରାଖୀ ବାନ୍ଧୁଛନ୍ତି। ଅନ୍ୟପକ୍ଷେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଧ୍ୟ ସ୍କୁଲ ଛାତ୍ରୀମାନଙ୍କ ଗହଣରେ ରକ୍ଷାବନ୍ଧନ ପାଳନ କରିଛନ୍ତି।

### ୧୫ରେ ଟ୍ରମ୍ପ୍-ପୁତିନ୍ ଭେଟ୍‌ଘାଟ୍: ବିଲିବିଲାଇଲେ ଜେଲେନ୍‌ସ୍କି

## ଆମେ ଗୋଟେ ଇଞ୍ଚ ଜମି ଦେବୁ ନାହିଁ



**କିଭ୍, ମସ୍କୋ, ୱାଶିଂଟନ୍, ୯।୮/ଏଜେନ୍ସି:** ଆସନ୍ତା ୧୫ ତାରିଖରେ ଆଲାସ୍କା ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷ୍ ପ୍ରତିପକ୍ଷ ଭ୍ଲାଦିମିର ପୁତିନ୍‌ଙ୍କ ମଧ୍ୟରେ ସାକ୍ଷାତକାର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକ ୟୁକ୍ରେନ୍-ରୁଷ୍ ଯୁଦ୍ଧକୁ ରୋକିବା ଦିଗରେ ଟ୍ରମ୍ପ୍‌ଙ୍କ ପ୍ରୟାସର ଏକ ଅଂଶବିଶେଷ ବୋଲି ବିବେଚନା କରାଯାଉଛି। ତେବେ ଏହି ବୈଠକକୁ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି କିନ୍ତୁ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ଟ୍ରମ୍ପ ଏବଂ ପୁତିନ୍‌ଙ୍କ ମଧ୍ୟରେ ପ୍ରସ୍ତାବିତ ବୈଠକକୁ ନେଇ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ୍ ଗୋଟିଏ ଇଞ୍ଚ ମଧ୍ୟ ଜମି ଦେବ ନାହିଁ। ବୈଠକରେ ଟ୍ରମ୍ପ୍ ଏବଂ ପୁତିନ୍‌ଙ୍କ ମଧ୍ୟରେ ୟୁକ୍ରେନ ଏବଂ ରୁଷ୍ ମଧ୍ୟରେ ଏକ କ୍ଷେତ୍ରୀୟ ଆଦାନପ୍ରଦାନ ଉପରେ ସହମତ ହୋଇପାରେ ବୋଲି ପ୍ରକାଶ ପାଇଥିବା ରିପୋର୍ଟ ନେଇ ଜେଲେନେସ୍କି ଏଭଳି ମନ୍ତବ୍ୟ ଦେଇଛନ୍ତି। ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ ବିନା ଦୁଇ ନେତାଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇପାରିବ ନାହିଁ। ଯଦି ଏହି ନିଷ୍ପତ୍ତି ନିଆଯାଏ, ତେବେ ଏହା ଶାନ୍ତି ବିରୁଦ୍ଧରେ ଏକ ବହୁତ ଖରାପ ନିଷ୍ପତ୍ତି ହେବ। ଯାହା ସଫଳ ହେବା ପୂର୍ବରୁ ବିଫଳ ହେବ। ଗୋଟିଏ ପଟେ ଟ୍ରମ୍ପ୍, ପୁତିନ୍‌ଙ୍କ ଭୂମୀ ଅଧିଗ୍ରହଣ ପ୍ରସ୍ତାବକୁ ସ୍ୱୀକାର କରିବା ପୂର୍ବକ ୟୁକ୍ରେନ୍ ଯୁଦ୍ଧ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ଜେଲେନ୍‌ସ୍କି ରୁଷ୍‌ର ଭୂଭାଗ ଅଧିଗ୍ରହଣ ପ୍ରସ୍ତାବକୁ ଚାଲିଥିବା ଯୁଦ୍ଧରେ ୟୁକ୍ରେନ୍‌ର ପରାଜୟ ବୋଲି ବିବେଚନା କରୁଛନ୍ତି। ଏସବୁ ମଧ୍ୟରେ ଆମରେିକାର ମଧ୍ୟସ୍ଥତା କ୍ରମେ ଦୁଇ ପାରମ୍ପରିକ ଶତ୍ରୁ ଦେଶ ଆଜରବୈଜାନ୍ ଏବଂ ଆର୍ମେନିଆ ଏକ ଶାନ୍ତି ଚୁକ୍ତି କରିଛନ୍ତି। ଉଭୟ ଦେଶ ଯୁଦ୍ଧରୁ ବିରତ ରହିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ କାମ କରିବେ। ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉଦ୍ୟମକ୍ରମେ ଏହା ସମ୍ଭବ ହୋଇପାରିଥିବା ଉଭୟ ଦେଶ ସ୍ୱୀକାର କରିଛନ୍ତି।




## '୧୬୦ ଆସନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲୁ'

**ମୁମ୍ବାଇ, ୯।୮/ଏଜେନ୍ସି:** ଏନ୍‌ସିପି (ଶରଦ ପୱାର)ର ମୁଖ୍ୟ ଶରଦ୍ ପୱାର କହିଛନ୍ତି ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସମ୍ପର୍କରେ ବିଧିବଦ୍ଧ ଘୋଷଣା ହେବା ପୂର୍ବରୁ ୨ଜଣ ବ୍ୟକ୍ତି ତାଙ୍କୁ ନୂଆଦିଲ୍ଲୀ ଠାରେ ସାକ୍ଷାତ କରିଥିଲେ। ସେମାନେ କୁଆଡେ ତାଙ୍କୁ ସେସମୟରେ ମହାରାଷ୍ଟ୍ରର ମୋଟ୍ ୨୮୮ ଆସନ ମଧ୍ୟରୁ ମହାବିକାଶ ଅଘାଡି ମେଣ୍ଟ (ଏମଭିଏ)କୁ ୧୬୦ ଆସନରେ ବିଜୟୀ କରାଇବା ନେଇ ଗ୍ୟାରେଣ୍ଟି ଦେଇଥିଲେ। ପୱାର କହିଛନ୍ତି ଯେ ସେ ଏହି ଦୁଇ ୨ବ୍ୟକ୍ତିଙ୍କ ସହିତ ରାହୁଲ ଗାନ୍ଧୀଙ୍କ ପାଖକୁ ଯାଇଥିଲେ। କିନ୍ତୁ ରାହୁଲ ଏହି ପ୍ରସ୍ତାବକୁ ଗ୍ରହଣ କରିନଥିଲେ ଏବଂ ସ୍ପଷ୍ଟ ଭାବେ କହିଥିଲେ ଯେ, କୌଣସି ପ୍ରକାର ଅବ୍ୟବସ୍ଥା ଦ୍ୱାରା ସେ ଆସନ ଜିତିବାକୁ ଚାହାନ୍ତି ନାହିଁ। ତେବେ ପୱାର ସେହି ୨ ବ୍ୟକ୍ତିଙ୍କ ନାମ ଏବଂ ପରିଚୟ ପ୍ରକାଶ କରିନାହାଁନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଏମ୍‌ଭିଏ କୌଣସି ଅନୁଚିତ୍ ପଥ ଅନୁସରଣ କରି ନିର୍ବାଚନ ଜିତିବାକୁ ଚାହିଁନଥିଲା, ସେଥିପାଇଁ ସେହି ଦୁଇ ବ୍ୟକ୍ତିଙ୍କ ପ୍ରସ୍ତାବକୁ ଧ୍ୟାନ ଦିଆଯାଇନଥିଲା।

### ଉତ୍ତର ରେଳବାଇର ଆଉ ଏକ ଐତିହାସିକ ଉପଲବ୍ଧି

# ଅନନ୍ତନାଗ ଗୁଡ୍‌ସ ଶେଡ୍‌ରେ ପହଞ୍ଚିଲା ସିମେଣ୍ଟ ବୋଝେଇ ପ୍ରଥମ ମାଲବାହୀ ଟ୍ରେନ୍

## କାଶ୍ମୀର ଘାଟିରେ ମାଲବାହୀ ଟ୍ରେନ୍‌ର ଆଗମନ ଲଜିଷ୍ଟିକ୍ ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ନୂତନ ଯୁଗର ସୂତ୍ରପାତ



**ନୂଆଦିଲ୍ଲୀ, ୯।୮/ଏଜେନ୍ସି:** ଆଞ୍ଚଳିକ ସଂଯୋଗୀକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ଭାବେ ଏକ ମାଲବାହୀ ଟ୍ରେନ୍ ପ୍ରଥମ ଥର ପାଇଁ ପଞ୍ଜାବର ରୂପନଗରରୁ ବାହାରି କାଶ୍ମୀର ଉପତ୍ୟକାର ଅନନ୍ତନାଗ ଗୁଡ୍‌ସ ସେଡ୍‌ରେ ସଫଳତାର ସହ ପହଞ୍ଚିଛି। ଏହା କାଶ୍ମୀର ଅଞ୍ଚଳକୁ ଜାତୀୟ ମାଲବାହୀ ନେଟୱାର୍କ ସହିତ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଅଟେ। ସିମେଣ୍ଟ ବୋଝେଇ ମାଲବାହୀ ଟ୍ରେନ୍‌ର ଆଗମନ ଦ୍ୱାରା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ହେବା ସହ କାଶ୍ମୀର ଲୋକଙ୍କ ଜୀବନଧାରଣ ମାନରେ ସୁଧାର ହୋଇପାରିବ।

ଉଦ୍‌ଘାଟନୀ ମାଲବାହୀ ଟ୍ରେନ୍‌ରେ ୨୧ ବିସିଏନ୍ ୱାଗନ୍ ସିମେଣ୍ଟ ଲୋଡ୍ କରାଯାଇଥିଲା। ପ୍ରାୟ ୬୦୦ କିଲୋମିଟର ବ୍ୟାପୀ ଏହି ଯାତ୍ରା ଆଜି ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିବା ଅନନ୍ତନାଗ ଗୁଡ୍‌ସ ଶେଡ୍‌ରେ ୧୮ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ଏହି ସୁବିଧା ପାଇଁ ବିଶେଷ ଭାବରେ ପ୍ରଥମ ଥର ପାଇଁ ସିମେଣ୍ଟ ଲୋଡିଂକୁ ଚିହ୍ନିତ କରେ, ଯାହା କାଶ୍ମୀର ଅଞ୍ଚଳରେ ଲଜିଷ୍ଟିକ୍ ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ନୂତନ ଯୁଗକୁ ସମର୍ଥନ କରିବା ପାଇଁ ଏହାର ତତ୍ପରତାକୁ ଦର୍ଶାଉଛି। ଏହି ଟ୍ରେନ୍‌ରେ ପରିବହନ କରାଯାଇଥିବା ସିମେଣ୍ଟ କାଶ୍ମୀର ଉପତ୍ୟକାରେ ରାସ୍ତା, ସେତୁ, ସାଧାରଣ ଭିତ୍ତିଭୂମି ଏବଂ ଆବାସିକ ଗୃହ ନିର୍ମାଣ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ବ୍ୟବହାର କରାଯିବ।

ଏହି ଅଭୂତପୂର୍ବ ଯାତ୍ରା ପାଇଁ ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ସଠିକତାର ସହିତ ସମ୍ପାଦନା କରାଯାଇଥିଲା। ୭ ଅଗଷ୍ଟ, ୨୦୨୫ରେ ୨୩:୧୪ ଘଣ୍ଟାରେ ଉତ୍ତର ରେଳବାଇକୁ ଏକ ଇଣ୍ଡେଣ୍ଟ ପଠାଯାଇଥିଲା, ଯାହାକି ପରଦିନ ଅର୍ଥାତ୍ ୮ ଅଗଷ୍ଟ ସକାଳ ୯:୪୦ ଘଣ୍ଟାରେ ରେକ୍ ବ୍ୟବସ୍ଥା କରାଯାଇଥିଲା। ୮ ଅଗଷ୍ଟ, ୨୦୨୫ରେ ୬:୧୦ ଘଣ୍ଟା ମଧ୍ୟରେ ଲୋଡିଂ ସମାପ୍ତ ହୋଇଥିଲା ଏବଂ ଟ୍ରେନ୍‌ଟି ପଞ୍ଜାବର ରୂପନଗରରେ ଥିବା ଗୁଜରାଟ ଅମ୍ବୁଜା ସିମେଣ୍ଟ ଲିମିଟେଡ୍ (ଜିଏସିଏଲ) ସୁବିଧାରୁ ୬:୫୫ ଘଣ୍ଟାରେ ପ୍ରସ୍ଥାନ କରିଥିଲା। ମାଲଗାଡ଼ିକୁ ଇଲେକ୍ଟ୍ରିକ୍ ଡବ୍ଲ୍ୟୁଏଜି-୯ ଲୋକୋମୋଟିଭ୍ (ଲୋକୋ ସଂଖ୍ୟା ୩୨୧୭୭, ଟିକେଡି, ଟ୍ରିପ୍ ୦୮/୦୯) ଦ୍ୱାରା ମାଲ ପରିବହନ କରାଯାଇଥିଲା, ଯାହାକି ଜାତୀୟ ରେଳ ନେଟୱାର୍କର ଆଧୁନିକ କ୍ଷମତାକୁ ପ୍ରତିପାଦିତ କରୁଛି।

ଏହି ପ୍ରଥମ ମାଲବାହୀ ଟ୍ରେନ୍‌ର ଆଗମନ କେବଳ ଏକ ଲଜିଷ୍ଟିକ୍ ସଫଳତା ନୁହେଁ ବରଂ ପ୍ରଗତି ଏବଂ ସମନ୍ୱୟର ଏକ ଶକ୍ତିଶାଳୀ ପ୍ରତୀକ ମଧ୍ୟ ଅଟେ, ଯାହାକି ଏକ ଅଧିକ ସଂଯୁକ୍ତ ଏବଂ ସମୃଦ୍ଧ କାଶ୍ମୀର ଉପତ୍ୟକାର ପଥ ପ୍ରଶସ୍ତ କରୁଛି।

### ଧରାଳୀ, ଉତ୍ତରକାଶୀ ବିପର୍ଯ୍ୟୟ

# ୩ଟ୍ରକ୍ ରିଲିଫ୍ ସାମଗ୍ରୀ ପଠାଇଲା ପତଞ୍ଜଳି




▶▶ ସ୍ୱଦେଶୀ ଗ୍ରହଣ କରି ଭାରତର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ପାଇଁ ଦେଶବାସୀ ପ୍ରତିଜ୍ଞା କରିବା ଉଚିତ୍: ରାମଦେବ

▶▶ ପତଞ୍ଜଳିର ସ୍ପଷ୍ଟ ଚିନ୍ତାଧାରା, ନୀତି ଏବଂ ଉଦ୍ଦେଶ୍ୟ ହେଉଛି ଦେଶ ଆମର ପରିବାର: ଆଚାର୍ଯ୍ୟ ବାଳକୃଷ୍ଣ

**ହରିଦ୍ୱାର, ୯।୮/ଏଜେନ୍ସି:** ଧରାଳି ଉତ୍ତରକାଶୀରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ପତଞ୍ଜଳି ଯୋଗପୀଠ ସହାୟତାର ହାତ ବଢାଇଛି। ପତଞ୍ଜଳି ଯୋଗପୀଠର ପରମାଧ୍ୟକ୍ଷ ସ୍ୱାମୀ ରାମଦେବ, ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଳକୃଷ୍ଣ, ଏବଂ ପତଞ୍ଜଳି ଫୁଡ୍ସର ଏମ୍‌ଡି ରାମଭାରତ ପ୍ରଥମେ ଉତ୍ତରକାଶୀର ଧରାଳିକୁ ୩ ଟ୍ରକ ବିପର୍ଯ୍ୟୟ ରିଲିଫ୍ ସାମଗ୍ରୀ ପଠାଇଥିଲେ ଏବଂ ଏହି ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମସ୍ତ ଦେଶବାସୀଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ।

ସ୍ୱାମୀ ରାମଦେବ କହିଛନ୍ତି ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଜୀବନ କେହି ଫେରାଇ ଆଣିପାରିବେ ନାହିଁ, କିନ୍ତୁ ବନ୍ୟା ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ପ୍ରାୟ ୫୦୦ ପରିବାରର ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ଯଥା ଅଟା, ଚାଉଳ, ଡାଲି, ଲୁଣ,

### ରକ୍ଷା ବନ୍ଧନରେ ସୁରକ୍ଷା ପାଇଁ ପ୍ରତିଜ୍ଞା

ମସଲା, ବର୍ଷାରୁ ରକ୍ଷା ପାଇଁ ତାରପାଲିନ୍, ବାସନକୁସନ, ଟୁଥପେଷ୍ଟ, ବ୍ରଶ୍, ସାବୁନ ଇତ୍ୟାଦି ହର୍ଷିଲ, ଧରାଳିକୁ ପଠାଯାଉଛି। ସେ କହିଛନ୍ତି ଯେ ପାଗ ଅନୁକୂଳ ହେଲେ ବିପର୍ଯ୍ୟୟ ପୀଡିତଙ୍କୁ ଅଧିକ ସାହାଯ୍ୟ ଯୋଗାଇ ଦିଆଯିବ। ଏହି ଅବସରରେ ସେ କେବଳ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ନୁହେଁ ବରଂ ବଡ଼ ବଡ଼ ସ୍ୱଦେଶୀ କମ୍ପାନୀଗୁଡ଼ିକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଏହି କମ୍ପାନୀଗୁଡ଼ିକ କେବଳ ଟଙ୍କା ରୋଜଗାର କରିବା ପାଇଁ ଉତ୍ତରାଖଣ୍ଡକୁ ଆସିଥାନ୍ତି, ଯେତେବେଳେ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ସାହାଯ୍ୟର ହାତ ବଢାଇବା ଉଚିତ୍। ଏହି ପରିପ୍ରେକ୍ଷୀରେ ସ୍ୱାମୀ ରାମଦେବ ସମସ୍ତ ଦେଶବାସୀଙ୍କୁ ଆମେରିକାର ଗୁଣ୍ଡାଗିରି ବିରୁଦ୍ଧରେ ଏକତ୍ର ହେବାକୁ ନିବେଦନ କରିଥିଲେ। ରାମଦେବଙ୍କ କହିବାନୁସାରେ ବର୍ତ୍ତମାନ ସମୟରେ ପ୍ରତ୍ୟେକ ଭାରତୀୟ ସ୍ୱଦେଶୀ ଗ୍ରହଣ କରିବାର ପ୍ରତିଜ୍ଞା ନେବା ଉଚିତ୍। ଭାରତର ଆର୍ଥିକ ଅବସ୍ଥାକୁ ମଜବୁତ କରିବା, ଟଙ୍କାକୁ ମଜବୁତ କରିବା ଏବଂ ଡଲାରର ଦୁଷ୍ଟଚକ୍ରକୁ ଭାଙ୍ଗିବା ପାଇଁ ପ୍ରତିଜ୍ଞା ନେବା ଉଚିତ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତ, ସ୍ୱଦେଶୀ ଭାରତ ମନ୍ତ୍ରକୁ ଦେଶବାସୀ ଗ୍ରହଣ କରନ୍ତୁ, ସ୍ୱଦେଶୀ ମାଧ୍ୟମରେ ଆତ୍ମନିର୍ଭରଶୀଳତାର ପ୍ରତିଜ୍ଞା ନିଅନ୍ତୁ। ଆମେ ସ୍ୱଦେଶୀର ପଥ ଅନୁସରଣ କଲେ ହିଁ ଭାରତର ମୁଦ୍ରା, ଜିଡିପି ଏବଂ ଅର୍ଥନୀତିକୁ ସୁଦୃଢ଼ କରିପାରିବା। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଶିକାର ହେଉଥିବା ଉତ୍ତରାଖଣ୍ଡରେ ଜନବସତି କିପରି ହେବା ଉଚିତ୍ ସେ ବିଷୟରେ ଚିନ୍ତା କରିବାକୁ ପଡିବ, ଆତ୍ମନିରୀକ୍ଷଣ କରିବାକୁ ପଡିବ ବୋଲି ସ୍ୱାମୀ ରାମଦେବ କହିଛନ୍ତି।

ଏହିମର୍ମରେ ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ ରକ୍ଷାବନ୍ଧନର ଅର୍ଥ ହେଉଛି ଆମେ ଆମର ସାମର୍ଥ୍ୟ ଅନୁସାରେ ଆମର ଭଉଣୀମାନଙ୍କୁ କିମ୍ବା ସମାଜର ଯେକୌଣସି ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ଉଚିତ୍। ସେହିପରି ଉତ୍ତରାଖଣ୍ଡରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ପତଞ୍ଜଳି ଦୃଢ଼ ଭାବେ ଛିଡା ହୋଇଛି। ଆଚାର୍ଯ୍ୟ କହିଥିଲେ ଯେ ୨୦୦୪ ସୁନାମି, ୨୦୦୮ ରେ ବିହାର ବନ୍ୟା, ୨୦୧୩ ରେ କେଦାରନାଥ, ୨୦୧୩ ରେ ଉତ୍ତରାଖଣ୍ଡ ବନ୍ୟା ଠାରୁ ନେପାଳ ଭୂମିକମ୍ପ ଦୁର୍ଘଟଣା ପର୍ଯ୍ୟନ୍ତ, ପତଞ୍ଜଳି ପ୍ରଭାବିତଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଥମେ ଆଗେଇ ଆସିଛି। ଆମର ଏହି ପ୍ରତିବଦ୍ଧତା ଭବିଷ୍ୟତରେ ମଧ୍ୟ ଜାରି ରହିବ। ସେ କହିଥିଲେ ଯେ ଏହି ପ୍ରତିବଦ୍ଧତା କେବଳ ଆମର ନୁହେଁ ବରଂ ସମସ୍ତ ଦେଶବାସୀଙ୍କର ହେବା ଉଚିତ।

ରକ୍ଷାବନ୍ଧନ ଉତ୍ସବ ଅବସରରେ ପତଞ୍ଜଳି ଯୋଗପୀଠରେ ଶ୍ରାବଣୀ ଉପକର୍ମ, ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା ଯେଉଁଠାରେ ଭଉଣୀ ରେଣୁ ଶ୍ରୀବାସ୍ତବ, ସାଧ୍ୱୀ ଦେବପ୍ରିୟା, ଡକ୍ଟର ରୀତାମ୍ଭରା ଶାସ୍ତ୍ରୀ, ଭଉଣୀ ଅଂଶୁଲ, ଭଉଣୀ ପାରୁଲ ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍‌ର ଛାତ୍ରମାନଙ୍କ ସହିତ ଏବଂ ସନ୍ୟାସିନୀ ଭଉଣୀମାନେ ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଳକୃଷ୍ଣ ଜୀଙ୍କୁ ରାକ୍ଷୀ ବାନ୍ଧି ସୁରକ୍ଷାର ଆଶୀର୍ବାଦ ନେଇଥିଲେ। ଏହା ସହିତ, ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍‌ର ଛାତ୍ରମାନଙ୍କର ଉପନୟନ ସଂସ୍କାର କରାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra